ବର୍ଷ-୨୬, ସଂଖ୍ୟା-୨୫୬
ଭୁବନେଶ୍ୱର
ସେପ୍ଟେମ୍ବର, ୨୩, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 256
Bhubaneswar
September, 23, 2026, Wednesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଆସୁଛି ବଡ଼ ବର୍ଷା

## ଲଘୁଚାପ ଗଭୀର ଅବପାତରେ ପରିଣତ

## ଏକାଧିକ ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର୨୨।୯(ମହାଭାରତ): ପଶ୍ଚିମ-କେନ୍ଦ୍ରୀୟ ଏବଂ ଏହାର ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଅବପାତ ସୃଷ୍ଟି ହୋଇଛି। ଏହା ପଶ୍ଚିମ ଆଡ଼କୁ ଗତି କରି ଆଜି ସକାଳ ୮ଟା ୩୦ରେ ଅକ୍ଷାଂଶ ୧୭.୯° ଉତ୍ତର ଏବଂ ଦ୍ରାଘିମା ୮୬.୦° ପୂର୍ବ ନିକଟରେ କେନ୍ଦ୍ରୀଭୂତ ହୋଇଛି। ଏହା ଗୋପାଳପୁର (ଓଡ଼ିଶା)ର ଦକ୍ଷିଣ-ପୂର୍ବରେ ପ୍ରାୟ ୨୦୦ କିମି, କଳିଙ୍ଗପଟ୍ଟନମ୍ (ଆନ୍ଧ୍ରପ୍ରଦେଶ)ର ପୂର୍ବ-ଦକ୍ଷିଣପୂର୍ବରେ ୨୦୦ କିମି, ପୁରୀ (ଓଡ଼ିଶା)ର ଦକ୍ଷିଣରେ ୨୧୦ କିମି ଏବଂ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ)ର ପୂର୍ବରେ ୨୯୦ କିମି ଦୂରରେ ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହୋଇଛି।

କ୍ରମାଗତ ଭାବେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଏହା ଏକ ଗଭୀର ଅବପାତ ରୂପେ ୨୩ ତାରିଖ ରାତିରୁ ୨୪ ସେପ୍ଟେମ୍ବର ୨୦୨୬ ପ୍ରାକ୍ ପ୍ରତ୍ୟୁଷ ମଧ୍ୟରେ ବିଶାଖାପାଟଣା ଏବଂ ଗୋପାଳପୁର ମଧ୍ୟବର୍ତ୍ତୀ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି।



ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଉପକୂଳ ଓଡିଶା ଏବଂ ଦକ୍ଷିଣ ଓଡିଶାରେ ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ।

ପ୍ରବଳ ବର୍ଷା ଆଶଙ୍କାକୁ ନେଇ ପୁରୀ ଜିଲ୍ଲା ପ୍ରଶାସନର ବଡ ନିଷ୍ପତ୍ତି। ଆସନ୍ତାକାଲି ୨୩/୦୯/୨୬ ରିଖ ମଙ୍ଗଳବାର ଦିନ ପୁରୀ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲରେ ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ କ୍ଲାସ ବନ୍ଦ ରହିବ। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ପୁରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଏହି ସୂଚନା ଜାରି କରିଛନ୍ତି।ତେବେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସ୍କୁଲରେ ଉପସ୍ଥିତ ରହି ପେଣ୍ଡିଂ କାମ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ବଙ୍ଗୋପସାଗରରେ ଗଭୀର ଅବପାତଜନିତ ବର୍ଷା ନେଇ ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆଜି ସନ୍ଧ୍ୟା ଠାରୁ ରାତି ଭିତରେ ଅବପାତ ଗଭୀର ରୂପ ନେବ। ଏହା ପଶ୍ଚିମ ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୩ ତାରିଖ ରାତିରେ ଉପକୂଳ ଛୁଇଁବ। ବିଶାଖାପାଟଣା ଓ ଗୋପାଳପୁର ମଧ୍ୟ ଦେଇ ଅବପାତ ଉପକୂଳ ଅତିକ୍ରମ କରିବ। କିନ୍ତୁ ଉପକୂଳକୁ ଆସିଲା ବେଳେ ଗଭୀର ଅବପାତର ଗତି କମିଯିବ। ଅଧିକ ସମୟ ଦକ୍ଷିଣ ଓଡ଼ିଶା ଏବଂ ଉପକୂଳ ଓଡିଶାରେ ରହିବାରୁ ଅଧିକ ବର୍ଷିବ। ୨୪ ତାରିଖ ବେଳକୁ ଉପକୂଳରେ ବର୍ଷା କମିବ। ଆଭ୍ୟନ୍ତରରେ ଅଧିକ ବର୍ଷିବ। ପରେ ଏହା ଉତ୍ତର ଉତ୍ତରପଶ୍ଚିମ ହୋଇ ଛତିଶଗଡ଼ ଅଭିମୁଖେ ଗତି କରିବ। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଓ ମାଟିଅଟତ୍ତା ଖସିବାର ଆଶଙ୍କା ରହିଛି। ସେହିପରି ଧାନ ସହିତ ଓ ଅନ୍ୟ ଫସଲ ନଷ୍ଟ ହୋଇପାରେ। କୋରାପୁଟରେ ସମସ୍ତ ସ୍କୁଲକୁ ଦୁଇ ଦିନ ପାଇଁ ବନ୍ଦ ଘୋଷଣା କରାଯାଇଥିବା ବେଳେ ଗଞ୍ଜାମରେ ସ୍କୁଲ ସମେତ ସମସ୍ତ ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭାଗଗୁଡ଼ିକୁ ଗୋଟିଏ ଦିନ ପାଇଁ ବନ୍ଦ ରଖିବାକୁ ଆଦେଶ ହୋଇଛି। ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ସବୁ ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି।

# ଆରମ୍ଭରୁ ହଟ୍ଟଗୋଳ, ରାଜରାସ୍ତାରେ ଗର୍ଜନ

## ଏମଏମଡିଆର୍ ଓ ପାଠ୍ୟପୁସ୍ତକ ତ୍ରୁଟି ବିବାଦରେ କମ୍ପିଲା ଗୃହ, ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ

ଭୁବନେଶ୍ୱର, ୨୨।୯(ମହାଭାରତ): ଆଜିଠୁ ଆରମ୍ଭ ହୋଇଥିବା ଓଡିଶା ବିଧାନସଭାର ମୌସୁମୀ ଅଧିବେଶନ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ବାଧାପ୍ରାପ୍ତ ହୋଇଛି। ଗୃହରେ ଶୋକପ୍ରସ୍ତାବ ପାରିତ ହେବାପରେ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନଙ୍କ ହଟ୍ଟଗୋଳ ଯୋଗୁ ଗୃହ ଚାଲିବା ସମ୍ଭବପର ହୋଇପାରିନାହିଁ। କଂଗ୍ରେସ ଏମଏମଡିଆର ଆକ୍ଟ ପ୍ରସଙ୍ଗରେ ଓ ବିଜେଡି ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗୃହ ଭିତରେ ହଟ୍ଟଗୋଳ କରି ରାଜ୍ୟର ବିଜେପି ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ବିଜେଡି ବିଧାୟକମାନେ ବିଧାନସଭାରୁ ଚାଲିଚାଲି ଯାଇ ଲୋୟର ପିଏମଜିଠାରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଚାଲିଥିବା ଧାରଣାରେ ସାମିଲ ହୋଇଥିଲେ।

ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ଆଜି ପୂର୍ବାହ୍ନ ୧୧ଟାରେ ବାଚସ୍ପତି ସୁରମା ପାଢ଼ୀ ଗୃହରେ ପହଂଚିବା ପରେ ବନ୍ଦେ ମାତରମ୍ ଓ ଜାତୀୟ ସଙ୍ଗୀତ ଗାନ ସହ ଆରମ୍ଭ ହୋଇଥିଲା। ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ସଦସ୍ୟଙ୍କ ସମେତ ନେପାଳ ଜଳପ୍ରଳୟରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ସମ୍ମାନରେ ଶୋକପ୍ରସ୍ତାବ ଆଗତ କରିଥିଲେ। ସେହି ଦିବଂଗତଙ୍କ ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇ ନେତା ଲକ୍ଷ୍ମଣ ମୁଣ୍ଡା ଓ ବାଚସ୍ପତି ଶ୍ରୀମତୀ ପାଢ଼ୀ ଶୋକ ବ୍ୟକ୍ତ କରିଥିଲେ । ପରେ ଗୃହରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

ଶୋକ ପ୍ରସ୍ତାବ ଶେଷ ହେବାମାତ୍ରେ ଗୃହର ବାତାବରଣ ସରଗରମ ହୋଇପଡିଥିଲା। ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। କଂଗ୍ରେସ ବିଧାୟକମାନେ ଏମଏମଡିଆର ଆକ୍ଟ ଓ ବିଜେଡି ବିଧାୟକମାନେ



ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହଟ୍ଟଗୋଳ କରିଥିଲେ । ଫଳରେ ବାଚସ୍ପତି ଗୃହକୁ ୧୧.୩୮ ମିନିଟରେ ଦିନ ୧ଟା ୧୦ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ତେବେ ଗୃହ ପୁଣିଥରେ ୧ଟା ୧୦ମିନିଟରେ ଆରମ୍ଭ ହେବାମାତ୍ରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ ଧରି ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଗୃହ ପରିଚାଳନା ସମ୍ଭବପର ନହେବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୧ଟା ୧୧ମିନିଟରେ ପୁଣିଥରେ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୃହ ମୁଲତବୀ ହେବାପରେ ବିଜେଡି ବିଧାୟକମାନେ ଚାଲିଚାଲି ଲୋୟର ପିଏମଜିଠାରେ ଧାରଣାସ୍ଥଳକୁ ଯାଇ ବିଜେଡିର ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ଚାଲିଥିବା ଧାରଣାରେ ସାମିଲ ହୋଇଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରି କହିଥିଲେ ଯେ, ବିଜେପି ସରକାରର ମନ୍ତ୍ରୀମାନେ କାଲ, ମୂକ ଓ ବଧିର ସାଜିଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ୧୬୭୮ଟି ସାଂଘାତିକ ଭୁଲ ରହିବା, ଓଡିଶା ବିଧାନସଭାର ଭୁଲ ଫଟୋ ଛାପିବା ଓ ଓଡିଆ ବର୍ଣ୍ଣମାଳା ବିଭ୍ରାଟ ଯୋଗୁ କୋଟିକୋଟି ଟଙ୍କା ପାଣିରେ ପଡିଥିଲେ ମଧ୍ୟ ସରକାର କେବଳ ଅଫିସରଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଚେଷ୍ଟା କରୁଛନ୍ତି। ଏହାର ନୈତିକ ଉତ୍ତରଦାୟିତ୍ୱ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଅନ୍ତୁ ଓ ସେ ଇସ୍ତଫା ନଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି ଉଭୟ ବିଜେପି ଓ ବିଜେଡିକୁ କଡା ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ବିଜେଡି ଏହି ପାଠ୍ୟପୁସ୍ତକ ଓ ଏମଏମଡିଆର୍ ପ୍ରସଙ୍ଗକୁ ଗୃହରେ ଦୃଢ଼ତାର ସହ ନଉଠାଇ କେବଳ ଲୋକଦେଖାଣିଆ ରାଜନୀତି କରୁଛି। କେନ୍ଦ୍ର ସରକାର ଏମଏମଡିଆର୍ ସଂଶୋଧନ ଆଇନ ମାଧ୍ୟମରେ ଓଡିଶାର ଖଣିଜ ସମ୍ପଦ ଓ ଟିକସ ଆଦାୟ କ୍ଷମତାକୁ ଛଡାଇ ନେଇଥିବାବେଳେ ବିଜେଡି କେବଳ ଚିଠି ଲେଖି ଚୁପ୍ ବସିଯାଇଛି। ଯଦି ରାଜ୍ୟର ଏକ ଲକ୍ଷ କୋଟି ଟଙ୍କା କ୍ଷତି ହେଉଛି ତା'ହେଲେ ବିଧାନସଭା କାହିଁକି ଚାଲିବ। ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ଏହି ଲଢ଼ ଜାରି ରଖିବ ଓ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବାକୁ ବାଧ୍ୟ ହେବେ ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ସରକାର ସମସ୍ତ ବିଷୟରେ ଗୃହରେ ଆଲୋଚନା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ତ୍ରୁଟିପୂର୍ଣ୍ଣ ବହି ପାଇଁ ଦାୟୀ ଥିବା ଅଧିକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିସହ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ସଂଶୋଧିତ ପୁସ୍ତକ ବଣ୍ଟନ କରାଯାଇସାରିଛି ଓ କୌଣସି ପିଲା ସଠିକ୍ ପାଠରୁ ବଂଚିତ ହେବେନାହିଁ।

## ଅକ୍ଟୋବରରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୨।୯(ମହାଭାରତ): ଆସନ୍ତା ଅକ୍ଟୋବର ୨୭ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସାଂସଦ ନବ ଚରଣ ମାଝୀ ସୂଚନା ଦେଇଛନ୍ତି।



ସେ କହିଛନ୍ତି, 'ଅକ୍ଟୋବର ୨୭ରେ ରାଇରଙ୍ଗପୁର ଗସ୍ତ କରିବେ ଏବଂ ୨୮ରେ ଫେରିଯିବେ। ଏହି ଗସ୍ତ ମଧ୍ୟରେ ରାଷ୍ଟ୍ରପତି ମେଗା ଚକ୍ଷୁ ଚିକିତ୍ସା ଶିବିର କାର୍ଯ୍ୟକ୍ରମରେ ସାମିଲ ହେବେ । ସୂଚନା ଅନୁଯାୟୀ ଆସନ୍ତା ଅକ୍ଟୋବର ୨୬ରୁ ୩୦ ଯାଏଁ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଆଉ ଏହି ମେଗା ଚକ୍ଷୁ ଚିକିତ୍ସା ଶିବିର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ସାମିଲ ହେବେ। ଏହି ଶିବିରରେ ଦିଲ୍ଲୀର ୧୦୦ରୁ ଊର୍ଦ୍ଧ୍ୱ ଚକ୍ଷୁ ବିଶେଷଜ୍ଞ ଲୋକଙ୍କ ମାଗଣା ଚିକିତ୍ସା କରିବେ। ତେବେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ନିଶ୍ଚିତ କରାଯାଇନାହିଁ।

## ସର୍ବଣା ବିବେକ ଏମ୍ ଭୁବନେଶ୍ୱର ଡିସିପି

ଭୁବନେଶ୍ୱର, ୨୨।୯(ମହାଭାରତ): ସରକାର ଆଜି ଆଇପିଏସ୍‌ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ବ୍ରହ୍ମପୁର ଏସ୍‌ପି ଥିବା ୨୦୧୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡ. ସର୍ବଣା ବିବେକ ଏମ୍‌ଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଛି। ଜଗମୋହନ ମୀନା ଚାକିରି ଛାଡି ଦେବା ପରେ ଏହି ପଦବୀ ଖାଲି ପଡିଥିଲା।



ଢେଙ୍କାନାଳ ଏସ୍‌ପି ଅଭିନବ ସୋନକରଙ୍କୁ ବ୍ରହ୍ମପୁର ଏସ୍‌ପି ଭାବେ ବଦଳି କରାଯାଇଛି। ସେ ହେଉଛନ୍ତି ୨୦୧୯ ବ୍ୟାଚ୍‌ର ଆଇପିଏସ୍ ଅଫିସର। ପାରାଦୀପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଅତିରିକ୍ତ ଏସ୍‌ପି) ଥିବା ୨୦୨୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅଜିଙ୍କ୍ୟ ବି. ମାନେଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ବଦଳି କରାଯାଇଛି।

ରାଜ୍ୟ ଆରକ୍ଷୀ ମୁଖ୍ୟାଳୟରେ ସହକାରୀ ଆରକ୍ଷୀ ଅଧୀକ୍ଷକ ଥିବା ଏ.ବି ଶିକ୍ଷାଙ୍କୁ ବରଗଡର ଏସ୍‌ଡିପିଓ ଭାବେ ବଦଳି କରାଯାଇଥିବା ନେଇ ଗୃହ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି।

ମାତ୍ର ୧୩ ବର୍ଷ ଚାକିରି କରିବା ପରେ ଆଇପିଏସ୍ ଅଫିସର ଜଗମୋହନ ମୀନା ଚାକିରି ଛାଡି ଦେବା ନେଇ ଯେତିକି ଚର୍ଚ୍ଚାରେ ଥିଲେ ବ୍ରହ୍ମପୁରର ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡର ତଦନ୍ତକୁ ନେଇ ତା'ଠାରୁ ଅଧିକ ଚର୍ଚ୍ଚାରେ ରହିଆସିଛନ୍ତି ଆଇପିଏସ୍ ସର୍ବଣା ବିବେକ ଏମ୍। କାରଣ ଏହି ମାମଲାରେ ସେ ଜଣେ ହାଇପ୍ରୋଫାଇଲ ବିଜେଡି ନେତା ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଅଭିଯୁକ୍ତ କରାଯାଇଛି ଓ ସେ ଗିରଫ ହୋଇ ଜେଲ୍‌ରେ ପ୍ରାୟ ୧୦ ମାସ ରହିବା ପରେ ଜାମିନ୍‌ରେ ଆସିଛନ୍ତି।

## ଏସିଆନ ଗେମ୍ସରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୨।୯(ମହାଭାରତ): ଜାପାନରେ ଚାଲିଥିବା ଏସିଆନ ଗେମ୍ସରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ। ଆଜି ଭାରତୀୟ ମହିଳା କ୍ରିକେଟ ଟିମ୍ ଦେଶ ପାଇଁ ଜିତିଛି ସ୍ୱର୍ଣ୍ଣ ପଦକ। ସ୍ୱର୍ଣ୍ଣ ପଦକ ମୁକାବିଲାରେ ହରମନପ୍ରୀତ କୌରଙ୍କ ଭାରତୀୟ ଦଳ ଏକତରଫା ଭାବେ ଶ୍ରୀଲଙ୍କାକୁ ହରାଇ ଦେଇଛି।ଭାରତ ଏସିଆନ ଗେମ୍ସ ରେକର୍ଡ ସହ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୧୬ ରନ



କରିଥିଲା। ଏହାର ଜବାବରେ ଶ୍ରୀଲଙ୍କାର ପୂରା ଟିମ ୧୦୦ ରନ ମଧ୍ୟ କରିପାରି ନାହିଁ।ଶ୍ରୀଲଙ୍କା ସମସ୍ତ ୱିକେଟ ହରାଇ ୧୫.୪ ଓଭରରେ କେବଳ ୬୯ ରନ କରିପାରିଛି। ଭାରତୀୟ ମହିଳା କ୍ରିକେଟ ଟିମ ଏହି ମ୍ୟାଚ୍‌କୁ ବିଶାଳ ୧୪୭ ରନରେ ଜିତି ସ୍ୱର୍ଣ୍ଣ ପଦକ ନିଜ ପାଖରେ ରଖିବାକୁ ସକ୍ଷମ ହୋଇଛି। ୩ ବର୍ଷ ତଳେ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସର ୧୯ତମ ସଂସ୍କରଣରେ ମଧ୍ୟ ଭାରତୀୟ ମହିଳା ଟିମ ସ୍ୱର୍ଣ୍ଣ ପଦକ ଜିତିଥିଲା। ୨୦୨୬ରେ ମଧ୍ୟ ଡିଫେଣ୍ଡିଂ ଚାମ୍ପିୟନ ଅପରାଜେୟ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତକୁ ଦମଦାର ଷ୍ଟାର୍ଟ ଦେଇଥିଲେ ସ୍ମୃତି ମନ୍ଧାନା ଓ ଶେଫାଳୀ ବର୍ମା। ଉଭୟ ପ୍ରଥମେ ୱିକେଟ ପାଇଁ ୯.୫ ଓଭରରେ ୯୯ ରନ କରିଥିଲେ। ମନ୍ଧାନା ସର୍ବାଧିକ ୭୯ ରନ୍ କରିଥିଲେ।

## ହର୍ମୁଜ ଖୋଲିବାକୁ ରାଜି ହେଲା ଇରାନ

ନୂଆଦିଲ୍ଲୀ୨୨।୯(ମହାଭାରତ): ଇରାନ-ଆମେରିକା ଯୁଦ୍ଧ ପାଇଁ ଦୀର୍ଘ ମାସ ଧରି ବନ୍ଦ ରହିଥିବା ହର୍ମୁଜ ଜଳପ୍ରଣାଳୀକୁ ଖୋଲିବାକୁ ଇରାନ ରାଜି ହୋଇଛି । କିନ୍ତୁ ଏଥିପାଇଁ ଆମେରିକା ସାମ୍ନାରେ ବଡ଼ ସର୍ତ୍ତ ରଖିଛି । ଯଦି ଆମେରିକା ସାମରିକ ଚାପ ହ୍ରାସ କରେ ତେବେ ଇରାନ ହର୍ମୁଜ ପ୍ରଣାଳୀକୁ ଖୋଲିବାକୁ ପ୍ରସ୍ତୁତ ଜଣେ ବରିଷ୍ଠ ଅଧିକାରୀ ଆମେରିକାକୁ ସ୍ପଷ୍ଟ ସଙ୍କେତ ଦେଇଛନ୍ତି । ସମ୍ବାଦ ସରବରାହ ସଂସ୍ଥା 'ରଏଟର୍ସ' ଅନୁଯାୟୀ, ମିଳିତ ଜାତିସଂଘ ସାଧାରଣ ସଭା ପାଇଁ ନ୍ୟୁୟର୍କ ଆସିଥିବା ଇରାନୀ ପ୍ରତିନିଧି ଦଳକୁ ଆମେରିକା ସହିତ ଅଟକି ରହିଥିବା କୂଟନୈତିକ ଆଲୋଚନା ପୁନର୍ବାର ଆରମ୍ଭ କରିବା ପାଇଁ ସମ୍ପୂର୍ଣ୍ଣ ଅଧିକାର ଦିଆଯାଇଛି । ହର୍ମୁଜ ପ୍ରଣାଳୀ ପାଇଁ ପୁଣି ଥରେ ଆମେରିକା ସହିତ ଆଲୋଚନା କରିବାକୁ ସହମତି ଦେଇଛି । ଇରାନ ଦ୍ୱାରା ରଖାଯାଇଥିବା ଏହି ସର୍ତ୍ତ ପରେ, ବର୍ତ୍ତମାନ ସମସ୍ତଙ୍କ ନଜର ଆମେରିକାର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି। ୨ ମାର୍ଚ୍ଚ ୨୦୨୬ରୁ ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ହରମୁଜ୍ ପ୍ରଣାଳୀ ମୁଖ୍ୟତଃ ବନ୍ଦ ରହିଛି। ଇରାନ ଏବଂ ଆମେରିକା ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ପରେ ଇରାନୀ ସେନା ଏହି ରଣନୈତିକ ସାମୁଦ୍ରିକ ପଥକୁ ବନ୍ଦ କରିବାକୁ ଘୋଷଣା କରିଥିଲା।

# ଭିଜିଲାନ୍ସ ଜାଲରେ ପଞ୍ଚାୟତ ନିର୍ବାହୀ ଅଧିକାରୀ

## ୩୦ ପ୍ଲଟ, ୨ କୋଠା, ମାର୍କେଟ୍ କଂପ୍ଲେକ୍ସ ଓ ଗୋଦାମ ଠାବ; ନଗଦ ୩ ଲକ୍ଷ ଜବତ

ଭୁବନେଶ୍ୱର, ୨୨।୯(ମହାଭାରତ): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ବରଗଡ଼ ଜିଲ୍ଲା କଟାଭାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ତ୍ତିକେଶ୍ୱର ବେହେରାଙ୍କ ବାସଭବନ ସମେତ ୬ଟି ଠିକଣାରେ ଚାଉ କରିଛି ଭିଜିଲାନ୍ସ। ଚାଉ ଜାରି ରହିଥିବା ବେଳେ ତାଙ୍କଠାରୁ ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ। ତାଙ୍କ ସଂପତ୍ତି ମଧ୍ୟରେ ରହିଛି ୩୦ଟି ପ୍ଲଟ୍, ଦୁଇଟି ବହୁତଳ କୋଠା, ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଓ ଗୋଟିଏ ଗୋଦାମ। ସେହିପରି ତାଙ୍କ ଘରୁ ନଗଦ ୨ ଲକ୍ଷ ୯୮ ହଜାର ୧୭୭ ଟଙ୍କା ଜବତ କରାଯାଇଛି ।ପିଇଓ କାର୍ତ୍ତିକେଶ୍ୱର ବେହେରାଙ୍କ ଦୁଇଟି ବହୁତଳ କୋଠା ମଧ୍ୟରୁ ଗୋଟିଏ ଗାଇସିଲେଟ ନିକଟସ୍ଥ କନ୍ଦାଗାଡରେ ଅଛି, ଯାହା ପ୍ରାୟ ୪୮୦୦ ବର୍ଗଫୁଟ ଜାଗା ଉପରେ ନିର୍ମାଣ ହୋଇଛି। ସେହିପରି ଗାଇସିଲେଟରେ ତାଙ୍କର ଏକ ୪ ମହଲା କୋଠା ନିର୍ମାଣାଧୀନ ରହିଛି। କନ୍ଦାଗାଡରେ ତାଙ୍କର ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ଏହା ୨୪୦୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି। ସେହିପରି ସେଠାରେ ତାଙ୍କ ଏକ ଗୋଦାମ ଅଛି, ଯାହା ୧୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ତାଙ୍କର ପ୍ଲଟଗୁଡିକ ଗାଇସିଲେଟ ଓ କନ୍ଦାଗାଡରେ ଅଛି। ଏଗୁଡିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଜାରି ରହିଛି।



ଏସବୁ ବାଦ୍ ତାଙ୍କର ଅନ୍ୟାନ୍ୟ ଜମା ଓ ନିବେଶ ରହିଛି। ସେଗୁଡିକର ଯାଞ୍ଚ ଜାରି ରହିଛି। ବର୍ତ୍ତମାନ ମାସିକ ୫୨ ହଜାର ୩୨୦ ଟଙ୍କା ବେତନ ପାଉଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ତ୍ତିକେଶ୍ୱର ବେହେରା ଗାଇସିଲେଟ ପଞ୍ଚାୟତର ସେକ୍‌ରେଟାରୀ ଭାବେ ସରକାରୀ ଚାକିରୀ ଆରମ୍ଭ କରିଥିଲେ। ସେତେବେଳେ ତାଙ୍କର ପ୍ରାରମ୍ଭିକ ଦରମା ଥିଲା ୫୦୦ ଟଙ୍କା। ୨୦୦୯ରେ ସେ ଭିଏଲ୍‌ଡବ୍ଲ୍ୟୁ ଭାବେ ପଦୋନ୍ନତି ପାଇଥିଲେ। ୨୦୧୨ରେ ସେ ପିଇଓ ହେଲେ। ୨୦୨୪ରୁ ସେ କଟାଭାଲରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହା ସହିତ ତାଙ୍କୁ ଗାଇସିଲେଟ ବ୍ଲକ୍‌ର ଫିରିଙ୍ଗମାଲ ସମେତ ଆଉ ଏକ ଗ୍ରାମ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ସେ ବରଗଡ ଜିଲ୍ଲାରେ ୩୦ରୁ ଅଧିକ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି।

## ସୁପ୍ରିମକୋର୍ଟରେ ଡିଜିପି ଚୟନ ବିବାଦ

# ଅସ୍ଥାୟୀ ଡିଜି ପଦବୀ ସୃଷ୍ଟିକୁ ନେଇ ଉଠିଲା ପ୍ରଶ୍ନ, ଆଜି ବି ହେବ ଶୁଣାଣି

ନୂଆଦିଲ୍ଲୀ, ୨୨।୯(ମହାଭାରତ): ରାଜ୍ୟର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ଚୟନ ପ୍ରକ୍ରିୟାର ସାମ୍ବିଧାନିକ ଓ ପ୍ରଶାସନିକ ବୈଧତାକୁ ନେଇ ଆଜି ସୁପ୍ରିମକୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଘଂନ, ଜଣେ ବରିଷ୍ଠ ଆଇପିଏସ ଅଫିସରଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ ରୋକିବା, ଦୁଇଟି ଅସ୍ଥାୟୀ ଏକ୍ସ କ୍ୟାଡର ଡିଜି ପଦବୀ ସୃଷ୍ଟି ଓ 'ଜୋନ୍ ଅଫ କନସିଡରେସନ୍'କୁ ନେଇ ଆଜି କୋର୍ଟରେ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ଓ କରୁଣା ନନ୍ଦୀ। ଆସନ୍ତାକାଲି ମଧ୍ୟ ଏହି ଶୁଣାଣି ଜାରି ରହିବ ବୋଲି କୋର୍ଟ କହିଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ଆଗରେ ଆଜି ରାଜ୍ୟର ଡିଜିପି ନିଯୁକ୍ତି ପ୍ରକ୍ରିୟାକୁ ନେଇ ଆଗତ ମାମଲାର ପ୍ରାଥମିକ ଶୁଣାଣି ଆରମ୍ଭ ହୋଇଛି। ଶୁଣାଣିବେଳେ ସରକାରୀ କଳର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ଓକିଲ ଚିଦାମ୍ବରମ୍। ଖଣ୍ଡପୀଠଙ୍କ ସମ୍ମୁଖରେ ସେ ଯୁକ୍ତି ବି କହିଛନ୍ତି ଯେ, (ଚକ୍ଷୁସମର ଉଏ) ଡିଜିପି ପାହ୍ୟାରେ ଉପଲବ୍ଧ ଶୀର୍ଷ ତିନିଜଣ ଅଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ଅଯୋଗ୍ୟ ଦର୍ଶାଇ ପ୍ରକ୍ରିୟାରୁ ବାହାର କରିବା ଓ ତାଲିକାର ନିମ୍ନକ୍ରମରେ ଥିବା ଚତୁର୍ଥ କିମ୍ବା ପଂଚମ ସ୍ଥାନର ପସନ୍ଦର ଏଡିଜି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦେଇ 'ଜୋନ୍ ଅଫ କନ୍‌ସିଡରେସନ'କୁ ଆଣିବା ଉଦ୍ଦେଶ୍ୟରେ ସୁଚିନ୍ତିତ ଢଙ୍ଗରେ ବରିଷ୍ଠ ଆଇପିଏସ୍ ଅଫିସର ସୁଶାନ୍ତ ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ର (ଇଣ୍ଟିଗ୍ରିଟି ସାର୍ଟିଫିକେଟ୍) ରୋକିବା ଓ ଦୁଇଟି ଏକ୍ସ-କ୍ୟାଡର ପଦବୀ ସୃଷ୍ଟି କରାଯାଇଛି।

ଶ୍ରୀ ଚିଦାମ୍ବରମ ଆହୁରି ଦର୍ଶାଇଥିଲେ ଯେ, ନାଗାଲାଣ୍ଡ ମାମଲାର ରାୟ ଆଧାରରେ ଯଦି ତିନିଜଣ ଡିଜିପି ପାହ୍ୟା ଅଧିକାରୀଙ୍କ ଅଭାବ ଥାଏ ତେବେ ଯାଇ ନିମ୍ନ ପାହ୍ୟାର ଅଫିସରଙ୍କ ନାମ ବିଚାରକୁ ନିଆଯାଇପାରେ, କିନ୍ତୁ ଏଠାରେ ସଂଶୋଧିତ ତାଲିକାରେ ଡିଜିପି ପାହ୍ୟାର ତିନିଜଣ ଅଫିସର ଉପଲବ୍ଧ ଥାଇ ମଧ୍ୟ ସିବିଆଇର ଚିଠିକୁ ଆଧାର କରି ସୁଶାନ୍ତ ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ରକୁ ରୋକି ଦିଆଯାଇଛି। ସିବିଆଇ ପକ୍ଷରୁ ତାଙ୍କ ସାଧୁତା ବା ସଚ୍ଚୋଟତା ଉପରେ କୌଣସି ପ୍ରତିକୂଳ ଟିପ୍ପଣୀ ଦିଆଯାଇ ନଥିଲେ ହେଁ ରାଜ୍ୟ ସରକାର ତାଙ୍କର ସଚ୍ଚୋଟତା ପ୍ରମାଣପତ୍ର ଅଟକାଇବା ସହ ୟୁପିଏସସି ଚୟନ ବୈଠକକୁ ସ୍ଥଗିତ କରାଇଥିଲେ। ଏହାପରେ ଦୁଇଟି ଅସ୍ଥାୟୀ ଏକ୍ସ-କ୍ୟାଡର ଡିଜି ପଦବୀ ଗଠନ ପାଇଁ ରାଜ୍ୟର ଅନୁରୋଧକୁ କେନ୍ଦ୍ର ସରକାର ଅନୁମୋଦନ ଦେଇଥିଲେ। ଅଗଷ୍ଟ ୭ରେ ରାଜ୍ୟ ସରକାର ୟୁପିଏସସି ବୈଠକ ଘୁଂଚାଇବାକୁ କହିବା, ଅଗଷ୍ଟ ୮ରେ ଏକ୍ସକ୍ୟାଡର ଡିଜିପି ପଦବୀ ସୃଷ୍ଟି ପାଇଁ କେନ୍ଦ୍ରକୁ ପ୍ରସ୍ତାବ ପଠାଇବା, ଅଗଷ୍ଟ ୯ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମ୍ମତି ଦେବା ଓ ସେହିଦିନ ହିଁ ସଞ୍ଜିବ ପଣ୍ଡା ଓ ଯଶବନ୍ତ ଜେଠ୍ୱାଙ୍କୁ ପଦୋନ୍ନତି ପ୍ରଦାନ କରାଯିବା ଏକ ସୁଚିନ୍ତିତ ଚକ୍ରାନ୍ତ ବୋଲି ସେ ଅଭିଯୋଗ କରିଥିଲେ। ଏହି ସମୟରେ ଖଣ୍ଡପୀଠ ଘଟଣାକ୍ରମ ଓ ଏଡିଜି ପାହ୍ୟାରୁ ଡିଜିପି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବା ଅଫିସରଙ୍କ ଯୋଗ୍ୟତା ସମ୍ପର୍କରେ ପଚାରି ବୁଝିଥିଲେ। ଜଣେ ବରିଷ୍ଠ ଅଫିସରଙ୍କୁ ଏକ ସନ୍ଦେହଜନକ ପ୍ରତିକୂଳ ରିପୋର୍ଟ ଦେଖାଇ ତାଲିକାରୁ ହଟାଯିବା ନେଇ ଚିଦାମ୍ବରମ କହିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ସିବିଆଇର ପତ୍ର ଦେଖାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଚିଦାମ୍ବରମ ଯୁକ୍ତି ବାଢ଼ିଥିଲେ ଯେ ସିବିଆଇ ଚିଠିରେ ସୁଶାନ୍ତ ନାଥଙ୍କ ବିରୋଧରେ କୌଣସି ପ୍ରତିକୂଳ ତଥ୍ୟ ନାହିଁ, ବରଂ ଜଣେ ସାଧାରଣ ବ୍ୟକ୍ତି ମଧ୍ୟ ବିଶ୍ୱାସ କରିପାରିବ ନାହିଁ ଏପରି ଏକ ଆଳ ଦେଖାଇ ତାଙ୍କୁ 'ଜୋନ୍ ଅଫ୍ କନସିଡରେସନ୍'ରୁ ବାଦ୍ ଦିଆଯାଇଛି।ଫେବୃଆରୀ ୯ ତାରିଖରେ କେନ୍ଦ୍ର ସରକାର ଏହି ଏକ୍ସ କ୍ୟାଡର ଅସ୍ଥାୟୀ ଡିଜି ପଦବୀ ସୃଷ୍ଟି ପାଇଁ ପ୍ରତ୍ୟାଖ୍ୟାନ କରିଥିଲେ ରାଜ୍ୟ ସରକାର ପୁଣିଥରେ ପ୍ରସ୍ତାବ ଦେବାର ପରଦିନ ଏହାକୁ କେନ୍ଦ୍ର ସରକାର ଅନୁମୋଦନ କରିଥିଲେ। ସେହିପରି ସୁଶାନ୍ତ ନାଥଙ୍କ ପକ୍ଷରୁ ହାଜର ହୋଇ ବରିଷ୍ଠ ଓକିଲ କରୁଣା ନନ୍ଦୀ ଯୁକ୍ତି ବାଢ଼ିଥିଲେ ଯେ, ଦୀର୍ଘ ୩୨ ବର୍ଷର କ୍ଲିନ୍ ସର୍ଭିସ ରେକର୍ଡ, ରାଷ୍ଟ୍ରପତି ମେଡାଲ୍ ପାଇଥିବା ଓ ବାର୍ଷିକ ଚରିତ୍ର ପଞ୍ଜିକାରେ ଉଲ୍ଲେଖନୀୟ ରେକର୍ଡ ଥାଇ ମଧ୍ୟ କୌଣସି ଚାର୍ଜସିଟ୍ କିମ୍ବା ବିଭାଗୀୟ ତଦନ୍ତ ବିନା ତାଙ୍କର ଇଣ୍ଟିଗ୍ରିଟି ସାର୍ଟିଫିକେଟକୁ ରୋକାଯିବା ନ୍ୟାୟସଙ୍ଗତ ନୁହେଁ। ବରିଷ୍ଠତା ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ଏହି ଡିଜିପି ପାହ୍ୟାର ଅଫିସରଙ୍କୁ ନ୍ୟାୟ ଦେବା ପାଇଁ ସେ କୋର୍ଟଙ୍କ ହସ୍ତକ୍ଷେପ ଲୋଡିଥିଲେ।

# ଅନନ୍ତ ନାଗଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର

ଅହମ୍ମଦାବାଦ, ୨୨।୯: ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଗୁଜୁରାଟର ଏକତା ନଗରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ୨୦୨୪ ବର୍ଷ ପାଇଁ ପ୍ରଦତ୍ତ ଏହି ପୁରସ୍କାର ତାଲିକା ପୂର୍ବରୁ ଘୋଷିତ ହୋଇସାରିଥିଲା । ବରିଷ୍ଠ ଅଭିନେତା ଅନନ୍ତ ନାଗଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । 'ଆର୍ଟିକିଲ୍ ୩୭୦'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏଥିରେ ବଳିଷ୍ଠ ଅଭିନୟ ପାଇଁ ୟାମୀ ଗୌତମଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

## ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଋମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଋମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ । ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଲାନ୍ତୁ। ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



## ଗୀତା ମାହାତ୍ମ୍ୟ: ସ୍ୱଧର୍ମ କଲ୍ୟାଣକର

ଜୀବ ଅନାସକ୍ତ ହୋଇ ଈଶ୍ୱରଙ୍କଠାରେ ସମସ୍ତ କର୍ମ ଅର୍ପଣ କରି କର୍ମ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେବା ସହ ପ୍ରକୃତିର ନୀତି ନିୟମ ଅନୁସାରେ ନିଜ ଧର୍ମ ପାଳନ କରିବାକୁ ଉପଦେଶ ଦେଇଛନ୍ତି । ଯେଉଁ ମଣିଷ ଦୋଷଦୃଷ୍ଟି ରହିତ ହୋଇ ଶ୍ରଦ୍ଧାଯୁକ୍ତ ଓ ଅନାସକ୍ତ ଭାବେ କର୍ମ କରେ ସେ କର୍ମବନ୍ଧନରୁ ମୁକ୍ତି ପାଇ ପାରିବ । କିନ୍ତୁ ଯେଉଁ ମନୁଷ୍ୟ ଈଶ୍ୱରଙ୍କ ଠାରେ ଦୋଷାରୋପ କରି ଅନାସକ୍ତ ଭାବେ କର୍ମ ନକରି କର୍ମଫଳକୁ ଆଖିରେ ରଖି କର୍ମକରନ୍ତି ସେ ବ୍ୟକ୍ତି ନଷ୍ଟ ହୋଇଯାଆନ୍ତି ବୋଲି ଭଗବାନ କହିଛନ୍ତି । ଆସକ୍ତିଯୁକ୍ତ ମନୁଷ୍ୟକୁ ମୂର୍ଖ ଓ ମୂଢ଼ ବୋଲି ମଧ୍ୟ ଭଗବାନ ମତ ଦେଇଛନ୍ତି। ସମସ୍ତ ବ୍ୟକ୍ତି ନିଜ ସ୍ୱଭାବର ବଶବର୍ତ୍ତୀ ହୋଇ କର୍ମ କରନ୍ତି । କିନ୍ତୁ ଜ୍ଞାନବାନ୍ ବ୍ୟକ୍ତିମାନେ ନିଜ ପ୍ରକୃତି ଅନୁସାରେ କର୍ମ କରନ୍ତି । ଇନ୍ଦ୍ରିୟ ମଧ୍ୟରେ ରୋଗ ଓ ଦ୍ୱେଷ ଲୁଚି ରହିଥିବାରୁ ମନୁଷ୍ୟ ଇନ୍ଦ୍ରିୟ କବଳରୁ ମୁକ୍ତ ହେବା ସହ ରୋଗ ତଥା ଦ୍ୱେଷରୁ ମୁକ୍ତ ରହିବା ଆବଶ୍ୟକ । କାରଣ ରୋଗ ଓ ଦ୍ୱେଷ ମନୁଷ୍ୟର କଲ୍ୟାଣମାର୍ଗରେ ବିଘ୍ନ ସୃଷ୍ଟିକରେ ଓ ଏହା ମଣିଷର ବିରାଟ ଶତ୍ରୁ ବୋଲି ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ଏହା ସହ କହିଛନ୍ତି: ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହ ଅର୍ଥାତ୍ ଅନ୍ୟର ଧର୍ମଠାରୁ ନିଜ ଧର୍ମ ଗୁଣରହିତ ହେଲେ ମଧ୍ୟ ସ୍ୱଧର୍ମ ଅଧିକ ମଙ୍ଗଳକାରୀ । ସ୍ୱଧର୍ମ ପାଳନରେ ମୃତ୍ୟୁ ବି କଲ୍ୟାଣକର କିନ୍ତୁ ଅନ୍ୟଧର୍ମ ଭୟାବହ ବା ଭୟଙ୍କର କ୍ଷତିକାରକ ବୋଲି ଭଗବାନ ମତ ଦେଇଛନ୍ତି । ବ୍ୟାଖ୍ୟା କଲେ ଏହା ସ୍ପଷ୍ଟ ଯେ, ନିଜ କର୍ମ ସବୁ ସମୟରେ କଲ୍ୟାଣଜନକ ଓ ଅନ୍ୟର କର୍ମକୁ ଲୋଭ, ମୋହବଶତଃ ଅପଣେଇ ନେବା ଭୟାବହ ବା କ୍ଷତିକାରକ । ଭଗବାନଙ୍କର ଏପରି କଥା ଶୁଣି ଅର୍ଜୁନ ପ୍ରଶ୍ନ କଲେ, ମନୁଷ୍ୟ ସ୍ୱୟଂ ଇଚ୍ଛା ନକରି ବି କାହାଦ୍ୱାରା ପ୍ରେରିତ ହୋଇ ପାପ ଆଚରଣ କରେ ? ଭଗବାନ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ ଯେ, 'ରଜୋଗୁଣରୁ ଉତ୍ପନ୍ନ ହୁଏ କାମ ଓ କ୍ରୋଧ । ଯେତେ ଭୋଗ କଲେ ବି କାମ ବା କାମନାର ବିନାଶ ହୁଏନାହିଁ । ତେଣୁ ଏହି କାମ ବା କାମନା ହିଁ ମଣିଷର ଆଉ ଏକ ବଡ଼ ଶତ୍ରୁ ଅଟେ' । ଏଥିସହ ଭଗବାନ ଅର୍ଜୁନଙ୍କୁ ପୁନର୍ବାର କହିଛନ୍ତି, 'ଅଗ୍ନି ଯେପରି ଧୂଆଁ ଦ୍ୱାରା, ଦର୍ପଣ ଧୂଳି ଦ୍ୱାରା ଓ ଗର୍ଭ ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ ସେହିପରି ଜ୍ଞାନ, କାମ ବା କାମନା ଦ୍ୱାରା ଆବୃତ ହୋଇ ରହିଥାଏ' । 'ଇନ୍ଦ୍ରିୟ, ମନ ଓ ବୁଦ୍ଧି କାମର ବାସସ୍ଥାନ ହୋଇଥିବାରୁ ମନ, ବୁଦ୍ଧି ଏବଂ ଇନ୍ଦ୍ରିୟ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ବିମୋହିତ କରିଥାଏ । ଇନ୍ଦ୍ରିୟ ସ୍ଥୂଳ ଶରୀରଠାରୁ ଶ୍ରେଷ୍ଠ, ବଳବାନ ଓ ସୂକ୍ଷ୍ମ ହୋଇଥିବା ବେଳେ ଇନ୍ଦ୍ରିୟଙ୍କ ଠାରୁ ମନ ଶ୍ରେଷ୍ଠ, ମନ ଠାରୁ ବୁଦ୍ଧି ଶ୍ରେଷ୍ଠ ଏବଂ ବୁଦ୍ଧି ଠାରୁ ଆତ୍ମା ଶ୍ରେଷ୍ଠ ହୋଇଥିବାରୁ ବୁଦ୍ଧି ଦ୍ୱାରା ମନକୁ ବଶ କରି କାମ ବା କାମନା ରୂପକ ଦୁର୍ଜୟ ଶତ୍ରୁକୁ ମାରିଦେବା ଉଚିତ' । ତେଣୁ ଇନ୍ଦ୍ରିୟ ଦ୍ୱାରା ବଶବର୍ତ୍ତୀ ହୋଇ ରହିଥିବା କାମନା, ଆସକ୍ତି, ମନକୁ ଜୟ କରି ନିରାସକ୍ତ ଭାବେ ନିଜ କର୍ତ୍ତବ୍ୟ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେଇଛନ୍ତି ।



## ନିର୍ଦ୍ଦୋଷଙ୍କୁ ବଳି



ପଶୁ ଯଜ୍ଞର ବିଶାଳ ଆୟୋଜନ ହେଉଥାଏ । ଚକ୍ ଚକ୍ କରୁଥିବା ଖଣ୍ଡା ଧରି କ୍ରୁର କଂସେଇ ଆଦେଶକୁ ଅପେକ୍ଷା କରିଥାଏ । ଏହି ସମୟରେ ଭଗବାନ ଗୌତମ ବୁଦ୍ଧ ଯଜ୍ଞସ୍ଥଳରେ ପହଞ୍ଚିଲେ । ରାଜା ଅଜାତଶତ୍ରୁ ତାଙ୍କୁ ପ୍ରଣାମ କଲେ । ତଥାଗତ ବୁଦ୍ଧ ତାଙ୍କୁ ଗୋଟିଏ ଭଙ୍ଗା କାଠି ଦେଇ କହିଲେ, ରାଜନ୍- ଏହାକୁ ଦୁଇ ଖଣ୍ଡ କରି ଦିଅନ୍ତୁ । ରାଜା କହିଲେ, ମହାଭାଗ ଏହା କିପରି ସମ୍ଭବ ? ଏଥର ବୁଦ୍ଧ କହିଲେ ଯେପରି ଭଙ୍ଗା କାଠିକୁ ପୁଣି ଥରେ ଭାଙ୍ଗିବା ଅସମ୍ଭବ, ସେପରି ନୀରିହ, ନିର୍ଦ୍ଦୋଷ ଏବଂ ମୁକ ପ୍ରାଣୀଙ୍କୁ ବଳି ଦେଇ ନିଜ ପାପ ମୋଚନ କରିବା ଅସମ୍ଭବ । ପଶୁ ହିଂସା ଦ୍ୱାରା ତୁମ ପାପର ବୃଦ୍ଧି ହେବ, ହ୍ରାସ ପାଇବ ନାହିଁ । ଆମ ଭିତରେ ଯେଉଁ ପ୍ରାଣ ରହିଛି, ଏମାନଙ୍କ ମଧ୍ୟରେ ସେହି ପ୍ରାଣ ରହିଛି । ପ୍ରାଣୀ ମାତ୍ରକେ ସମାନ ଭାବି ବ୍ୟବହାର କରିବା ଆବଶ୍ୟକ । ଏହା ହିଁ ଧର୍ମ । ଯଦି ତୁମେ କାହାକୁ ଜୀବନଦାନ ଦେଇ ନପାରୁଛ, କାହାର ପ୍ରାଣ ନେବାର ଅଧିକାର ତୁମ ନିକଟରେ ନାହିଁ । ଅଜାତଶତ୍ରୁ ପଶୁ ଯଜ୍ଞରେ ବଳି ଦେବା ଲାଗି ଆଣିଥିବା ପଶୁମାନଙ୍କୁ ମୁକ୍ତ କରି ଦେଲେ ।

## କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର୍

ନୟାଗଡ ଜିଲ୍ଲା କର୍ଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ ଦେବତା ଭାବେ ବାବା ସିଦ୍ଧେଶ୍ୱର ପୂଜା ପାଉଛନ୍ତି। ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟଣ ଗତି କଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ। ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ। ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।ନୟାଗଡ ଜ୍ଲିଲ୍ଲା କର୍ଣ୍ଟିଲୋରେ ବିଦ୍ୟମାନ ଶ୍ରୀ ନୀଳମାଧଙ୍କୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ନାମରେ ନାମିତ କରାଯାଇଛି । ବ୍ରହ୍ମାଦି ପାହାଡ଼ ଉପରେ ପ୍ରଭୁ ନୀଳମାଧ ପୂଜା ପାଉଥିବା ବେଳେ ପାହାଡ଼ ତଳେ ପାର୍ଶ୍ୱଦେବତା ରୂପେ ବାବା ସିଦ୍ଧେଶ୍ୱର ବିଦ୍ୟମାନ । ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟନ



ଗତିକଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ । ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ । ଏଭଳି ଶିବ ମନ୍ଦିର ଦେଶରେରେ ବିରଳ ।କିମ୍ବଦନ୍ତୀ କହେ କର୍ଣ୍ଟିଲୋ ଅଂଚଳ କଣ୍ଟେଇକୋଳି ଜଙ୍ଗଲରେ ଭର୍ତ୍ତି ହୋଇଥିଲା। ବେଦପତି ବ୍ରହ୍ମା ବ୍ରହ୍ମାଦି ପାହାଡ଼ର ବ୍ୟାଘ୍ର ଗୁମ୍ଫାରେ ସ୍ୱୟଂ ବିଷ୍ଣୁଙ୍କୁ ପୂଜା ଆରଧନା କରୁଥିଲେ । ଶିବ -ପାର୍ବତୀ ନାରାୟଣଙ୍କୁ ପରୀକ୍ଷା କରିବା ପାଇଁ ଚିନ୍ତାକଲେ। କଣ୍ଟିଲୋର କିଛି ଦୂରରେ ଥିବା ପାଟଣା ଗାଁର ଦକ୍ଷିଣଚଣ୍ଡୀଙ୍କ ନିକଟରେ ଶିବ ପାର୍ବତୀଙ୍କୁ ଛାଡି ବ୍ରହ୍ମାଦି ପାହାଡ଼କୁ ରୂପ ପରିବର୍ତ୍ତନ କରି ଆସିଲେ। ନୀଳମାଧଙ୍କୁ ଦର୍ଶନ କଲାବେଳେ ପ୍ରଭୁ ଶିବଙ୍କୁ ଚିହ୍ନି ପାରିଥିଲେ। ସେଠାରେ ଶିବଙ୍କୁ ରହିଯିବା ପାଇଁ ନୀଳମାଧବ କହିଥିଲେ। ସେହି ଦିନଠାରୁ ବ୍ରହ୍ମାଦି ପାହାଡ଼ରେ ଭଗବାନ ଶିବ ସୁବର୍ଣ୍ଣେଶ୍ୱର ନାମରେ ପୂଜା ପାଉଥିଲେ। ମହାଦେବ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିବାରୁ ସିଦ୍ଧେଶ୍ୱର ମହାଦେବ ନାମରେ ନାମିତ ହେଲେ ।ବ୍ରହ୍ମାଦି ପାହାଡ଼ ନିକଟସ୍ଥ ମହାନଦୀର ଅପର ପାର୍ଶ୍ୱରୁ ଏକ କାଳିଗାଈ ବ୍ରହ୍ମାଦି ପାହାଡ଼କୁ ଆସେ। କାଳିଗାଈ ଗଉଡ଼ ଘରେ କ୍ଷୀର ଦିଏ ନାହିଁ। ଗଉଡ଼ ସନ୍ଦେହ କରି ଦିନେ ଗାଈ ପିଛା କରିଥିଲା। ମହାନଦୀରେ ବଢ଼ି ପାଣି ଆସିଥାଏ। ଗାଈର ଲାଞ୍ଜ ଧରି ଗଉଡ଼ ନଦୀପାର ହୋଇଥିଲା। ଗାଈ ଆସି ସିଦ୍ଧେଶ୍ୱରଙ୍କ ଲିଙ୍ଗରେ ଠିଆହୋଇ କ୍ଷୀର ଦେଇଥିଲା। ଗଉଡ଼ ଦେଖି ଗାଈକୁ ବାଉଁଶଠେଙ୍ଗାରେ ମାଡ଼ ମାରିଥିଲା। ଗାଈ ଦୌଡ଼ି ପଳାଇବା ବେଳେ ଶିବଲିଙ୍ଗ ଉପରେ ଖୁରାପଡିଗଲା। ସେହି ଦିନଠାରୁ ଶିବଲିଙ୍ଗ ଉପରେ ଖୁରାଚିହ୍ନ ରହିଛି। ତେବେ ଏଠାରେ କିଏ ମନ୍ଦିର ନିର୍ମାଣ କରିଥିଲେ ଇତିହାସ ନିରବ।

## ଦେବୀ ଦନ୍ତେଶ୍ୱରୀଙ୍କ ମହିମା





ଛତିଶଗଡ଼ର ବସ୍ତର କ୍ଷେତ୍ର ଅନ୍ତର୍ଗତ ଦନ୍ତେୱାଡ଼ାରେ ରହିଛି ପ୍ରସିଦ୍ଧ ଦନ୍ତେଶ୍ୱରୀ ମନ୍ଦିର । ଏହି ପୀଠ ଭାରତରେ ଥିବା ୧୦୮ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ । ପୌରାଣିକ ମାନ୍ୟତା ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ଦାନ୍ତ ଖସିପଡ଼ିଥିଲା । ଏହି କାରଣରୁ ଉକ୍ତ ସ୍ଥାନର ନାମ ଦାନ୍ତେୱାଡ଼ା ଏବଂ ଦେବୀପୀଠର ନାମ ଦନ୍ତେଶ୍ୱରୀ ହୋଇଛି । ଦନ୍ତେଶ୍ୱରୀ ମନ୍ଦିର ଶଙ୍ଖିନୀ ଏବଂ ଡଙ୍କିନୀ ନଦୀର ସଂଗମସ୍ଥଳୀରେ ଅବସ୍ଥିତ । ଦନ୍ତେଶ୍ୱରୀ ଦେବୀଙ୍କୁ ଦନ୍ତେୱାଡ଼ା କ୍ଷେତ୍ରର କୁଳଦେବୀର ଆଖ୍ୟା ଦିଆଯାଇଥାଏ । ଏହି ମନ୍ଦିରର ଏକ ବିଶେଷତ୍ୱ ହେଉଛି, ଦର୍ଶନ ନିମନ୍ତେ ଭକ୍ତଙ୍କୁ ଲୁଙ୍ଗି କିମ୍ବା ଧୋତି ପିନ୍ଧି ଯିବାକୁ ପଡ଼ିଥାଏ । କାରଣ ମନ୍ଦିର ଭିତରକୁ ସିଲେଇ ହୋଇଥିବା ବସ୍ତ୍ର ପିନ୍ଧିଯିବା ନିଷିଦ୍ଧ । ଦନ୍ତେଶ୍ୱରୀ ମନ୍ଦିର କେବେ ନିର୍ମାଣ ହୋଇଥିଲା ଜଣାଯାଏ ନାହିଁ । ତେବେ ଏହି ମନ୍ଦିର ନିର୍ମାଣକୁ ନେଇ ଏକ କାହାଣୀ ପ୍ରଚଳିତ । କାକତୀୟ ବଂଶର ରାଜା ଉନ୍ନମ ଦେବ ୱରଙ୍ଗଲ୍‌ରୁ ଏଠାକୁ ଆସିଥିଲେ । ଉନ୍ନମ ଦେବଙ୍କୁ ମାତାଙ୍କ ବରଦାନ ମିଳିଥିଲା । ରାଜା ଯେତେବାଟ ପର୍ଯ୍ୟନ୍ତ ଚାଲି ଚାଲି ଯିବେ, ସେସବୁ ସ୍ଥାନ ତାଙ୍କ ରାଜ୍ୟ ହୋଇଯିବ । ତେବେ ରାଜା ପଛକୁ ବୁଲି ଚାହିଁବେ ନାହିଁ ବୋଲି ସର୍ତ୍ତ ରହିଥିଲା । ମାତା ତାଙ୍କ ପଛେ ପଛେ ଚାଲୁଥିଲେ । ରାଜା ବହୁଦିନ ବହୁରାତି ଚାଲିଲେ । ଶେଷରେ ଶଙ୍ଖିନୀ ଏବଂ ଡଙ୍କିନୀ ନଦୀ କୂଳରେ ପହଞ୍ଚିଲେ । ଏଠାରେ ଥିବା ବାଲିରେ ମାତାଙ୍କ ପାଦ ଫସିଗଲା । ତାଙ୍କ ପାଉଁଜି ଶବ୍ଦ ହେଲାନାହିଁ । ଏହି ସମୟରେ ରାଜା ପଛକୁ ବୁଲି ଚାହିଁଦେବାରୁ ସର୍ତ୍ତ ଭାଙ୍ଗିଦେଲେ । ଏହାପରେ ମାତାଙ୍କ ଆଗ୍ରହ କ୍ରମେ ଦୁଇ ନଦୀର ସଂଗମସ୍ଥଳରେ ରାଜା ତାଙ୍କ ମନ୍ଦିର ନିର୍ମାଣ କରାଇଲେ । ଯେତେ ସ୍ଥାନ ରାଜା ବୁଲିଥିଲେ, ସେସବୁ ସ୍ଥାନ ଦନ୍ତେୱାଡ଼ା ରାଜ୍ୟରେ ପରିଣତ ହେଲା । ରାଜା ଉନ୍ନମ ଦେବ ସେଠାରେ ରାଜୁତି କରିଥିଲେ ।

## ଶିବଙ୍କୁ ସନ୍ତୁଷ୍ଟ କରିବା ଲାଗି ଶ୍ରୀକୃଷ୍ଣଙ୍କ ତପସ୍ୟା

ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ





। ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

# 'ଅଙ୍କୋଲୋଜି ଫର୍ ପୋଷ୍ଟ ଗ୍ରାଜୁଏଟ୍‌ସ' କର୍ମଶାଳା

**ଭୁବନେଶ୍ୱର, ୨୨।୯ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ର ସର୍ଜିକାଲ୍ ଅଙ୍କୋଲୋଜି ବିଭାଗ ପକ୍ଷରୁ ଶନିବାର ଦୁଇଦିନିଆ କର୍ମଶାଳା 'ଅଙ୍କୋଲୋଜି ଫର୍ ପୋଷ୍ଟ ଗ୍ରାଜୁଏଟ୍ସ' ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଓ ଡାକ୍ତରମାନେ ଯୋଗ ଦେଇଛନ୍ତି। ଏହି କର୍ମଶାଳାର ପ୍ରସଙ୍ଗ ରହିଛି 'ଫଣ୍ଡାମେଂଟାଲ୍‌ସ ଅଫ୍ ଅଙ୍କୋଲୋଜି ଫର ଫ୍ୟୁଚର ସର୍ଜନ୍ସ'।

ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇ କହିଥିଲେ ଏଭଳି କର୍ମଶାଳାଦ୍ୱାରା ଭବିଷ୍ୟତର ସର୍ଜନ, ପିଜି ଛାତ୍ରଛାତ୍ରୀ, ଡାକ୍ତର ଓ ଫ୍ୟାକଲ୍ଟି ବହୁମାତ୍ରାରେ ଉପକୃତ ହୋଇପାରିବେ। ଖୁବ୍ କମ୍ ସମୟ ମଧ୍ୟରେ ଉଚ୍ଚ କୋଟରୀ ଆଧୁନିକ ଜ୍ଞାନ କୌଶଳର ଚିକିତ୍ସା ପ୍ରଦାନ କରାଯିବା ସହିତ ରୋବୋଟିକ୍ ମାଧ୍ୟମରେ ରୋଗୀଟିକୁ କିପରି ସର୍ଜରୀ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ



କରାଯାଉଛି ବୋଲି ପ୍ରଫେସର ସାମନ୍ତସିଂହାର ଉଦ୍‌ବୋଧନ ଦେବା ସହ ସର୍ଜିକାଲ ଅଙ୍କୋଲୋଜି ବିଭାଗ ଦ୍ୱାରା ଆୟୋଜିତ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲର ଆଡିସ୍‌ନାଲ ଡିନ୍ (ସୁପର ସ୍ପେଶାଲିଟି) ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ କହିଥିଲେ ଯେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ କେବଳ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କ୍ଷେତ୍ରରେ ନୁହେଁ ବରଂ ଶିକ୍ଷାଦାନ ଏବଂ ତାଲିମ୍ କ୍ଷେତ୍ରରେ ଓଡିଶା ସମେତ ସାରା ଦେଶରେ ବେଶ୍ ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର କର୍କଟ ରୋଗ ସ୍ତନ କର୍କଟ, ଫୁସ୍‌ଫୁସ୍ କର୍କଟ, କୋଲନ୍ କ୍ୟାନ୍ସର, ଗ୍ୟାଷ୍ଟ୍ରୋ କ୍ୟାନ୍ସର ଏବଂ ପ୍ରୋଷ୍ଟେଟ୍ କ୍ୟାନ୍ସର ବିଷୟରେ ଅବଗତ କରାଇବା ସହ ରୋବୋଟିକ୍ ମାଧ୍ୟମରେ କିପରି ଚିକିତ୍ସା ପ୍ରଦାନ କରାଯାଇପାରିବ ସେ ନେଇ ପ୍ରଶିକ୍ଷିତ କରାଯିବ ବୋଲି ପ୍ରଫେସର ସାହୁ ସୂଚନା ଦେଇଥିଲେ। କର୍କଟ ରୋଗ ବର୍ତ୍ତମାନ ଦ୍ରୁତ ଗତିରେ ବ୍ୟାପି ଚାଲିଛି। ଭାରତରେ ପ୍ରତିବର୍ଷ ପ୍ରାୟ ୧୫ ଲକ୍ଷ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ପ୍ରାଥମିକ ସ୍ତରରେ ଥିବା କର୍କଟ ରୋଗୀ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ଆସୁଛନ୍ତି। ଏହି ସମୟରେ ସେମାନଙ୍କୁ କିପରି ଉତ୍ତମ ଚିକିତ୍ସା ପ୍ରଦାନ କରାଯିବ ସେ ନେଇ ଡାକ୍ତର ସାହୁ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ର ଆଡିସ୍‌ନାଲ ଡିନ୍ ଡାକ୍ତର ଅଜୟ କୁମାର ଜେନା, ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସରର ନିର୍ଦ୍ଦେଶକ ଡାକ୍ତର ଦୀପକ ରାଉତରାୟ, ଭୁବନେଶ୍ୱର ଏମ୍ସର ଡିନ୍ ଆକାଡେମିକସ୍ ତଥା ରେଡିଏସନ୍ ଅଙ୍କୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଦୀଲିପ ପରିଡା, ଭୋପାଳ ସ୍ଥିତ ଦରଭଙ୍ଗା ଏମ୍ସର ନିର୍ଦ୍ଦେଶକ ପ୍ରଫେସର ମାଧବାନନ୍ଦ କର ପ୍ରମୁଖ ଯୋଗ ଦେଇ ଏହି କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ।

# ରେଳପଥ ମୁଖ୍ୟାଳୟରେ ହିନ୍ଦୀ ପଖୱାଡା

**ଭୁବନେଶ୍ୱର, ୨୨।୯ (ମହାଭାରତ):** ପୂର୍ବତଟ ରେଳପଥ ମୁଖ୍ୟାଳୟରେ ୧୪ ସେପ୍ଟେମ୍ବରରୁ ୨୮ ସେପ୍ଟେମ୍ବର ପର୍ଯ୍ୟନ୍ତ ହିନ୍ଦୀ ପଖୱାଡା-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହିତ ଆରମ୍ଭ ହୋଇଛି। ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଗତିଶୀଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ରାଜଭାଷା ହିନ୍ଦୀର ଗୁରୁତ୍ୱ ସମ୍ପର୍କରେ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ପକ୍ଷବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଜଭାଷା ଶପଥ ପାଠ କରାଇଥିଲେ। ନିଜ ଅଭିଭାଷଣରେ ସେ ୧୪ ସେପ୍ଟେମ୍ବର ୧୯୪୯ରେ ଭାରତୀୟ ସମ୍ବିଧାନରେ ହିନ୍ଦୀକୁ ରାଜଭାଷାର ମର୍ଯ୍ୟାଦା ପ୍ରଦାନ କରାଯାଇଥିବାର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ସେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟାପକ ବ୍ୟବହାର ପାଇଁ ଆହ୍ୱାନ କରିଥିଲେ। ଶ୍ରୀ ଫୁଙ୍କୱାଲ କହିଥିଲେ ଯେ, ହିନ୍ଦୀର ବ୍ୟବହାର କେବଳ ଗୋଟିଏ ଦିନ କିମ୍ବା ପଖୱାଡା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ସରକାରୀ କାର୍ଯ୍ୟରେ ନିୟମିତ ଭାବେ




ହିନ୍ଦୀର ବ୍ୟବହାର ବୃଦ୍ଧି କରିବା ଆବଶ୍ୟକ। ଏହି ପାଳନର ଏକ ଅଂଶ ସ୍ୱରୂପ, ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯେଉଁଥିରେ ରେଳ ସୁରକ୍ଷା ସ୍ଲୋଗାନ ଲିଖନ ପ୍ରତିଯୋଗିତା, ଯାତ୍ରୀ ଅଭିଯୋଗ ନିରାକରଣ ଚିଠା ପ୍ରସ୍ତୁତି ପ୍ରତିଯୋଗିତା, ହିନ୍ଦୀ ବନାନ ଓ ବାକ୍ୟ ସଂଶୋଧନ ପ୍ରତିଯୋଗିତା, ରେଳ ସମ୍ବନ୍ଧୀୟ ଶବ୍ଦ ସନ୍ଧାନ ଓ ସଙ୍କେତ ଚିହ୍ନଟ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା ଏବଂ ହିନ୍ଦୀ କର୍ମଶାଳା ଅନ୍ତର୍ଭୁକ୍ତ। ଏହି ସବୁ କାର୍ଯ୍ୟକଳାପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ କାମରେ ଧୀରେ ଧୀରେ ହିନ୍ଦୀ ଭାଷା ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବା।

# ଖାଦ୍ୟ ଐତିହ୍ୟ ଓ ପରମ୍ପରାକୁ ନେଇ କୁଇଜ ପ୍ରତିଯୋଗିତା

**ଭୁବନେଶ୍ୱର, ୨୨।୯ (ମହାଭାରତ):** ଓଡ଼ିଶାର ସମୃଦ୍ଧ ଖାଦ୍ୟ ପରଂପରା, ସଂସ୍କୃତି, ଐତିହ୍ୟ, ଆଂଚଳିକ ବ୍ୟଞ୍ଜନ ଓ ରନ୍ଧନ କୌଶଳକୁ ନେଇ କୁଇଜ୍ ପ୍ରତିଯୋଗିତା 'କରି-ଓ-ସିଟି ୨.୦' ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଆୟୋଜିତ ହୋଇଯାଇଛି। ସମ୍ ଡାଏଗ୍ନୋଷ୍ଟିକ୍‌ସ ଓ ସୁମା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ମିଳିତ ସହଯୋଗରେ ଏବଂ ଇକିଗାଇ ଭେନ୍‌ଚର୍ସର ପରିଚାଳନାରେ ଆୟୋଜିତ ଏହି କୁଇଜ ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ, କଲେଜ ଓ କର୍ପୋରେଟ୍ ସଂସ୍ଥାର ୫୦ରୁ ଅଧିକ ଦଳ ଅଂଶଗ୍ରହଣ କରିଥିଲେ।

ଇକିଗାଇ ଭେନ୍‌ଚର୍ସର ପ୍ରତିଷ୍ଠାତା ତଥା ଚିଫ୍ କ୍ରିଏଟିଭ୍ ଅଫିସର ଶ୍ରୀ କଳ୍ପିତ କାୟ ମହାନ୍ତିଙ୍କ ପରିକଳ୍ପନା ଓ ସଂଯୋଜନାରେ ଆୟୋଜିତ ଏହି କୁଇଜ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶାର ଆଂଚଳିକ ଖାଦ୍ୟ, ରନ୍ଧନ ଇତିହାସ, ପାରଂପରିକ ଖାଦ୍ୟ ପ୍ରସ୍ତୁତି ଓ ଖାଦ୍ୟ ସହ ଜଡ଼ିତ ସାଂସ୍କୃତିକ ପରଂପରା ଉପରେ ବିଭିନ୍ନ ପ୍ରଶ୍ନ ଓ ରାଉଣ୍ଡ ରହିଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ କର୍ମଜୀବୀମାନଙ୍କୁ ଏକ ମଂଚରେ ଏକତ୍ରିତ କରିବା ସହ ଓଡ଼ିଶାର ବିବିଧ ଖାଦ୍ୟ ପରଂପରାକୁ ଜାଣିବା ଓ ଅନୁସନ୍ଧାନ କରିବାର ସୁଯୋଗ ଦେଇଥିଲା।

ଏହି ପ୍ରତିଯୋଗିତାରେ ଅନୁରାଗ ଓ ଦିବ୍ୟଜ୍ୟୋତିଙ୍କ ଟିମ୍ ବିଜେତା ହୋଇଥିବା ବେଳେ ସିଦ୍ଧାର୍ଥ ଓ ଇଭାନ୍‌ଙ୍କ ଟିମ୍ ପ୍ରଥମ ରନର-ଅପ୍ ହୋଇଥିଲେ। ମୁକ୍ତି ଓ ରୋନିଶାଙ୍କ ଟିମ୍ ଦ୍ୱିତୀୟ ରନର-ଅପ୍ ବିଜେତା ହୋଇଥିଲେ। କାର୍ଯ୍ୟକ୍ରମରେ ମାଷ୍ଟରଚେଫ୍ ଫାଇନାଲିଷ୍ଟ ସ୍ମୃତିଶ୍ରୀ ସିଂହ ଏବଂ ଫୁଡ ଇନ୍‌ଫ୍ଲୁଏନ୍ସର ରୋହିତ ଶ୍ରୀବାସ୍ତବ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେମାନେ ଯୁବପିଢ଼ି ମଧ୍ୟରେ ଓଡ଼ିଶାର ସ୍ୱତନ୍ତ୍ର ଖାଦ୍ୟ ପରଂପରା ପ୍ରତି ଆଗ୍ରହ ବଢ଼ାଇବା ସହ ଏହାର ସଂରକ୍ଷଣ ଓ ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ। ଏକ୍ସଆଇଏମ୍‌ବିର ପୁରାତନ ଛାତ୍ର କଳ୍ପିତଙ୍କ ଦ୍ୱାରା ଗଠିତ ଇକାଗାଇ ଭେନ୍‌ଚର୍ସ ଏକ ଭିଡିଓ ପ୍ରଡକ୍ସନ୍ ଓ ବ୍ରାଣ୍ଡ୍ ଷ୍ଟୋରିଟେଲିଂ ଷ୍ଟୁଡିଓ ଯାହା ପକ୍ଷରୁ 'କରି-ଓ-ସିଟି' ର ଆୟୋଜନ କରାଯାଇଛି। ଏହି ଅବସରରେ କଳ୍ପିତ କହିଥିଲେ, "କରି-ଓ-ସିଟି'ର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଖାଦ୍ୟ ସଂସ୍କୃତିକୁ ଆଗାମୀ ପିଢ଼ି ନିକଟରେ ପହଂଚାଇବା। ଖାଦ୍ୟ ଭଳି ଏକ ନିଜସ୍ୱ ଅନୁଭବ ସହ ଜଡ଼ିତ ବିଷୟକୁ ନେଇ ସ୍କୁଲ, କଲେଜ ଓ କର୍ପୋରେଟ୍ ଟିମ୍‌ଗୁଡ଼ିକ ଏକ ମଂଚରେ ପ୍ରତିଯୋଗିତା କରିବା ଏହି ପ୍ରୟାସର ଉଦ୍ଦେଶ୍ୟକୁ ବହନ କରୁଛି।"

# ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ୨୨।୯ (ମହାଭାରତ):** ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ବାଜପେୟୀ ନଗର, ଯାତ୍ରା ପଡିଆ ଠାରେ ଅଖିଳ ଭାରତ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଅଛି। ଏହି ଅବସରରେ ଉପସ୍ଥିତ ମହିଳା କଂଗ୍ରେସର କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ଶ୍ରୀମତୀ ବାହିନୀପତି କହିଥିଲେ ଯେ, ୧୯୪୦ ମସିହାରେ ମହାନ ସ୍ୱାଧୀନତା ସଂଗ୍ରାମୀ ସୁଚେତା କ୍ରିପାଲାନୀ ଭାରତୀୟ ଜାତୀୟ କଂଗ୍ରେସର ମହିଳା ଶାଖା ପ୍ରତିଷ୍ଠା କରିଥିଲେ। ଏହାପରେ ୧୯୫୨ ମସିହା ଠାରୁ ୧୯୮୩ ମସିହା ପର୍ଯ୍ୟନ୍ତ ଏହା ଦଳର ମହିଳା ସେଲ୍ ବା ଶାଖା ଭାବରେ କାର୍ଯ୍ୟ କରିଥିଲା। ୧୯୮୪ ମସିହାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ମହିଳା କଂଗ୍ରେସର ପୁନଃଗଠନ କରି ଏହି ବାଙ୍ଗାଲୋର



ଠାରେ ଜାତୀୟ କନଭେନସନରେ ସଂଗଠନକୁ ଅଖିଳ ଭାରତ ମହିଳା କଂଗ୍ରେସ ନାମରେ ରୂପାୟନ କରିଥିଲେ। ୧୯୮୪ ମସିହାରୁ ୧୯୮୮ ମସିହା ପର୍ଯ୍ୟନ୍ତ ଏହାର ପ୍ରଥମ ସଭାନେତ୍ରୀ ହୋଇଥିଲେ ବେଗମ ଅବିଦା ଅହମ୍ମଦ ଏବଂ ଦ୍ୱିତୀୟ ସଭାନେତ୍ରୀ ହୋଇଥିଲେ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ।

ଦେଶରେ ମହିଳା କଂଗ୍ରେସର ରାଷ୍ଟ୍ରୀୟ ସଭାନେତ୍ରୀ ଶ୍ରୀମତୀ ଅଲକାଲାମ୍ବାଙ୍କ ନେତୃତ୍ୱରେ ମହିଳ କଂଗ୍ରେସ ଖୁବ୍ ସକ୍ରୀୟ ଭାବେ କାର୍ଯ୍ୟ କରୁଛି। ଶ୍ରୀମତୀ ଲାମ୍ବା ମହିଳା ଅଧିକାର, ନ୍ୟାୟ ଓ ନିଯୁକ୍ତି ପାଇଁ ସମର୍ପିତ ସଂଗ୍ରାମ କରୁଛନ୍ତି। ମହିଳା ଦୁଷ୍କର୍ମ, ନିର୍ଯ୍ୟାତନା ବିରୁଦ୍ଧରେ ଓଡ଼ିଶା ମହିଳା କଂଗ୍ରେସ ସଂଗ୍ରାମ ଜାରି ରଖିଛି। ଓଡ଼ିଶାରେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଏହି ସଂଗ୍ରାମକୁ ଆଗେଇ ନେବାକୁ ଆମକୁ ଉତ୍ସାହିତ କରୁଛନ୍ତି। ଓଡ଼ିଶାରେ ପ୍ରତି ବ୍ଲକରେ ଏବଂ ପଞ୍ଚାୟତରେ ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତି ହେବା ସହ ଓଡ଼ିଶାରେ ଅନିୟନ୍ତ୍ରିତ ମହିଳା ଅତ୍ୟାଚାର ଓ ଦୁଷ୍କର୍ମ ବିରୁଦ୍ଧରେ ତୃଣମୂଳ ସ୍ତରରୁ ମହିଳା କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ମହିଳାମାନଙ୍କୁ ସ୍ୱାବଲମ୍ବି ଓ ସୁରକ୍ଷିତ ରଖିବାକୁ ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାସୀନ ହେବା ପରେ ଓଡ଼ିଶାରେ ମହିଳାମାନଙ୍କୁ ବିଶ୍ୱାସଘାତକତା କରିଛି।

କାର୍ଯ୍ୟକ୍ରମରେ ଅଖିଳ ଭାରତ ମହିଳା କଂଗ୍ରେସର ପ୍ରୀୟଦର୍ଶିନୀ ଉଡାନ୍ କାର୍ଯ୍ୟକ୍ରମରେ ସାନିଟାରୀ ନାପ୍‌କିନ୍‌ସ୍ ମହିଳାମାନଙ୍କୁ ବିତରଣ କରାଯାଇଥିଲା। ଅଖିଳ ଭାରତ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସରେ କେକ୍ କଟାଯିବା ସହ ମିଷ୍ଟାନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ପ୍ରଣତୀ ମିଶ୍ର, ପ୍ରତିମା ମଲ୍ଲିକ୍, ବିଶ୍ୱକଲ୍ୟାଣୀ କର, ଜୟସ୍ମିତା ମହାନ୍ତି, ଶ୍ରୀୟା ମହାନ୍ତି, ଲଳିତା ନାୟକ, ପ୍ରମିଳା ସାହୁ, ଉର୍ବଶ୍ରୀ ମିଶ୍ର, କାମିନୀ ମହାରଣା, ଅଞ୍ଜଳୀ ମଲ୍ଲକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ପ୍ରଥମ ହୋଇଥିବା ୱାର୍ଡକୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୨।୯ (ମହାଭାରତ):** ଜାତୀୟ ୱାର୍ଡସ୍ତରୀୟ ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଖୁସି ବ୍ୟକ୍ତ କରିଛି । ୧୩୦ ଗୋଟି ସହରର ୭ ହଜାର ୪୦୦ ରୁ ଅଧିକ ୱାର୍ଡକୁ ନେଇ ସ୍ୱଚ୍ଛ-ବାୟୁ ସର୍ବେକ୍ଷଣ କରାଯାଇଥିଲା। ସେଥିରେ ଭୁବନେଶ୍ୱର ସାମଗ୍ରିକ ଭାବେ ୪ର୍ଥ ସ୍ଥାନ ଅଧିକାର କରିଥିବା ବେଳେ ସମଗ୍ର ଦେଶରେ ଭୁବନେଶ୍ୱରର ୩୦ ଓ ୩୬ ନମ୍ବର ୱାର୍ଡ ପ୍ରଥମ ସ୍ଥାନ ଅଧିକାର କରିଛି । ସେହିପରି ୨୨ ନମ୍ବର ୱାର୍ଡ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହାର ସମସ୍ତ ଶ୍ରେୟ ସଂପୃକ୍ତ ୱାର୍ଡବାସୀଙ୍କ ସହ ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପରଭାଇଜର, ପରିମଳ ନିରୀକ୍ଷକ ଓ କର୍ପୋରେଟରଙ୍କୁ ଦିଆଯାଇଛି। ଏହି ଉପଲକ୍ଷେ ଆଜି ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ସହରର ୬୭ ୱାର୍ଡକୁ ଦେଶର ଏକ ନମ୍ବର କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଡେପୁଟି



ମେୟର ଶ୍ରୀମତୀ ମଂଜୁଲତା କହଁର, ବିଏମ୍ ସିର ବ୍ରାଣ୍ଡ ଆମ୍ବାସଡର ତଥା ଅଲମ୍ପିଆନ ଶ୍ରୀମତୀ ଅନୁରାଧା ବିଶ୍ୱାଳ, ସ୍ୱାସ୍ଥ୍ୟ, ପରିମଳ ଓ ପରିବେଷ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ବିରଞ୍ଚି ନାରାୟଣ ମହାସୁପକାର, ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ରାଜକିଶୋର ଦାସ, ଏନ୍ ସିଏପିର ନୋଡାଲ ଅଫିସର ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଶ୍ରୀ ଦିଲ୍ଲିପ କୁମାର ଦାସ, ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ପରିମଳ ଉପାୟୁକ୍ତ ଶ୍ରୀ ଏନ୍. ଗଣେଶ ବାବୁଙ୍କ ସହ ବହୁ କର୍ପୋରେଟର ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବହୁ ସ୍ୱଚ୍ଛ କର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ପରିମଳ ନିରୀକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍ୱାଗତ ଅଭିଭାଷଣ ଦେଇ ଅତିରିକ୍ତ କମିଶନର ଶ୍ରୀ ସାହୁ ଆଗାମୀ ଦିନରେ ଭୁବନେଶ୍ୱରକୁ ଦେଶର ସ୍ୱଚ୍ଛ ସହର ଓ ସ୍ୱଚ୍ଛ ବାୟୁ କ୍ଷେତ୍ରରେ ଏକ ନମ୍ବର କରିବା ପାଇଁ ସମସ୍ତ ସ୍ୱଚ୍ଛ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେୟର କହିଥିଲେ ଯେ, ଯାହା ସଫଳତା ମିଳିଛି, ତାହା କେବଳ ସମ୍ଭବ ହୋଇଛି ସମ୍ମିଳିତ ପ୍ରୟାସ ଯୋଗୁଁ । ଭୁବନେଶ୍ୱର ବାସୀ ତଥା ସଂପୃକ୍ତ ୱାର୍ଡର ନାଗରିକ ଏବଂ ସ୍ୱଚ୍ଛ କର୍ମୀଙ୍କର କଠୋର ପରିଶ୍ରମ, କର୍ପୋରେଟରମାନଙ୍କର ଅକୁଣ୍ଠ ସହଯୋଗ, ଅଧିକାରୀମାନଙ୍କର ସଠିକ୍ ମାର୍ଗଦର୍ଶନ ଏବଂ କମିଶନରଙ୍କର ପରାମର୍ଶ, ବିଏମ୍ ସିକୁ ଏହି ସଫଳତା ଦେଇଛି । ଆଗାମୀ ଦିନରେ ୬୭ ୱାର୍ଡ କିପରି ସ୍ୱଚ୍ଛ ବାୟୁ ଓ ସ୍ୱଚ୍ଛ ସହର ଭାବେ ଦେଶର ଏକ ନମ୍ବର ହେବ, ସେଥିପାଇଁ ଆଜିଠାରୁ କାର୍ଯ୍ୟ ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି ମେୟର ଏହି ଅବସରରେ ଉପସ୍ଥିତ ଅତିଥିମାନେ ୩୦, ୩୬ ଓ ୨୨ ନମ୍ବର ୱାର୍ଡର କର୍ପୋରେଟରଙ୍କ ସହ ସମସ୍ତ ସ୍ୱଚ୍ଛ କର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ପରିମଳ ନିରୀକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହାଦ୍ୱାରା ସମସ୍ତେ ଉତ୍ସାହିତ ହୋଇ କାର୍ଯ୍ୟ କରିବେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ସରଳ ଗାଇଡ୍

**କଟକ,୨୨।୯ (ମହାଭାରତ):** ଗ୍ରାହକଙ୍କ ପାଇଁ ୟୁପିଆଇ ଏବେ ବି ମାଗଣା। ଗ୍ରାହକଙ୍କଠାରୁ କାର୍ଡ କିମ୍ବା ଡିଜିଟାଲ୍ ପେମେଣ୍ଟ ଗ୍ରହଣ କରିବା ପାଇଁ ବ୍ୟବସାୟୀଙ୍କୁ ଦେବାକୁ ପଡୁଥିବା ଶୁଳ୍କକୁ ଗଡଜ କୁହାଯାଏ। ଏବେ କିଛି ନିର୍ଦ୍ଦିଷ୍ଟ ଟଟଓ ବ୍ୟବସାୟିକ ଲେନଦେନରେ ଗଡଜ ଶୁଳ୍କ ଲାଗୁ କରାଯାଇଛି। ଗ୍ରାହକଙ୍କ ପାଇଁ ୟୁପିଆଇ ଏବେ ମଧ ସମ୍ପୂର୍ଣ୍ଣ ମାଗଣା, ୟୁପିଆଇ ମାଧ୍ୟମରେ ପରିବାର ସଦସ୍ୟ କିମ୍ବା ସାଙ୍ଗସାଥୀଙ୍କୁ ଟଙ୍କା ପଠାଇବା ସମ୍ପୂର୍ଣ୍ଣ ମାଗଣା ରହିଛି। ଯେକୌଣସି ରାଶିର ଟଙ୍କା ୟୁପିଆଇ ମାଧ୍ୟମରେ ବ୍ୟବସାୟୀଙ୍କୁ ପେମେଣ୍ଟ କଲେ ମଧ୍ୟ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଆପଣ ଦୋକାନରୁ ସାମଗ୍ରୀ କିଣନ୍ତୁ, ସ୍ଥାନୀୟ ବଜାରରେ ପେମେଣ୍ଟ କରନ୍ତୁ କିମ୍ବା ରାସ୍ତାକଡ଼ର ବ୍ୟବସାୟୀଙ୍କ ଛଜ କୋଡ୍ ସ୍କାନ୍ କରି ଟଙ୍କା ଦିଅନ୍ତୁ—ୟୁପିଆଇ ପେମେଣ୍ଟ ପାଇଁ ଗ୍ରାହକଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ବ୍ୟବସାୟୀମାନେ ୟୁପିଆଇ ଶୁଳ୍କ ଗ୍ରାହକଙ୍କଠାରୁ ନେଇପାରିବେ ନାହିଁ। ବ୍ୟବସାୟୀଙ୍କ ପାଇଁ ଏହାର ଅର୍ଥ କଣ ୨,୦୦୦ ପର୍ଯ୍ୟନ୍ତ ସମସ୍ତ ୟୁପିଆଇ ବ୍ୟବସାୟିକ ପେମେଣ୍ଟରେ ୟୁପିଆଇ ଶୁଳ୍କ ଲାଗିବ ନାହିଁ। ଏହା ଫଳରେ ପ୍ରାୟ ୯୬% ବ୍ୟବସାୟିକ ୟୁପିଆଇ ଲେନଦେନ ମାଗଣା ରହିବ। ରାସ୍ତାକଡ଼ର ବ୍ୟବସାୟୀ, ପାଖପାଖି ଦୋକାନ ଏବଂ ଛୋଟ ବ୍ୟବସାୟୀମାନେ ୟୁପିଆଇ ଛଜ କୋଡ୍ ମାଧ୍ୟମରେ ନିଜ ବ୍ୟାଙ୍କ ଖାତାକୁ ମାସକୁ ୧ ଲକ୍ଷ ପର୍ଯ୍ୟନ୍ତ ପେମେଣ୍ଟ ପାଇଲେ, ସେମାନଙ୍କ ପାଇଁ ଗଡଜ ଶୁଳ୍କ ଶୂନ ରହିବ। ?୨,୦୦୦ରୁ ଅଧିକ ଯୋଗ୍ୟ ବ୍ୟବସାୟିକ ଟଟଓ ଲେନଦେନରେ ୦.୪% ଗଡଜ ଶୁଳ୍କ ଲାଗିବ। ୭୫,୦୦୦ କିମ୍ବା ତା'ଠାରୁ ଅଧିକ ଲେନଦେନ ପାଇଁ ପ୍ରତି ଲେନଦେନରେ ୟୁପିଆଇ ଶୁଳ୍କ ସର୍ବାଧିକ ୩୦୦ ରହିବ। ୨,୦୦୦ରୁ କମ୍ ପେମେଣ୍ଟରେ ୟୁପିଆଇ ଶୁଳ୍କ ଶୂନ ରହିବ।

# ଖୋର୍ଦ୍ଧା ରୋଡ୍ ରେଳପଥର ସାଂସ୍କୃତିକ ପ୍ରତିଯୋଗିତା

**ଭୁବନେଶ୍ୱର, ୨୨।୯ (ମହାଭାରତ):** ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ 'ବିଭାଗୀୟ ସାଂସ୍କୃତିକ ପ୍ରତିଯୋଗିତା-୨୦୨୬' ସେପ୍ଟେମ୍ବର ୧୦ ଓ ୧୧ ତାରିଖରେ ଖୋର୍ଦ୍ଧା ରୋଡ ସ୍ଥିତ ରେଳବାଇ କଲ୍ୟାଣ ମଣ୍ଡପରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଦୁଇ ଦିନିଆ ସାଂସ୍କୃତିକ ଉତ୍ସବରେ ରେଳ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର କଳାତ୍ମକ ପ୍ରତିଭା ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଖୋର୍ଦ୍ଧା ରୋଡ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ ତଥା ମଣ୍ଡଳ ସାଂସ୍କୃତିକ ସଂଘ ର କାର୍ଯ୍ୟନିର୍ବାହୀ ସମ୍ପାଦକ ଅମରେନ୍ଦ୍ରନାଥ ମିଶ୍ର ଏବଂ ବରିଷ୍ଠ ମଣ୍ଡଳ ବିତ ପ୍ରବନ୍ଧକ ଶୌମିକ ଘୋଷଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ପ୍ରତିଯୋଗିତାରେ ଶାସ୍ତ୍ରୀୟ ସଙ୍ଗୀତ (ଏକକ), ସୁଗମ ସଙ୍ଗୀତ (ଏକକ), ଶାସ୍ତ୍ରୀୟ ବାଦ୍ୟ (ଏକକ), ସୁଗମ ବାଦ୍ୟ (ଏକକ), ଶାସ୍ତ୍ରୀୟ ନୃତ୍ୟ (ଏକକ), ସମୂହ ନୃତ୍ୟ ଓ ନାଟକ ଭଳି ବିଭିନ୍ନ ବିଭାଗରେ ବହୁ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତରେ ୬ ଜଣ, ସୁଗମ ସଙ୍ଗୀତରେ ୨୫ ଜଣ, ଶାସ୍ତ୍ରୀୟ ବାଦ୍ୟରେ ୬ ଜଣ, ସୁଗମ ବାଦ୍ୟରେ ୫ ଜଣ, ଶାସ୍ତ୍ରୀୟ ନୃତ୍ୟରେ ୯ ଜଣ, ସମୂହ ନୃତ୍ୟରେ ୩ଟି ଦଳ ଏବଂ ନାଟକରେ ୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ଉତ୍ସାହର ସହ ମନୋମୁଗ୍ଧକର କଳା ପ୍ରଦର୍ଶନ କରି ରେଳ ପରିବାରର ସମୃଦ୍ଧ ସାଂସ୍କୃତିକ ପ୍ରତିଭାର ପରିଚୟ ଦେଇଥିଲେ। ବିଶେଷକରି ରେଳ କର୍ମଚାରୀଙ୍କ ପରିବାରବର୍ଗଙ୍କ ପାଇଁ ନିଜର କଳାତ୍ମକ ପ୍ରତିଭା ବିକଶିତ ଓ ପ୍ରଦର୍ଶିତ କରିବାର ଏକ ଉତ୍ତମ ମଂଚ ଭାବେ ଏହି ପ୍ରତିଯୋଗିତା ପ୍ରେରଣାଦାୟୀ ସୁଯୋଗ ପ୍ରଦାନ କରିଥିଲା। ଖୋର୍ଦ୍ଧା ରୋଡ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପି. କେ. ବେହେରା ଅନ୍ୟାନ୍ୟ ଶାଖା ଅଧିକାରୀଙ୍କ ସହ ନାଟକ ପ୍ରତିଯୋଗିତା ଉପଭୋଗ କରିବା ସହ ଅଂଶଗ୍ରହଣକାରୀ ଦଳଗୁଡ଼ିକର ଉତ୍କୃଷ୍ଟ ଅଭିନୟକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କର ଉପସ୍ଥିତି ଓ ଉତ୍ସାହବର୍ଦ୍ଧକ ବାକ୍ୟ ପ୍ରତିଯୋଗୀମାନଙ୍କ ମନୋବଳ ବୃଦ୍ଧି କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ମଣ୍ଡଳ ବିତ ପ୍ରବନ୍ଧକ ଶୌମିକ ଘୋଷ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ପ୍ରତ୍ୟେକ ବିଭାଗର ପ୍ରଥମ ପୁରସ୍କାର ବିଜେତାମାନେ ଚଳିତ ମାସ ଶେଷରେ ମଞ୍ଚେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତଃ-ମଣ୍ଡଳୀୟ ସାଂସ୍କୃତିକ ପ୍ରତିଯୋଗିତାରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ପ୍ରତିନିଧିତ୍ୱ କରିବେ।

# କିଟ୍‌ରେ ମାନବ ସମ୍ବଳ ସମ୍ମିଳନୀ

**ଭୁବନେଶ୍ୱର, ୨୨।୯ (ମହାଭାରତ):** କିଟ୍‌ରେ ମାନବ ସମ୍ବଳ କନକ୍ଲେଭ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି। କିଟ୍ ସ୍କୁଲ୍ ଅଫ୍ ରୁରାଲ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ଏହି କନକ୍ଲେଭରେ କୃଷି ବ୍ୟବସାୟ, ମାନବ ସମ୍ବଳ ପରିଚାଳନା ଓ ଭବିଷ୍ୟତର କର୍ମକ୍ଷେତ୍ର ସଂପର୍କରେ ଆଲୋଚନା ହୋଇଥିଲା। ସମ୍ମିଳନୀର ବିଷୟବସ୍ତୁ ଥିଲା ପିପଲ ଷ୍ଟ୍ରାଟେଜିଜ୍ ଫର୍ ସଷ୍ଟେନେବଲ୍ ଫ୍ୟୁଚର ଇନ ଆଗ୍ରିବିଜିନେସ ଆଣ୍ଡ ଡେଭେଲେପମେଣ୍ଟ ସେକ୍ଟର। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିସିନ ଲାଇଟ୍ସ ଗ୍ରୁପ୍‌ର ଚେୟାରମ୍ୟାନ୍ କମଲେଶ ଶାହ ଏବଂ କିଟ୍‌ର ଉପକୁଳପତି ପ୍ରଫେସର



ଜ୍ଞାନରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସଚିନ ଯାଦବ କହିଲେ, କୃଷି ଓ କୃଷି ବ୍ୟବସାୟ କ୍ଷେତ୍ରରେ ଭବିଷ୍ୟତର ଚ୍ୟାଲେଞ୍ଜ ମୁକାବିଲା ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଭାବେ ନିଜ ଦକ୍ଷତା ବୃଦ୍ଧି କରିବାକୁ ହେବ। ନଚେତ୍ ଅନେକ କ୍ଷେତ୍ରରେ ମେସିନ୍ ମଣିଷଙ୍କ ସ୍ଥାନ ନେଇପାରେ। କୃଷି ବ୍ୟବସାୟ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କେବଳ କ୍ଲାସରୁମ୍ ଶିକ୍ଷା ପର୍ଯ୍ୟାପ୍ତ ନୁହେଁ। ଏହି ଅବସରରେ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଲିସିନ-ଲାଇଟ୍ସ ଗ୍ରୁପ୍‌ର ଚେୟାରମ୍ୟାନ୍ କମଲେଶ ଶାହ କହିଲେ, କୃଷି ବ୍ୟବସାୟ ଓ ବିକାଶ କ୍ଷେତ୍ରରେ ସ୍ଥାୟୀ ନେତୃତ୍ୱ ଗଠନ ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ। କୌଣସି ସଂସ୍ଥାର ପ୍ରକୃତ ଶକ୍ତି ହେଉଛି ତାହାର ମାନବ ସମ୍ବଳ। ଇଓ ଓ ନୂତନ ପ୍ରଯୁକ୍ତି ଯେତେ ଆଗକୁ ବଢୁଥିଲେ ମଧ୍ୟ ମଣିଷର ବିକଳ୍ପ ହୋଇପାରିବ ନାହିଁ। ସଫଳତା ପାଇଁ ସଠିକ୍ ପ୍ରତିଭା ଚୟନ, ସେମାନଙ୍କର ବିକାଶ ଓ ଉପଯୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଏଥିରେ ଲୋକ ଓ ସଂସ୍କୃତି, ରଙ୍ଗ ଦେ' ର ଉପସଭାପତି ଟ୍ରେସା ଜର୍ଜ; ଲିସିନ ଲାଇଟ୍ସ ଗ୍ରୁପ୍‌ର ଗ୍ରୁପ୍ ମୁଖ୍ୟ ଲୋକ ଅଧିକାରୀ ଅମିତ ରାଓଲ; ସୃଜନର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ନମିତା ପାଣ୍ଡେ; ଟ୍ରୋପଲିଟ୍ ଫୁଡ୍‌ସର ମାନବ ସମ୍ବଳ ମୁଖ୍ୟ ଡ ରଙ୍ଗନାଥ ଆଇ ଭି ଏସ ଓ ଆଇକେଏଫ୍ ଫାଇନାନ୍ସ ମାନବ ସମ୍ବଳ ମୁଖ୍ୟ ରମଣ ଚିଦାମ୍ବର ସୁବ୍ରମଣ୍ୟାନଙ୍କୁ ନେଇ କୃଷି ବ୍ୟବସାୟ, ମାନବ ସମ୍ବଳ ପରିଚାଳନା ଓ ଭବିଷ୍ୟତର କର୍ମକ୍ଷେତ୍ର ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

# ଭାରତ ଏବେ ମାଓମୁକ୍ତ

ଭାରତ ମାଓମୁକ୍ତ ହୋଇଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଦାବି କରୁଛନ୍ତି। ଏହା କେତେଦୂର ସତ୍ୟ, ତାହା ଭବିଷ୍ୟତରେ ଜଣାପଡ଼ିବ। କିନ୍ତୁ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦେଶକୁ ବାମପନ୍ଥୀ ଉଗ୍ରାଦରୁ ମୁକ୍ତ କରିବା ନିମନ୍ତେ ସରକାର ସଙ୍କଳ୍ପ ନେଇଥିଲେ, ଏହା ବଡ଼ କଥା। ଏଥିଲାଗି ସରକାରଙ୍କୁ ଅଭିନନ୍ଦନ। ଏକ ସମୟରେ ଦେଶରୁ ବାମପନ୍ଥୀ ଉଗ୍ରବାଦ ଏବଂ ଆତଙ୍କବାଦ ବିରୋଧରେ ସମାନନ୍ତରାଳ ଅଭିଯାନ ଚାଲିଥିଲା। ଛତିଶଗଡ଼ ମାଓମୁକ୍ତ ହୋଇଥିବା ବେଳେ କାଶ୍ମୀର ଆତଙ୍କବାଦରୁ ମୁକ୍ତି ଲାଭ କରିବାକୁ ଯାଉଛି। ପୂର୍ବ ସରକାର ଏହାକୁ ଗୁରୁତ୍ୱ ଦେଉନଥିଲେ। କିନ୍ତୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାରଙ୍କ ସଙ୍କଳ୍ପ ହେତୁ ଆଜି ଅସମ୍ଭବ ସମ୍ଭବ ହୋଇଛି। ଏହି ସଫଳତାର ଶ୍ରେୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଶର ବୀର ଯବାନ ଏବଂ ଆଦିବାସୀମାନଙ୍କୁ ଦେଇଛନ୍ତି। ବାସ୍ତବରେ ମାଓବାଦୀଙ୍କ ମୁକାବିଲା ନିମନ୍ତେ ସ୍ଥାନୀୟ ଅଧିବାସୀ ବିଶେଷ କରି ଆଦିବାସୀଙ୍କ ସହଯୋଗ ନିହାତି ଜରୁରୀ ଥିଲା। ସେମାନଙ୍କ ସହଯୋଗ ଏବଂ ସମର୍ଥନ ବିନା ଏହା ସମ୍ଭବ ହୋଇନଥାନ୍ତା। ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଛତିଶଗଡ଼ର ବସ୍ତର ଉପତ୍ୟକା ହେଉଛି ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ମାଓବାଦୀମାନେ ଦୀର୍ଘ ବର୍ଷ ହେବ ଆତଙ୍କରାଜ ଚଳାଇଥିଲେ। ଅନେକ ନିରୀହ ବ୍ୟକ୍ତି, ସୁରକ୍ଷା କର୍ମୀ ମାଓବାଦୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ସେଠାରେ ମାଓବାଦୀମାନେ ସରକାରଙ୍କ ବିକାଶମୂଳକ କାମକୁ ବିରୋଧ କରିଆସୁଥିଲେ। ରାସ୍ତା ନିର୍ମାଣ ହୋଇପାରୁନଥିଲା। ସ୍କୁଲ କୋଲିପାରୁନଥିଲା। ଡାକ୍ତରଖାନା, ବ୍ୟାଙ୍କ, ଡାକଘର ନଥିଲା। କାରଣ ମାଓବାଦୀମାନେ ଏ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ଏବଂ ପ୍ରଶାସନର ଉପସ୍ଥିତି ଚାହୁଁନଥିଲେ। ସରଳ ଆଦିବାସୀମାନଙ୍କୁ ବିଭ୍ରାନ୍ତ କରି, ସେମାନଙ୍କୁ ଭୟଭୀତ କରି ସେମାନଙ୍କ ହାତରେ ଅସ୍ତ୍ର ଧରାଇ ଦେଉଥିଲେ। ଯେଉଁମାନେ ଏହାର ବିରୋଧ କରୁଥିଲେ ବା ହିଂସାର ପଥକୁ ଗ୍ରହଣ କରୁନଥିଲେ, ସେମାନଙ୍କୁ ଅତି ବର୍ବର ଭାବେ ଗଳା କାଟି ହତ୍ୟା କରାଯାଉଥିଲା। ଯେଉଁମାନେ ମାନବାଧିକାର ସୁରକ୍ଷା ଲାଗି ଲଢ଼େଇ କରୁଥିବା ଦାବି କରୁଛନ୍ତି, ସେମାନେ ମାଓବାଦୀଙ୍କର ଏଭଳି ଅମାନବୀୟ କାର୍ଯ୍ୟକୁ ନିରବ ସମର୍ଥନ କରୁଥିଲେ। ନିଜକୁ ବୁଦ୍ଧିଜୀବୀ ବୋଲି ଦାବି କରୁଥିବା କେତେକ ବ୍ୟକ୍ତି ମାଓବାଦୀଙ୍କ ସପକ୍ଷରେ ସ୍ୱର ଉତ୍ତୋଳନ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରୁଥିଲେ। ପରୋକ୍ଷରେ ସେମାନେ ମାଓବାଦୀଙ୍କର ହିଂସାକୁ ସମର୍ଥନ କରୁଥିଲେ। ସେମାନଙ୍କ ମଧ୍ୟରୁ କେତେକ ଗିରଫ ହୋଇଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ସେମାନଙ୍କ ଗିରଫଦାରୀକୁ କିଛି ବିରୋଧୀ ଦଳ ନିନ୍ଦା କରୁଛନ୍ତି। ଏହାକୁ କହନ୍ତି ଦୋମୁହାଁ ନୀତି। କାଲି ଯଦି କୌଣସି ସ୍ଥାନରେ ମାଓବାଦୀମାନେ କିଛି ହିଂସାକାଣ୍ଡ କରିବେ ଏବଂ କେହି ପ୍ରାଣ ହରାଇବେ ତେବେ ବିରୋଧୀ ସରକାରଙ୍କୁ ସମାଲୋଚନା କରିବେ ଏବଂ ମାଓମୁକ୍ତ ଭାରତ କେବଳ ଏକ ସ୍ଲୋଗାନ ଥିଲା ବୋଲି କହିବେ। ବାସ୍ତବରେ ମାଓମୁକ୍ତ ଭାରତ ଶତ ପ୍ରତିଶତ ସମ୍ଭବ ନୁହେଁ। କାରଣ ସମାଜରୁ ଅପରାଧ କେବେ ସମ୍ପୂର୍ଣ୍ଣ ଲୋପ ପାଇନାହିଁ କିମ୍ବା ପାଇବ ନାହିଁ। ମାଓବାଦୀମାନେ ହେଉଛନ୍ତି ଅପରାଧୀ, ଲୁଟେରା। ଆଜି ସବୁ ଅପରାଧୀ ଜେଲ ଗଲେ କାଲି ନୂଆ ଅପରାଧୀ ଜନ୍ମ ନେଇପାରନ୍ତି। ସତୁରୀ ଦଶକରେ ପଶ୍ଚିମବଙ୍ଗର ନକ୍ସଲବାଡ଼ିରୁ ଜନ୍ମ ନେଇଥିବା ଏହି ବାମପନ୍ଥୀ ଉଗ୍ରବାଦ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପି ଯାଇଥିଲା। ଏହା କୌଣସି ଆଦର୍ଶ ଉପରେ ଆଧାରିତ ନଥିଲା। ଏହା ଥିଲା ଏକ ଅସହିଷ୍ଣୁତା। ଶୋଷଣ ଏବଂ ଅତ୍ୟାଚାର ରୋକିବାକୁ ନିରୀହ ଲୋକଙ୍କୁ ହତ୍ୟା କଦାପି ଆଦର୍ଶ ହୋଇନପାରେ। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ଓଡ଼ିର ୯ଟି ଜିଲ୍ଲା ସମେତ ଦେଶର ମୋଟ ୨୦୨ଟି ଜିଲ୍ଲା ମାଓ ପ୍ରଭାବିତ ହୋଇଥିଲା। ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ୟୁପି, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟ ବାମପନ୍ଥୀ ଉଗ୍ରବାଦର ଅଧିକ ଶିକାର ହୋଇଛନ୍ତି।

# ଭାରତୀୟ ମୁକ୍ତି ସଂଗ୍ରାମର ବୀରାଙ୍ଗନା


“ କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ ।


॥ ଡକ୍ଟର ତପନ କୁମାର ପାଳ ॥

ରାଣୀ ଚେନାମ୍ମା : ୧୮୨୪ରେ କିଞ୍ଚୁର (କର୍ଣ୍ଣାଟକ) ରାଣୀ ଚେନାମ୍ମା ଇଂରେଜ ଜାତିକୁ ତଡ଼ିବା ପାଇଁ ବିଦେଶୀମାନେ ଭାରତ ଛାଡ଼ ବିଗୁଲ ବଜାଇଥିଲେ । ୧୮୫୭ ସ୍ୱାଧୀନତା ସଂଗ୍ରାମର ୩୩ବର୍ଷ ପୂର୍ବରୁ ଚେନାମ୍ମା ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ରଣଚଣ୍ଡୀ ରୂପ ଧରି ରାଣୀ ଚେନାମ୍ମା ଇଂରେଜ ସୈନିକଙ୍କ ନାକରେ ପାଣି ପିଆଇ ଦେଇଥିଲେ । ଯୁଦ୍ଧ କରୁ କରୁ ଚେନାମ୍ମା ବୀରଗତି ଲାଭ କରିଥିଲେ ।

ରାଣୀ ଲକ୍ଷ୍ମୀବାଈ : ୧୮୩୫ ନଭେମ୍ବରରେ ବନାରସ ନିବାସୀ ମୋରୋପନ୍ଥ ତାମ୍ବେଙ୍କ ଘରେ ଲକ୍ଷ୍ମୀବାଈ ଜନ୍ମ ନେଇଥିଲେ । ତାଙ୍କ ପିଲା ଦିନଟି କାନପୁରର ବିଠୁରରେ ନାନା ସାହେବଙ୍କ ସହ କଟିଥିଲା । ୧୮୫୫ରେ ଘୋଡ଼ାସବାରୀ ଓ ତରବାରୀ ଚାଳନାରେ ଅପରାଜେୟ ଲକ୍ଷ୍ମୀବାଈଙ୍କ ସ୍ୱାମୀ ରାଜା ଗଙ୍ଗାଧର ରାଓଙ୍କ ମୃତ୍ୟୁ ହେଲା । ଇଂରେଜ ଶାସକ ତାଙ୍କ ପାଳିତ ପୁତ୍ରକୁ ରାଜା ରୂପେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନଥିଲେ । ଫଳରେ ରାଣୀ ଲକ୍ଷ୍ମୀବାଈ ପ୍ରବଳ ପରାକ୍ରମ ସହ ଯୁଦ୍ଧ କରି ଇଂରେଜ ସେନାକୁ ଝାନ୍ସୀରୁ ତଡ଼ି ଦେଲେ । ତାନ୍ତିଆ ଟୋପେ ସାହାଯ୍ୟରେ ଗୋରା ସେନାକୁ ଗୋଆଲିୟରରୁ ତଡ଼ିବାରେ ସଫଳ ହେଲେ । ହେଲେ ଭାଗ୍ୟ ଦେବୀଙ୍କ ବିପର୍ଯ୍ୟୟର ଶିକାର ହୋଇ ପରବର୍ତ୍ତୀ ଯୁଦ୍ଧରେ ମୃତ୍ୟୁବରଣ କଲେ ।

ରାଣୀ ଅବନ୍ତୀବାଈ : ମଧ୍ୟପ୍ରଦେଶର ରାମଗଡ଼ରେ ରାଣୀ ଅବନ୍ତୀ ବାଈଙ୍କ ଜନ୍ମ ୧୮୩୧ ଜୁଲାଇ ୧୬ ତାରିଖରେ ହୋଇଥିଲା । ରାମଗଡ଼ ଶାସକ ବିକ୍ରମାଦିତ୍ୟ ସିଂହଙ୍କ ମୃତ୍ୟୁପରେ ଇଂରେଜ ସରକାର ତାଙ୍କ ରାଜ୍ୟକୁ ଦଖଲ କଲା । ୧୮୫୭ ସଂଗ୍ରାମ ସମୟରେ ରାଣୀ ଅବନ୍ତୀ ବାଈ ଇଂରେଜ ସରକାରଠୁ ଦେଶ ହାସଲ ପାଇଁ ଶପଥ ନେଇ ପରବର୍ତ୍ତୀ ସମୟରେ ଯୁଦ୍ଧକରି ବରଂ ନିଜ ଜୀବନ ହାରିବାକୁ ଶ୍ରେୟସ୍କର ମନେ କରିଥିଲେ ।

ବେଗମ୍ ହଜରତ୍ ମହଲ : ୧୮୫୭ ସ୍ୱାଧୀନତା ସଂଗ୍ରାମ ଅମଳରେ ଲକ୍ଷ୍ନୌ ବିଦ୍ରୋହର ନେତୃତ୍ୱ ନେଇଥିଲେ ବେଗମ୍ ହଜରତ ମହଲ । ନାବାଳକ ପୁଅ ବିରଜିସ କାଦରକୁ ସିଂହାସନରେ ବସାଇ ଇଂରେଜ ସରକାର ବିରୋଧରେ ଲଢ଼ାଇ କରିଥିଲେ । ତାଙ୍କ ନେତୃତ୍ୱରେ ଅଓଧ ଜମିଦାର, କୃଷକ ଓ ସୈନିକମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ କରିଥିଲେ । ନିଜେ ହଜରତ ବେଗମ ହାତୀ ପିଠିରେ ବସି ଦିନରାତି ଯୁଦ୍ଧ କରି ବୀରଗତି ଲାଭ କଲେ ।

ସରୋଜିନୀ ନାଇଡୁ : ୧୮୭୯ ଫେବୃୟାରୀ ୧୩ରେ ହାଇଦ୍ରାବାଦରେ ସରୋଜିନୀ ନାଇଡୁ ଜନ୍ମ ଲାଭ କରିଥିଲେ । ମାତ୍ର ୧୩ ବର୍ଷ ବୟସରେ ସରୋଜିନୀ ୧୩୦୦ ପଦବିଶିଷ୍ଟ ‘ଝରଣାର ପାଣି’ ନାମକ କବିତା ଓ ୨୦୦୦ ବାକ୍ୟବିଶିଷ୍ଟ ନାଟକ ଲେଖି ଇଂରେଜ ଭାଷାରେ ତାଙ୍କ ଦକ୍ଷତା ସାବ୍ୟସ୍ତ କରିଥିଲେ । ଇଂଲଣ୍ଡରେ ଥିବାବେଳେ ଡାକ୍ତର ଗୋବିନ୍ଦ ନାଇଡୁଙ୍କ ସହ ତାଙ୍କର ସାକ୍ଷାତ ହେଲା । ପଢ଼ା ଶେଷ ପରେ ମାତ୍ର ୧୯ବର୍ଷ ବୟସରେ ସେ ଗୋବିନ୍ଦ ନାଇଡୁଙ୍କୁ ବିବାହ କଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ ମହାତ୍ମାଗାନ୍ଧୀଙ୍କ ସହ ଜେଲରେ ପ୍ରାୟ ୨୧ ମାସ ରହିଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ତାଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଗଲା । ସେ ସ୍ୱାଧୀନ ଭାରତର ପ୍ରଥମ ମହିଳା ରାଜ୍ୟପାଳ ଥିଲେ ।

ପ୍ରୀତିଲତା ୱାଦେଦର : ୧୯୧୧ ମେ’ ୫ରେ ଚଟଗାଁର ଘୋଲାଘାଟରେ ପ୍ରୀତିଲତା ଜନ୍ମ ଲଭା କରିଥିଲେ । ତାଙ୍କ ବାପା ଜଗବନ୍ଧୁ ୱାଦେଦର ଚଟଗାଁ ନଗରପାଳିକାରେ କିରାଣୀ ଥିଲେ । ତାଙ୍କ ମା’ ପ୍ରତିଭା ୱାଦେଦର ସ୍ଥାନୀୟ ବିପ୍ଳବୀଙ୍କୁ ଆଶ୍ରୟ ଦେଉଥିଲେ । ୧୯୩୨ ସେପ୍ଟେମ୍ବର ୨୩ରେ ପ୍ରୀତିଲତା ସାଥିମାନଙ୍କ ସହ ମିଶି ୟୁରୋପୀୟ କ୍ଲବ ଉପରେ ଆକ୍ରମଣ କଲେ ଓ ଗିରଫଦାରୀରୁ ଉଦ୍ଧରିବା ପାଇଁ ଆତ୍ମହତ୍ୟା ରାସ୍ତା ବାଛିନେଲେ ।

ମାତଙ୍ଗିନୀ ହାଜରା : ୧୮୭୦ ଅକ୍ଟୋବର ୧୯ରେ ପଶ୍ଚିମବଙ୍ଗରେ ମାତଙ୍ଗିନୀ ହାଜରା ଜନ୍ମ ଲାଭ କରିଥିଲେ । ସେ ବିଧବା ଥିଲେ, କିନ୍ତୁ ତାଙ୍କ ଅଦମ୍ୟ ସାହସ ନିକଟରେ ଯୁବକମାନେ ବି ଫିକା ପଡ଼ିଯାଉଥିଲେ । ୧୯୩୨ରେ ତାଙ୍କ ଗାଁରୁ ଗୋଟିଏ ଶୋଭାଯାତ୍ରା ବାହାରିଲା ଯେଉଁଥିରେ କେହି ମହିଳା ନଥିଲେ । ଏକମାତ୍ର ମାତଙ୍ଗିନୀ ସେଥିରେ ଯୋଗ ଦେଇ ସାହସିକତାର ପରିଚୟ ଦେଲେ । ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ମାତଙ୍ଗିନୀ ଯୋଗ ଦେଲେ । ଲବଣ ସତ୍ୟାଗ୍ରହରେ ବହୁ ଲୋକ ଗିରଫ ହେଲେ । ମାତଙ୍ଗିନୀଙ୍କ ବୃଦ୍ଧାବସ୍ଥା ପ୍ରତି ଦୟା ବହି ପୁଲିସ ତାଙ୍କୁ ଗିରଫ କଲାନାହିଁ । ପରବର୍ତ୍ତୀ ସମୟରେ ବ୍ରିଟିଶ ଫଉଜଙ୍କ ଗୁଳିରେ ତାଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା।

କସ୍ତୁରବା ଗାନ୍ଧୀ : ୧୮୬୯ ଅପ୍ରେଲ ୧୧ରେ କସ୍ତୁରବା ଜନ୍ମ ଲାଭ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ତ୍ରୀ କସ୍ତୁରବା ଭାରତରେ ବା’ ନାମରେ ପରିଚିତା । ମାତ୍ର ୧୩ବର୍ଷ ବୟସରେ ସେ ମହାତ୍ମା ଗାନ୍ଧୀଙ୍କୁ ବିବାହ କଲେ । ଦକ୍ଷିଣ ଆଫ୍ରିକା ରହଣି ସମୟରେ କଳାଗୋରା ଭେଦଭାବ ନୀତି ବିରୋଧରେ ତାଙ୍କୁ ଅନେକ ବାର ଜେଲ କାଟିବାକୁ ପଡ଼ିଥିଲା । ସେ ବାପୁଙ୍କ ସହ ପାଦରେ ପାଦ ମିଳାଇ ଚାଲିଥିଲେ । ୧୯୪୨ରେ ବାପୁ ଗିରଫ ହେବା ପରେ ସେ ବମ୍ବେସ୍ଥିତ ଶିବାଜୀ ପାର୍କରେ ହେବାକୁ ଥିବା ସାଧାରଣ ସଭାରେ ଭାଷଣ ଦେବାକୁ ନିଷ୍ପତ୍ତି ନେଲେ । ପାର୍କ ଫାଟକ ନିକଟରେ ପହଞ୍ଚିବା ମାତ୍ରେ ତାଙ୍କୁ ପୁଲିସ ଗିରଫ କଲା । ତାଙ୍କୁ ପୁଣେର ଆଗା ଖାଁ ପ୍ରାସାଦକୁ ପଠାଇ ଦିଆଗଲା । ବଞ୍ଚିଥିବା ପର୍ଯ୍ୟନ୍ତ କସ୍ତୁରବା ମୁକ୍ତି ସଂଗ୍ରାମ ଜାରି ରଖିଥିଲେ ।

କଳ୍ପନା ଦତ୍ତ : ୧୯୩୧ ଜୁଲାଇ ୨୭ରେ ଜନ୍ମିତ ବିପ୍ଳବିଣୀ କଳ୍ପନା ଦତ୍ତ ବିପ୍ଳବୀ ସୂର୍ଯ୍ୟସେନଙ୍କ ସହ ସମ୍ପର୍କ ରକ୍ଷା କରିଥିଲେ । ସେ ଛଦ୍ମବେଶରେ ବିପ୍ଳବୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚାଇବା କାମ କରୁଥିଲେ । ୧୯୩୩ରେ ବିପ୍ଳବୀ ଓ ପୁଲିସଙ୍କ ଭିତରେ ସଶସ୍ତ୍ର ଲଢ଼େଇ ହେଲା । ସୂର୍ଯ୍ୟସେନ୍ ତଥା ତାଙ୍କ ସାଥିମାନଙ୍କୁ ପୁଲିସ ଗିରିଫ କଲା । କଳ୍ପନା ମଧ୍ୟ ପୁଲିସ ହାତରେ ଧରାପଡ଼ିଲେ । ସେମାନଙ୍କ ବିଚାର ଚାଲିଲା । ୧୯୩୪ ଫେବୃୟାରୀରେ ସୂର୍ଯ୍ୟ ସେନ୍ ଓ ତାରକେଶ୍ୱରଙ୍କୁ ଅଦାଲତ ଫାଶୀ ଦଣ୍ଡାଦେଶ ଦେଲେ । ୨୧ ବର୍ଷୀୟା କଳ୍ପନାଙ୍କୁ ଆଜୀବନ କାରା ଦଣ୍ଡାଦେଶ ମିଳିଲା । ଅବଶ୍ୟ ରାଷ୍ଟ୍ରପିତା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ଉଦ୍ୟମ ଫଳରେ ତାଙ୍କୁ ଜେଲରୁ ମୁକ୍ତି ମିଳିଥିଲା ।

କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ । ସୁଭାଷଙ୍କ ଚିନ୍ତାଧାରା ଲକ୍ଷ୍ମୀ ପ୍ରଭାବିତ ହେଲେ । ଲକ୍ଷ୍ମୀଙ୍କ ଭିତରେ ଦେଶପ୍ରେମ ଦେଖି ସୁଭାଷ ତାଙ୍କ ନେତୃତ୍ୱରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟ ଗଠନ କଲେ । ଭାରତ ମାତା ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୀର ମହିଳାମାନଙ୍କୁ ନେଇ ରେଜିମେଣ୍ଟ ଗଠିତ ହେଲା । ୧୯୪୩ ଅକ୍ଟୋବର ୨୨ରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟର କ୍ୟାପଟେନ୍ ଦାୟିତ୍ୱ ସମ୍ଭାଳିଲେ ଲକ୍ଷ୍ମୀ ସେହଗାଲ । ପ୍ରାୟ ୫୦୦ ମହିଳାଙ୍କୁ ଲକ୍ଷ୍ମୀ ସେହଗାଲ ସେନାରେ ସାମିଲ କରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ପରାସ୍ତ ହେବା ପରେ ପରେ ବ୍ରିଟିଶ ସେନା ଆଜାଦ ହିନ୍ଦ ଫୌଜ ଯବାନମାନଙ୍କୁ ଗିରଫ କରିନେଲା । ସେହି ଉପକ୍ରମରେ ୧୯୪୬ ମାର୍ଚ୍ଚ ୪ରେ ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ଫଉଜ ଗରିଫ କରି ଭାରତ ଆଣିଲା । ସେତିକିବେଳେ ଭାରତ ସ୍ୱାଧୀନତା ଆନ୍ଦୋଳନ ଚରମ ସୀମାରେ ଥିଲା । ଅଗତ୍ୟା ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ସରକାର ମୁକ୍ତ କରିଦେଲେ ।

ବୀଣା ଦାସ : ୧୯୧୧ ଅଗଷ୍ଟ ୧୧ରେ ଋଷିକେଷରେ ଜନ୍ମିତ ବୀଣା ଦାସ ଆରମ୍ଭରୁ ସମାଜ ସେବାରେ ବ୍ରତୀ ଥିଲେ । ସେ ‘ପୁଣ୍ୟାଶ୍ରମ’ ପ୍ରତିଷ୍ଠା କରିଥିଲେ । ଅସହାୟ ମହିଳାଙ୍କ ତାଙ୍କ ସଂସ୍ଥା ଆଶ୍ରୟ ପ୍ରଦାନ କରୁଥିଲା । କଲିକତାର ବେଥୁନ କଲେଜରେ ପଢ଼ିବା ସମୟରୁ ତାଙ୍କ ବୈପ୍ଳବାତ୍ମକ ଚିନ୍ତାଧାରା ପ୍ରକାଶ ପାଇଥିଲା । ୧୯୨୮ ରେ ସାଇମନ କମିଶନ ବିରୋଧରେ ବୀଣା କିଛି ଛାତ୍ରଛାତ୍ରୀଙ୍କ ସହଯୋଗରେ କଲେଜ ଫାଟକ ନିକଟରେ ଧାରଣା ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ୯ବର୍ଷ କାରାବାସ କରିବାକୁ ପଡ଼ିଲା । ପୁଲିସ ତାଙ୍କୁ ବହୁ ନିର୍ଯାତିତ ଦେଲେ ମଧ୍ୟ ତାଙ୍କ ମୁହଁରୁ ଗୋଟିଏ ବି ସହଯୋଗୀଙ୍କ ନାମ ଶୁଣିବାକୁ ପାଇଲେ ନାହିଁ ।

କନକଲତା ବରୁଆ : ୧୯୨୪-୪୨ ସବୁଠୁ କମ୍ ବୟସର ବୀରାଙ୍ଗନା ଭାବେ ପରିଚିତ କନକଲତା ବରୁଆଙ୍କ ସାହସିକତାର କାହାଣୀ ଶୁଣିଲେ, ଅନେକଙ୍କ ଲୋମ ଟାଙ୍କୁରି ଉଠେ । ୧୯୩୧ ରୈୟତ ଅଧିବେଶନରେ ଭାଗ ନେଇଥିବା ଲୋକମାନଙ୍କୁ ରାଷ୍ଟ୍ରଦୋହ ଅପରାଧରେ ପୁଲିସ ଗିରଫ କଲା । ପରବର୍ତ୍ତୀ ମାତ୍ର ଅଠର ବର୍ଷ ବୟସରେ ସେ ଲଢ଼େଇ କରୁଥିବା ଅବସ୍ଥାରେ ହିଁ ପ୍ରାଣବଳୀ ଦେଇଥିଲେ।

ନେଲୀ ସେନ୍‌ଗୁପ୍ତା (୧୮୮୬-୧୯୭୩) : ୧୮୮୬ ଜାନୁୟାରୀ ୧୨ରେ କଲିକତାରେ ଜନ୍ମିତ ନେଲୀ ସେନଗୁପ୍ତା ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ନେଇଥିବା ଯତିନ୍ଦ୍ର ମୋହନ ସେନଗୁପ୍ତାଙ୍କ ସ୍ତ୍ରୀ । ସମସ୍ତ ସୁଖ ତ୍ୟାଗ କରି ନେଲୀ ସ୍ୱାମୀଙ୍କ ସହ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ । ଆସାମ-ବଙ୍ଗଳା ରେଳ ରୋକ ମାମଲାରେ ଯତିନ୍ଦ୍ରଙ୍କୁ ପୁଲିସ ଗିରଫ କରି ଜେଲରେ ଠୁଙ୍କି ଦେଲା । ୧୯୩୩ରେ ନେଲୀ କଲିକତା କଂଗ୍ରେସ ଅଧିବେଶନର ଅଧ୍ୟକ୍ଷତା କଲେ । ପରେ ସେ ଗିରଫ ହୋଇଥିଲେ।

କମଳାଦେବୀ ଚଟ୍ଟୋପାଧ୍ୟାୟ (୧୯୦୩-୧୯୮୮) : ସ୍ୱାଧୀନତା ସଂଗ୍ରାମୀ କମଳାଦେବୀ ଚଟ୍ଟୋପାଧ୍ୟାୟ ଏକାଧାରରେ ସମାଜ ସୁଧାରକ ଓ ଭାରତୀୟ ହସ୍ତକଳା କ୍ଷେତ୍ରରେ ନବଜାଗରଣ ଆଣିଥିଲେ । ୧୯୦୩ ଅପ୍ରେଲ ୩ରେ କର୍ଣ୍ଣାଟକର ଗୋଟିଏ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମିତ କମଳାଦେବୀ ବାଳିକାବଧୂ ହେଲେ ବି ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ରଖିଥିଲେ । ସେ ମହାତ୍ମା ଗାନ୍ଧି, ଜବାହରଲାଲ ନେହେରୁ, ମୌଲାନା ଆବୁଲ କାଲାମ ଆଜାଦ, ସରୋଜିନୀ ନାଇଡୁ ଓ କସ୍ତୁରବା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ । ତାଙ୍କୁ ଅନେକବାର ଜେଲ କଟାଇବାକୁ ପଡ଼ିଥିଲା ।

ଇନ୍ଦିରା ଗାନ୍ଧୀ (୧୯୧୭-୧୯୮୪) : ବିଶ୍ୱ ସ୍ତରରେ ଆଇରନ୍ ଲେଡ଼ିଭାବେ ପରିଚିତା ଏକମାତ୍ର ଭାରତୀୟ ମହିଳା ଇନ୍ଦିରା ଗାନ୍ଧୀ ୧୯୧୭ ନଭେମ୍ବର ୧୯ରେ ନେହେରୁ ପରିବାରରେ ଜନ୍ମ ଲାଭ କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଏକମାତ୍ର କନ୍ୟା ଇନ୍ଦିରାଙ୍କ ବହୁମୁଖୀ ପ୍ରତିଭା ବିଶ୍ୱ ରାଜନୀତିକୁ ପ୍ରଭାବିତ କରିଥିଲା । ସେତେବେଳେ ଆନନ୍ଦ ଭବନକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଆଖଡ଼ା ଶାଳା କୁହାଯାଉଥିଲା । ଭାରତୀୟ ମୁକ୍ତି ସଂଗ୍ରାମ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆନନ୍ଦ ଭବନରେ ନିଆଯାଉଥିଲା । ଫଳରେ ବାଳିକା ଇନ୍ଦିରାଙ୍କ ଉପରେ ତାହାର ଗଭୀର ପ୍ରଭାବ ପଡ଼ିଲା । ଦେଶବ୍ୟାପୀ ବିଦେଶୀ ବସ୍ତ୍ର ବର୍ଜନ ଆନ୍ଦୋଳନ ଚାଲିଥିଲାବେଳେ ବାଳିକା ଇନ୍ଦିରା ସ୍ୱୟଂ ବିଦେଶୀ ବସ୍ତ୍ରରେ ନିଆଁ ଲଗାଇ ଖଦୀ ବସ୍ତ୍ର ଧାରଣ କଲେ । ମାତ୍ର ୧୩ ବର୍ଷ ବୟସରେ ସେ ବାନର ସେନା ଗଠନ କରି ଆନ୍ଦୋଳନକାରୀଙ୍କୁ ସାହାଯ୍ୟ କରିଥିଲେ । ଆନ୍ଦୋଳନକାରୀଙ୍କ ନିକଟରେ ଗୁପ୍ତ ସୂଚନା ପହଞ୍ଚାଇ ସେ ଗୁରୁ ଦାୟିତ୍ୱ ତୁଲାଉଥିଲେ । ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍‌ର ପାକିସ୍ତାନ ଦାବି ଭାରତୀୟ ରାଜନୀତିକୁ ଅଶାନ୍ତ କରୁଥିଲା । ଚାରିଆଡ଼େ ସାମ୍ପ୍ରଦାୟିକ ଦଙ୍ଗା ତେଜି ଉଠୁଥିଲା । ଦିଲ୍ଲୀର କେତେକ ଇଲାକାରେ ଦଙ୍ଗା ନିଆଁ ଜଳୁଥିଲା । ସେତିକିବେଳେ ମହାତ୍ମା ଗାନ୍ଧି ଇନ୍ଦିରାଜୀଙ୍କୁ ଦଙ୍ଗାଗ୍ରସ୍ତ ଅଞ୍ଚଳକୁ ପଠାଇଲେ । ନିର୍ଭୀକ ଇନ୍ଦିରା ଦଙ୍ଗାପ୍ରବଣ ଇଲାକାରେ ପହଞ୍ଚି ଲୋକମାନଙ୍କୁ ବୁଝାଇ ଶାନ୍ତ କରାଇଥିଲେ । ବିଭାଜନ ସମୟରେ ଆନନ୍ଦ ଭବନରେ ବନ୍ଦୋବସ୍ତ ହୋଇଥିବା ଶରଣାର୍ଥୀ ଶିବିରର ଦେଖାରଖା ଦାୟିତ୍ୱ ଇନ୍ଦିରାଙ୍କ ଉପରେ ଥିଲା । ୧୯୬୬ରୁ ୧୯୭୭ ଭିତରେ ଇନ୍ଦିରା ତିନିଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ପରେ ୧୯୮୦-୮୪ ପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟ ଭାର ସମ୍ଭାଳିଥିଲେ । ତାଙ୍କ ଶାସନ କାଳରେ ଦେଶର ଆର୍ଥିକ ଅବ୍ୟବସ୍ଥା, ଆଭ୍ୟନ୍ତରୀଣ କନ୍ଦଳ, କଂଗ୍ରେସ ବିଭାଜନ, ଆର୍ଥିକ ସୁଧାର କାର୍ଯ୍ୟକ୍ରମ, ପାକିସ୍ତାନ ସହ ଯୁଦ୍ଧ ପରି ବହୁ ସମସ୍ୟା ମୁଣ୍ଡ ଟେକିଥିଲା । ସବୁ ସମସ୍ୟାକୁ ସାହସର ସହ ମୁକାବିଲା କରି ସେ ଲୌହମାନବୀ ମାନ୍ୟତା ପାଇଥିଲେ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,

ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩


# ଗାନ୍ଧିଜୀଙ୍କ ଓଡ଼ିଶା ସ୍ମୃତି : ବେରବୋଇରେ ସାତ ଦିନ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଜନତା ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ। ଏହି ମୁକ୍ତି ଆନ୍ଦୋଳନରେ ଓଡ଼ିଶାରେ ଅବଦାନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ୧୮୧୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ମୁଣ୍ଡ ଟେକିଥିଲା ଓଡ଼ିଶାର ପାଇକ ବିଦ୍ରୋହ। ଚଳିତ ବର୍ଷ ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଇତିମଧ୍ୟରେ ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଆଗମନର ଶହେବର୍ଷ ପୂର୍ତ୍ତି ପାଳିତ ହୋଇସାରିଛି। ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ। ଏଠାରେ ତାଙ୍କର ସ୍ମୃତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ। ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧୀ। ଓଡ଼ିଶାକୁ ଆସିଥିଲେ ଆଠଥର, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। କର୍ଣ୍ଣାଟକର ହୁଦଲି ଠାରେ ଆୟୋଜିତ ଗାନ୍ଧୀ ସେବା ସଂଘର ତୃତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଓଡ଼ିଶାର ପ୍ରତିନିଧି ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ରମା ଦେବୀଙ୍କ ପ୍ରସ୍ତାବକ୍ରମେ ସ୍ଥିରୀକୃତ ହେଲା ଯେ ଏହାର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓଡ଼ିଶାରେ ହିଁ ହେବ। ଶେଷରେ ରାଜ୍ୟର ପ୍ରତିନିଧିମାନେ ବେରବୋଇ ଠାରେ ଚତୁର୍ଥ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ନେଲେ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ଯାଏ ବେରବୋଇ ଠାରେ ଏହି ଐତିହାସିକ ଆୟୋଜନ ହୋଇଥିଲା। ଏହି ସମ୍ମିଳନୀକୁ ଗାନ୍ଧୀ ସଭା କୁହାଯାଉଥିଲା। ଗାନ୍ଧୀ ଆଠଥର ଓଡ଼ିଶାକୁ ଆସିଥିଲେ ଏବଂ ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ବେରବୋଇ ଗ୍ରାମରେ। ଏହି ସମୟରେ ସ୍ଥାନୀୟ ଲୋକମାନଙ୍କ ପ୍ରୟାସରେ ଆୟୋଜନ କରାଯାଇଥିଲା ହସ୍ତଶିଳ୍ପ ଓ ତନ୍ତ ମେଳା। ବେରବୋଇ ସମ୍ମିଳନୀର ଆୟୋଜନ ପାଇଁ ବର୍ଷ ତମାମ ପ୍ରସ୍ତୁତି ଚାଲିଥିଲା। କୃପାସିନ୍ଧୁ ହୋତା, ବିନୋଦ କାନୁନ୍‌ଗୋ, ରମାଦେବୀ, ମନମୋହନ ଚୌଧୁରୀ ପ୍ରମୁଖ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ। ଏହି ଅଧିବେଶନରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ପାଇଁ ସେଠାରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା କରାଗଲା। ଏହି ଅଧିବେଶନରେ ୧୦ ମାଇଲ ପରିଧି ଭିତରେ ଚାଷ କରାଯାଇଥିବା ପନିପରିବା ଖାଦ୍ୟ ସାମଗ୍ରୀ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ନିଆଗଲା। ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପନିପରିବା ଚାଷ ଓ ଗୋପାଳନ କରିବାକୁ କୁହାଗଲା। ସେତେବେଳେ ଡେଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ରହଣିର ସୁବିଧା ନଥିଲା। ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ। ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ ସକାଳ ସାତଟାରେ ହାୱଡ଼ା-ପୁରୀ ଟ୍ରେନ୍‌ରେ ଗାନ୍ଧିଜୀ ଆସି ପହଞ୍ଚିଥିଲେ। ରେଳବାଇ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେସନ କରିବା ସହ ସେଠାରେ କାଠ ଓ ବାଉଁଶରେ ପାହାଚ ତିଆରି କରିଥିଲେ। ତାଙ୍କ ସାଥିରେ ଥିଲେ ତାଙ୍କ ସହଧର୍ମିଣୀ କସ୍ତୁରବା, ପୁତ୍ର ମଣିଲାଲ, ପୁତ୍ରବଧୂ ସୁଶୀଳା, ନାତି ଅରୁଣ। କଂଗ୍ରେସର ବହୁ ଶୀର୍ଷସ୍ତରୀୟ ନେତା - ଗାନ୍ଧୀ ସେବା ସଂଘର ସଭାପତି କିଶୋରଲାଲ ମସରୁୱାଲା, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଡ. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଗଙ୍ଗାଧର ରାଓ ଦେଶପାଣ୍ଡେ, ମୌଲାନା ଅବୁଲ କଲାମ ଆଜାଦ, ଗୋବିନ୍ଦ ବଲ୍ଲଭ ଭାଇ, କ୍ଷୀତିଶ ରାୟ ଚୌଧୁରୀ, ହୃଦୟନାଥ କୁଂଜୁର, ଯମୁନାଲାଲ ବଜାଜ୍, ରାମ ରତନ ଶର୍ମା, ଆନ୍ନା ସାହେବ, ସହସ୍ର ବୁଦ୍ଧେ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସମସ୍ତ ନିକଟସ୍ଥ ବ୍ରହ୍ମେଶ୍ୱର ପୋଖରୀରେ ସ୍ନାନ କରିବା ପରେ ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିଲେ। ଗାନ୍ଧୀ ଓ ଅନ୍ୟ ପ୍ରତିନିଧି ମାନଙ୍କ ସାତ ଦିନ (ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ) ଧରି ରହଣି ପାଇଁ ବ୍ରହ୍ମେଶ୍ୱର ପୋଖରୀ ହୁଡ଼ାରେ ନିର୍ମିତ ଅସ୍ଥାୟୀ ନଡ଼ା ଛପର ଚାଳ ଘରର ବ୍ୟବସ୍ଥା କରାଯାଇଥିଲା। ବେରବୋଇ ସମ୍ମିଳନୀରେ ଶହ ଶହ ପୁରୁଷ ଓ ମହିଳା ଗାନ୍ଧିଜୀଙ୍କ ସାନିଧ ପାଇ ନିଜକୁ ଧନ୍ୟ ମଣିଥିଲେ। ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀକୁ ଗାନ୍ଧୀ ଉଦ୍‌ଘାଟନ କରିଥିଲେ ଏବଂ ପତାକା ଉତ୍ତୋଳନ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ପ୍ରାୟ ୭୦ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ ଏବଂ ସମସ୍ତେ ଏଥିପାଇଁ ଦୁଇ ପଇସା ଲେଖାଏଁ ଦେଇ ଟିକେଟ କିଣିଥିଲେ। ଏହି ଅବସରରେ ଭାଷଣ ଦେଇ ଗାନ୍ଧୀ କହିଥିଲେ ଯେ ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା। ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ।

ଆଜି ପବିତ୍ର ୭୮ତମ ସ୍ୱାଧୀନତା ଦିବସ ଅବସରରେ ମନେପଡୁଛି ୧୯୨୮ ମସିହାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ପ୍ରଖ୍ୟାତ ସଂଗ୍ରାମୀ ବାଞ୍ଛାନିଧି ମହାନ୍ତି ଗାଇଥିଲେ - ‘କହ କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି, କହ ପାଇଛି କିଏ ସୁଖ ଲିଭାଇଛି ଦୁଃଖ, ମାଗି ମାଗି ପଥ ଭିକାରୀ’। ଏହାସହ ସ୍ୱାଧୀନ ଭାରତକୁ ନେଇ ତାଙ୍କର ହୃଦୟସ୍ପର୍ଶୀ ଗୀତଟି ଥିଲା - ‘ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ, ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ, ଭାଇ ହିମାଚଳ ଗିରିବର କମ୍ପିତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ’।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଦେଶ ପ୍ରେମରେ ଓଡ଼ିଆ ସିନେମା

॥ ସତ୍ୟ ମହାପାତ୍ର ॥

ଆଜି ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଏହି କ୍ରମରେ ଆମ ସାଧାରଣ ଜୀବନରେ ପ୍ରାୟତଃ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିବା ସିନେମାରେ ମଧ୍ୟ ଦେଶ ପ୍ରେମ ଓ ଦେଶାତ୍ମବୋଧକ ଗୀତର ମାଧୁର୍ଯ୍ୟ ପ୍ରେରଣା ଯୋଗାଇଛି। ଅନେକ ଗୀତରେ ମାତୃଭୂମିର ଜୟଗାନ ସହ ଅନ୍ୟାୟ, ଦୁର୍ନୀତି, ଅନୀତି ଓ ଶୋଷଣ ବିରୁଦ୍ଧରେ ବିପ୍ଳବର ସ୍ୱର ବି ଶୁଭିଛି। ସାମାଜିକ ଜୀବନ ସହ ଜନ ଜାଗରଣର ବାର୍ତ୍ତା ଦେଇଥିବା କିଛି କାଳଜୟୀ ଓଡ଼ିଆ ସିନେମା ସଂଗୀତ ସମ୍ପର୍କରେ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଆଲୋଚନାଟି ରଖୁଛୁ।

ଓଡ଼ିଆ ସିନେମାରେ ଦେଶାତ୍ମବୋଧ ବା ଦେଶପ୍ରେମର ଭାବନା ଖୋଜିଲାବେଳକୁ ସର୍ବପ୍ରଥମେ ୧୯୬୮ ମସିହାରେ ରିଲିଜ ହୋଇଥିବା ସେ ସମୟର ଲୋକପ୍ରିୟ ସିନେମା ‘ସ୍ତ୍ରୀ’ ଆସୁଛି। ଏହି ଚଳଚ୍ଚିତ୍ରର ଗଙ୍ଗା ଯେ ଦେଶେ ବହେ, ଯମୁନା ଯେ ଦେଶେ ବହେ..... ଏହି କାଳଜୟୀ ହୃଦୟସ୍ପର୍ଶୀ ଓ ଚେତନାଦାୟୀ ସଂଗୀତକୁ ଲେଖିଥିଲେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତି। ତେବେ ନିର୍ମଳା ମିଶ୍ରଙ୍କ ସମେତ ଅନ୍ୟ ପାର୍ଶ୍ୱ କଣ୍ଠଶିଳ୍ପୀଙ୍କ ଏହି ସଂଗୀତରେ ସୁବିଖ୍ୟାତ ଅଭିନେତ୍ରୀ ପାର୍ବତୀ ଘୋଷ ଅଭିନୟ କରିଛନ୍ତି। ତେବେ ପରବର୍ତ୍ତୀ ସମୟରେ ଅନେକ ସଂଗୀତ ଗୁଡ଼ିକ ଦେଶାତ୍ମବୋଧକୁ ନେଇ ତିଆରି ହୋଇଛି। ମନେପକାନ୍ତୁ ସେ ସମୟର ପ୍ରିୟ ଚଳଚ୍ଚିତ୍ର ‘ସ୍କୁଲ ମାଷ୍ଟର’। କାଳଜୟୀ ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଂଗୀତ ନିର୍ଦ୍ଦେଶନାରେ ମନଛୁଆଁ ଗୀତଟି ଥିଲା ‘ଦେ ରେ ସାଥୀ ଦେ’ ଯାହାକୁ ଗାଇଥିଲେ ସିପ୍ରା ବୋଷ। ସେହିପରି ସେ ସମୟର ବ୍ୟସ୍ତତମ ଲୋକପ୍ରିୟ ଓଡ଼ିଆ ସିନେ ତାରକା ଶ୍ରୀରାମ ପଣ୍ଡାଙ୍କ ‘ଧରିତ୍ରୀ’ ସିନେମାରେ ଏକ ହୃଦୟ ଝଙ୍କୃତ କଲାପରି ଗୀତଟି ରହିଥିଲା ତାହା ଥିଲା ‘ସ୍ୱର୍ଗାଦପି ଗରୀୟସୀ, ଜନନୀ ମା’ ଧରିତ୍ରୀ...’। ପରବର୍ତ୍ତୀ ସମୟରେ ଦେଶାତ୍ମ ଭାବନା ଭିତରେ ଶ୍ରୋତା ଓ ଦର୍ଶକଙ୍କୁ ବାନ୍ଧି ରଖିବା ପରି ସିନେମା ଆସିଥିଲା ‘ଭାଇ-ଭାଉଜ’। ଏହି ସିନେମାର ‘ଜନ୍ମ ମାଟି ପଲ୍ଲୀ ଡାକେ....’ ଗୀତଟି ହୃଦୟକୁ ଛୁଇଁଲା ପରି। ତେବେ ଠିକ ଏହା ପଛକୁ ଆସିଥିଲା ଓଡ଼ିଆ ସିନେମା ‘ଅଦିନ ମେଘ’। ଏହାର ‘ଏଇ ଆମରି ଗାଁ...’ ଗୀତଟି ତିଆରି କରିଥିଲେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ।

ତେବେ ଓଡ଼ିଆ ସିନେମାର ସବୁଠାରୁ ଆଲୋଡ଼ନକାରୀ ହୃଦୟସ୍ପର୍ଶୀ ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା ‘ବହି ଯାଏରେ ଗଙ୍ଗା ଉଡ଼େ ତ୍ରିରଙ୍ଗା...’। ୧୯୭୯ ମସିହାର ସୁପରହିଟ୍ ‘ବଳୀଦାନ’ ସିନେମାରେ ଏହାକୁ ନିଜେ ଲେଖିବା ସହ କଣ୍ଠ ଦେଇଥିଲେ ପ୍ରଫୁଲ୍ଲକର। ମହମ୍ମଦ ମହସିନଙ୍କ ଉପରେ ଚିତ୍ରିତ ହୋଇଥିବା ଏହି ସିନେମାଟି ଏଯାବତ୍ ହିଟ ପର୍ଯ୍ୟାୟରେ ରହିଛି। ପରବର୍ତ୍ତୀ ସମୟରେ ଓଡ଼ିଆ ସିନେମା ‘କଳିଙ୍ଗପୁତ୍ର’ର ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା ‘ଯଉ ଦେଶେ ସତ୍ୟ ପାଇଁ ଗାନ୍ଧୀ ଗୁଳି ଖାଏ.....’। ତେବେ ଅଶି ଶତକର ସବୁଠାରୁ ଓଡ଼ିଆ ସିନେମାରେ ବକ୍ସ ହିଟ ସାବ୍ୟସ୍ତ ହୋଇଥିବା ସିନେମାଟି ଥିଲା ‘ଲାଲପାନ ବିବି’ ଓ ‘ପକା କମ୍ବଳ ପୋତ ଛତା’। ପ୍ରଥମ ସିନେମାର ‘ଏ ଦୁନିଆ ମାଟି ହାଣ୍ଡି....’ ଓ ଦ୍ୱିତୀୟ ଅର୍ଥାତ ପକା କମ୍ବଳ ପୋତ ଛତା ସିନେମାର ‘ସତ କହି ପାଏ ପଛେ ଫାଶୀ ଓ ଲଙ୍ଗଳା ଫକୀରର ଆମେରେ ସନ୍ତାନ’ ଗୀତଟି ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଥିଲା। ୨୦୦୬ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର ‘ଆଇ ଲଭ ମାଇଁ ଇଣ୍ଡିଆ’। ବର୍ତ୍ତମାନ ସମୟର ହିଟ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ସିନେମାରେ କଣ୍ଠଦାନ କରିଥିଲେ ବିଖ୍ୟାତ କଣ୍ଠଶିଳ୍ପୀ ଇରା ମହାନ୍ତି ଓ କୁମାର ବାପି। ସେହିପରି ୨୦୦୮ରେ ମକ୍ତିଲାଭ କରିଥିବା ‘ବନ୍ଦେ ଉତ୍କଳ ଜନନୀ’ ଓ ୨୦୧୮ରେ ରିଲିଜ ହୋଇଥିବା ‘ପ୍ରେମ କୁମାର’ ସିନେମାରେ ଦେଶାତ୍ମ ଭାବନାର ବାସ୍ନା ଭରି ରହିଥିଲା। ତେବେ ୨୦୧୯ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର ‘ବିଜୁବାବୁ’। ସେହିପରି ୨୦୨୧ର ସିନେମା ‘ଶହୀଦ ରଘୁ ସର୍କାର’ ମଧ୍ୟ ଦେଶ ଭାବନାର ବାର୍ତ୍ତା ଭିତ୍ତିକ ସଂଗୀତକୁ ପରିସ୍ଫୁଟିତ କରିଥିଲା। ସେହିଭଳି ଏହି ବର୍ଷ ବଜାରକୁ ଆସିଥିବା ଓଡ଼ିଆ ଚଳଚ୍ଚିତ୍ର ‘ଅପରେସନ-୧୨ /୧୭’ର ଗୀତଟି ମଧ୍ୟ ଦେଶାତ୍ମବୋଧକ ଭାବନାକୁ ନେଇ। ଏହାର ‘ଡାକୁଛି ତ୍ରିରଙ୍ଗା, ଡାକୁଛି ଗଙ୍ଗା’ ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଛି। ସ୍ୱାଧୀନତା ସଂଗ୍ରାମର ଆଲୋଚନା କଲାବେଳକୁ ଦେଶପ୍ରେମ ଭାବନାର ଏହି ହୃଦୟସ୍ପର୍ଶୀ ସିନେ ସଂଗୀତ ବିଶେଷକରି ଆମ ଯୁବପିଢ଼ିଙ୍କୁ ଦେଶପ୍ରେତି ସେବା ଭାବନାର ଉତ୍ସର୍ଗୀକୃତ ପ୍ରେରଣା ଯୋଗାଇଥାଏ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ‘ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨

## କଲେଇଜାଉରେ ସାନ୍ତାଳୀ ସମ୍ପ୍ରଦାୟର କୃଷିଭିତ୍ତିକ କରମ ପର୍ବ ପାଳିତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଭରାଣ୍ଡିଆ ପଞ୍ଚାୟତର କଲେଇଜାଉ ଗ୍ରାମରେ ସାନ୍ତାଳୀ ସମ୍ପ୍ରଦାୟର ପାରମ୍ପରିକ ତଥା କୃଷିଭିତ୍ତିକ ପର୍ବ କରମ ପର୍ବ ମଙ୍ଗଳବାର ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ପର୍ବ ମାଧ୍ୟମରେ ପ୍ରକୃତି, କୃଷି ଓ ସାମାଜିକ ଏକତା ପ୍ରତି ସାନ୍ତାଳୀ ସମାଜର ଗଭୀର ସମ୍ପର୍କ ପ୍ରତିଫଳିତ ହୋଇଥାଏ। ସାନ୍ତାଳୀ ପରମ୍ପରା ଅନୁଯାୟୀ ଭାଦ୍ରବ ମାସ ଏକାଦଶୀ ତିଥିରେ କରମ ପର୍ବ ପାଳନ କରାଯାଇଥାଏ। ପର୍ବର ମୁଖ୍ୟ କାର୍ଯ୍ୟକ୍ରମ ପୂର୍ବରୁ 'ଜାଆ ଉଠା' ପରମ୍ପରା ପାଳନ କରାଯାଏ। ଏହି ଅବସରରେ ଗତ ରବିବାର ଗ୍ରାମର ପୋଖରୀରୁ ଜାଆ ଉଠାଯାଇଥିଲା। କୁଆଁରୀ ଝିଅମାନେ ଉପବାସ ରହି ବାଉଁଶ ଟୁଙ୍କି ନେଇ ପୋଖରୀରୁ ଅଦା ଓ ବାଲି ଉଠାଇଥିଲେ। ଏହି ବାଲିରେ ନଅ ପ୍ରକାର ଶସ୍ୟ ବୁଣି



ଅଙ୍କୁରୋଦ୍ ?ଗମ କରାଯାଇଥିଲା। ଏହା ଉପରେ ହଳଦୀ ମିଶ୍ରିତ ପାଣି ସିଞ୍ଚନ କରାଯାଇଥିଲା। ପରେ ବାଉଁଶ ଟୁଙ୍କିକୁ ବିଭିନ୍ନ ପ୍ରକାର ଫୁଲରେ ସଜାଯିବା ସହ ମଝିରେ ଶାଳକାଠି ରଖାଯାଇଥିଲା। ଏଥିରେ ଧାନଗଛ ସ୍ଥାପନ କରାଯାଇ ଜାଆକୁ ପାରମ୍ପରିକ ରୀତିନୀତିରେ ସଜ୍ଜିତ କରାଯାଇଥିଲା। କୁଆଁରୀ ଝିଅ ଓ ମହିଳାମାନେ ନାଚଗୀତ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଜାଆକୁ କରମ ପୂଜାସ୍ଥଳକୁ ଆଣି ସ୍ଥାପନ କରିବା ସହ ବନ୍ଦନା କରିଥିଲେ। ପରମ୍ପରା ଅନୁଯାୟୀ ଜାଆ ସ୍ଥାପନ ପରେ ତିନିଦିନ ଧରି ସକାଳ ଓ ସନ୍ଧ୍ୟା ସମୟରେ କୁଆଁରୀ ଝିଅମାନେ ଜାଆକୁ ବନ୍ଦନା କରିବା ସହ ପାରମ୍ପରିକ ନାଚଗୀତରେ ଅଂଶଗ୍ରହଣ କରିଥିଲେ। ଏହି ସମୟରେ ଗ୍ରାମରେ ପାରମ୍ପରିକ ପରିବେଶ ସୃଷ୍ଟି ହୋଇଥିଲା। ଏକାଦଶୀ ଦିନ ସନ୍ଧ୍ୟାରେ ପର୍ବର ମୁଖ୍ୟ ଆକର୍ଷଣ ଭାବେ କରମ ଗଛର ଡାଳ ଆଣିବା କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମବାସୀ ଓ ଯୁବକ-ଯୁବତୀମାନେ ପାରମ୍ପରିକ ପୋଷାକ ପରିଧାନ କରିବା ସହ ପାରମ୍ପରିକ ବାଦ୍ୟ ବଜାଇ ନାଚଗୀତ କରି ଜଙ୍ଗଲକୁ ଯାଇଥିଲେ। ସେଠାରେ କରମ ଗଛ ମୂଳେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ଦୁଇଟି କରମ ଡାଳ ଅଣାଯାଇ ଆଖଡ଼ାସ୍ଥଳରେ ସ୍ଥାପନ କରାଯାଇଥିଲା। କରମ ଡାଳ ସ୍ଥାପନ ପରେ ପୂଜାର୍ଚ୍ଚନା ଓ ବନ୍ଦନା କରାଯାଇଥିଲା। ପରେ ରାତିସାରା ପାରମ୍ପରିକ ନାଚ, ଗୀତ ଓ ବାଦ୍ୟରେ ଗ୍ରାମରେ ଉତ୍ସବମୁଖର ପରିବେଶ ଦେଖାଦେଇଥିଲା। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବକ-ଯୁବତୀ ଓ ବୟସ୍କମାନେ ମଧ୍ୟ ଏହି ପାରମ୍ପରିକ ପର୍ବରେ ସାମିଲ ହୋଇଥିଲେ। କରମ ପର୍ବ କେବଳ ଏକ ଧାର୍ମିକ ଓ ସାଂସ୍କୃତିକ ପର୍ବ ନୁହେଁ, ଏହା ସାନ୍ତାଳୀ ସମାଜର କୃଷି, ପ୍ରକୃତି ଓ ସାମୂହିକ ଜୀବନ ସହ ଜଡ଼ିତ ଏକ ପ୍ରମୁଖ ପରମ୍ପରା। ପାରମ୍ପରିକ ରୀତିନୀତି, ନାଚଗୀତ ଓ ବାଦ୍ୟ ମାଧ୍ୟମରେ ନିଜର ଐତିହ୍ୟ ଓ ସଂସ୍କୃତିକୁ ପରବର୍ତ୍ତୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାର ଏହା ଏକ ମାଧ୍ୟମ ବୋଲି ଗ୍ରାମବାସୀମାନେ କହିଛନ୍ତି। ଏହି ସମଗ୍ର କାର୍ଯ୍ୟକ୍ରମକୁ ଗ୍ରାମର ମାଝୀବାବା ଜୁନାରାମ ଟୁଡୁ, ନାୟକେ ବାବା ବିଂଝୁ ଟୁଡୁ ଓ ଜଗ ବାବା ଉଡଗୁ ଟୁଡୁ ପ୍ରମୁଖ ପରିଚାଳନା କରିଥିଲେ। ଗ୍ରାମର ବହୁ ସଂଖ୍ୟକ ଲୋକ ଉପସ୍ଥିତ ରହି ପାରମ୍ପରିକ କରମ ପର୍ବରେ ସାମିଲ ହୋଇଥିଲେ।

## ଗଛ ପଡ଼ି ଅବରୋଧ ହେଲା ରାସ୍ତା, ଅଗ୍ନିଶମ ବାହିନୀର ତତ୍ପରତାରେ ସ୍ୱାଭାବିକ ହେଲା ଯାତାୟାତ

ରା -ଉଦୟଗିରି , ୨୨/୦୯: ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡୁଥିବା ବେଳେ ଆର୍ ?.ଉଦୟଗିରି ବ୍ଲକ ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ତରବଙ୍ଗ ନିକଟରେ ଏକ ବିରାଟକାୟ ଗଛ ରାସ୍ତା ଉପରେ ପଡ଼ିବାରୁ କାନକଟା–ଉଜ୍ଜ୍ୱଳେଶ୍ୱର ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିବା ସହ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଆର୍ ?.ଉଦୟଗିରି ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତାରୁ ହଟାଇଥିଲେ। ଏହାପରେ ଉକ୍ତ ରାସ୍ତାରେ ପୁନର୍ବାର ଯାତାୟାତ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ଲଘୁଚାପ ପ୍ରଭାବରେ ଗଜପତି ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲା ପାଇଁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏଭଳି ପରିସ୍ଥିତିରେ ଅନାବଶ୍ୟକ ଯାତ୍ରା ନ କରିବା ଏବଂ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## କୂଅ ଭିତରୁ ବାରାହା ଉଦ୍ଧାର

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ସରାସକେଲା ଗ୍ରାମ ର ଜିତେନ୍ଦ୍ର ବେହେରା ଙ୍କ କୂଅ ରୁ ସକାଳୁ ଏକ ଜଙ୍ଗଲୀ ବାରହା ପଡିଯାଇ ଥିଲା ଫଳରେ ସ୍ଥାନୀୟ ଲୋକେ ପାଟଣା ଅଗ୍ନିଶମ ବିଭାଗ ଓ ବନାଞ୍ଚଳ କୁ ଖରବ ଦେଇ ଥିଲେ। ଖବର ପାଇ ଅଧିକାରୀ ଆର୍ତ୍ତତ୍ରାଣ ମିର୍ଧା, ପାଟଣା ବନପାଳ ନିରଞ୍ଜନ ସେଠୀ ଏବଂ ଚାରି ଜଣ ସ୍କ୍ୱାଡ଼ ଘଟଣାସ୍ଥଳ ରେ ପାଟଣା ଅଗ୍ନିଶମ ବିଭାଗ ଘଟଣାସ୍ଥଳ ରେ ପହଞ୍ଚି ଜଙ୍ଗଲୀ ବାରହା କୁ ଉଦ୍ଧାର କରି ପାଟଣା ସଂରକ୍ଷିତ ଜଙ୍ଗଲ ଛାଡି ଦିଆଯାଇ ଥିବା ସୂଚନା ରହିଛି।

## ଜଗୁନାରାୟଣ ବିଦ୍ୟାଳୟରେ ନୂତନ ପ୍ରଧାଶିକ୍ଷୟିତ୍ରୀଙ୍କ ଯୋଗଦାନ

ଓଡ଼ଗାଁ, ୨୨-୯-/()ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଜଗୁନାରାୟଣ ସରକାରୀ ଉପ୍ରା ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷୟିତ୍ରୀ ଭାବେ ଶ୍ରୀମତୀ ପ୍ରମଦା ପାଣିଗ୍ରାହୀ ଯୋଗଦେଇଛନ୍ତି।ଶ୍ରୀମତୀ ପାଣିଗ୍ରାହୀ ନୂଆଗାଁ ବ୍ଲକରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟକରୁଥିବା ବେଳେ ପଦୋନ୍ନତି ପାଇ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି।ଗତ ଜୁନ ମାସରେ ତତ୍କାଳୀନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପୃଷ୍ଟି ଅବସର ଗ୍ରହଣ କରିବାପରେ ସହଯୋଗୀ ଶିକ୍ଷକ ଦୁର୍ଗାମାଧବ ଦାସ ଦାୟୀତ୍ୱ ତୁଲାଇ ଆସୁଥିଲେ।ତେବେ ଶିକ୍ଷକ ଅଭାବ ଯୋଗୁଁ ପିଲାଙ୍କ ପାଠପଢାରେ ଅନେକ ସମସ୍ୟା ସୃଷ୍ଟି ହେଉଥିଲା।ଏନେଇ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ ଓ ତତ୍କାଳୀନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ୍ୱର ସାହୁ ବାରମ୍ବାର ବ୍ଲକ ଶିକ୍ଷାଧିକାରୀଙ୍କୁ ନୂତନ ଶିକ୍ଷକ ପାଇଁ ଅନୁରୋଧ କରି ଆସୁଥିଲେ।ଆଜି ପ୍ରଧାନ ଶିକ୍ଷୟତ୍ରୀଙ୍କ ଯୋଗଦାନପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି।

## ପାଟଣା ବନାଞ୍ଚଳ ପକ୍ଷ ରୁ ଗୋରୁ ବୋଝେଇ ପିକଅପ ସହ ଦୁଇ ଅଟକ

ପାଟଣା:-(ମହାଭାରତର)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପକ୍ଷ ରୁ ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ପିକଅପ ସହ ଦୁଇ ଜଣ ଗୋରୁ ମାଫିଆ ଥାନା ରେ ଅଟକ ଅଛନ୍ତି। ସୂଚନା ରୁ ପ୍ରକାଶ ରବିବାର ବିଳମ୍ବିତ ରାତିରେ ପାଟଣା ବନାଞ୍ଚଳ ଅଧିକାରୀ ଆର୍ତ୍ତ ତ୍ରାଣ ମିର୍ଦ୍ଧା ଓ ପାରା କର୍ମଚାରୀ ସଞ୍ଜୟ ମହାନ୍ତ, ଭାସ୍କର ନାଏକ, କାର୍ତ୍ତିକ ମହାନ୍ତ, ମୁରଲୀ ମହାନ୍ତ,ମହମ୍ମଦ ଓ୍ୱସିମ୍ ପେଟ୍ରଲିଂ କରୁଥିବା ସମୟରେ ଏକ ପିକଅପ କୁ ସନ୍ଦେହ ହେବା ରୁ ପିକଅପ ଟିକୁ ପିଛା କରିବା ଦ୍ୱାରା ପିକଅପ ଟି ବନାଞ୍ଚଳ ଗାଡ଼ି ଦେଖି ଦୃତଗତି ରେ ସାହାରପଡ଼ା ଅଭିମୁଖେ ଯିବା ରୁ ପାଟଣା ବନାଞ୍ଚଳ ପକ୍ଷ ପିକଅପ ଟିକୁ ପିଛା କରି ସାହାରପଡ଼ା ନିକଟ ରେ ଅଟକାଇ ତଦନ୍ତ କରିବାରୁ ପିକଅପ ରେ ନଅଟି ଗୋରୁ ବନ୍ଧା ସହ ଦୁଇ ଗୋରୁ ମାଫିଆ ଙ୍କୁ ଅଟକାଇ ବାରୁ ଘଟଣାସ୍ଥଳ ଦୁଇ ଜଣ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ବନାଞ୍ଚଳ କର୍ମଚାରୀ ମାନେ ଦୁଇ ଗୋରୁ ମାଫିଆ ଙ୍କୁ କାବୁ କରିବା ସହ ନଅ ଗୋରୁ କ ଙ୍କ ସହ ପିକଅପ କୁ ସାହାରପଡ଼ା ଫାଣ୍ଡି ରେ ଜିମା ଦେବା ସହିତ ଦୁଇ ଗୋରୁ ମାଫିଆ ଙ୍କୁ ପାଟଣା ଥାନା ରେ ଅଟକ ରଖି ପୋଲିସ ଅଧିକ ତଦନ୍ତ କରିବା ସହ ଦୁଇ ଜଣ ଗୋରୁ ମାଫିଆ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅନ୍ତର୍ଗତ ମୟୁରଭଞ୍ଜ ଜିଲ୍ଲା ହାଟବାଦଲା ଥାନା ଅନ୍ତର୍ଗତ ଚିଙ୍ଗୁଡ଼ି ପୋଖରୀ ଗ୍ରାମର ନିଶାର ଅହମ୍ମଦ ନାଁ ରେ ଏକ ମା ୩୨୩/ ୨୬ ମାମଲା ରୁଜୁ କରି ଗିରଫ କରିଥିବା ବେଳେ ଅନ୍ୟ ଜଣେ ପୁରୁଣା ବଜାର ସ୍ଥିତ ଗ୍ରାମ ର ନାବାଳକ ବୋଲି ଜଣାପଡି ଛି।

## ପାରାଦୀପ ବନ୍ଦର ସଚିବ କ୍ରିଷ୍ଣା ବାପି ରାଜୁ ଙ୍କୁ ସମ୍ମାନଜନକ ଟାଇମ୍ସ ଆଇକନ୍ସ ପୁରସ୍କାର

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ସଚିବ କ୍ରିଷ୍ଣା ବାପି ରାଜୁ ଙ୍କୁ ସମ୍ମାନଜନକ ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା ୨୦୨୬ ରେ ସମ୍ମାନିତ କରାଯାଇଛି କ୍ଷ 'ସାମୁଦ୍ରିକ ନେତୃତ୍ୱ ଏବଂ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଅବଦାନରେ ଉତ୍କର୍ଷତା' ପାଇଁ ତାଙ୍କୁ ପ୍ରଶଂସା ପ୍ରମାଣପତ୍ରରେ ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୨୧, ୨୦୨୬ରେ ଭୁବନେଶ୍ୱରର ହୋଟେଲ ମେଫେୟାର ସମ୍ମିଳନୀ ଗୃହରେ ଆୟୋଜିତ ଏକ ଭବ୍ୟ ସମ୍ବର୍ଦ୍ଧନା ସମାରୋହରେ ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ ପୁନମ୍ ଧିଲୋନ୍ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ସାମୁଦ୍ରିକ କ୍ଷେତ୍ରରେ ଶ୍ରୀ କୃଷ୍ଣ ବାପି ରାଜୁଙ୍କ ଅବଦାନ ଏବଂ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଏବଂ ଏକ ଦୃଢ଼ ସାମୁଦ୍ରିକ ଇକୋସିଷ୍ଟମ ବିକାଶକୁ ସମର୍ଥନ କରୁଥିବା ପଦକ୍ଷେପଗୁଡ଼ିକୁ ଆଗକୁ ନେବାରେ ତାଙ୍କର ଭୂମିକାକୁ ସ୍ୱୀକୃତି ଦିଏ।



## ପାରାଦୀପ ପୋର୍ଟ ଅଫିସ ଗେଟ ସାମ୍ନାରେ ଉଠା ବେବସାୟୀ ଙ୍କ ଧାରଣା



ପାରାଦୀପ, (ମହାଭାରତ) : ପାରାଦ୍ୱୀପ ବନ୍ଦର ପ୍ରଶାସନିକ ଭବନ ଗେଟ ସମ୍ମୁଖ ରେ ବ୍ୟବସାୟୀ ଙ୍କ ଧାରଣା। ପୈଠ କରିଥିବା ଅର୍ଥ କୁ ଫେରସ୍ତ କରିବା ଦାବୀ କରି ଧାରଣା ରେ ବସିଛନ୍ତି ଉଠା ବ୍ୟବସାୟୀ।ପ୍ରତିବର୍ଷ ବିଶ୍ୱକର୍ମା ପୂଜାରେ ଦୂର ଦୁରାନ୍ତରୁ ବ୍ୟବସାୟୀ ମାନେ ଆସି ତାଙ୍କର ପସରା ଖୋଲି ଭଲ ବ୍ୟବସାୟ କରିଥାନ୍ତି। ହେଲେ ଚଳିତ ଥର ସମୁଦ୍ର କୂଳରେ ଖୋଲା ଯାଇଥିବା ମିନାବଜାର ବାଧକ ସାଜିଥିବା ବେଳେ ଲଘୁଚାପ ଜନିତ ବର୍ଷା ବ୍ୟବସାୟୀ ଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଚଳିତ ଥର ବ୍ୟବସାୟୀ ମାନେ ବହୁ କ୍ଷତି ସହିଥିବା ନେଇ ଅଭିଯୋଗ କରିବା ସହିତ ବ୍ୟବସାୟ ପାଇଁ ପାରାଦ୍ୱୀପ ବନ୍ଦର କୁ ପୈଠ କରିଥିବା ଅର୍ଥ ଫେରସ୍ତ ଦାବି କରି ପାରାଦ୍ୱୀପ ବନ୍ଦର ଗେଟ୍ ସମ୍ମୁଖରେ ବ୍ୟବସାୟୀ ମାନେ ଧାରଣା ରେ ବସିଛନ୍ତି । ବିଶ୍ୱକର୍ମା ପୂଜା ଅବସରରେ ବ୍ୟବସାୟ କରିବା ପାଇଁ ପାରାଦ୍ୱୀପକୁ ଆସିଥିବା ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ପାରାଦ୍ୱୀପ ବନ୍ଦର ପ୍ରଶାସନିକ ଭବନ ଗେଟ୍ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି।ବିଶ୍ୱକର୍ମା ପୂଜା ସମୟରେ ପ୍ରାୟ ୭ ଦିନ ଧରି ବ୍ୟବସାୟ କରିବା ପାଇଁ ସେମାନେ ଅର୍ଥ ପୈଠ କରି ଦୋକାନ ଖୋଲିଥିଲେ। ହେଲେ ଲଗାଣ ବର୍ଷା ଯୋଗୁଁ ବ୍ୟବସାୟ ଠପ୍ ହୋଇଯାଇଥିବା ବ୍ୟବସାୟୀମାନେ କହିଛନ୍ତି।ଫଳରେ ବ୍ୟବସାୟ ନହୋଇ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ତେଣୁ ସେମାନେ ପୈଠ କରିଥିବା ଅର୍ଥ ଫେରସ୍ତ କରିବା ଦାବିରେ ଧାରଣାରେ ବସିଥିବା କହିଛନ୍ତି।ବ୍ୟବସାୟୀ ମାନଙ୍କ ଦାବିସମୁଦ୍ର କୂଳ ରେ ମିନବଜାର ଓ ଲଗାଣ ବର୍ଷା ଯୋଗୁଁ ଯେହେତୁ ବ୍ୟବସାୟ କରିପାରିଲୁ ନାହିଁ, ତେଣୁ ପୈଠ କରିଥିବା ଅର୍ଥ ଫେରସ୍ତ କରାଯାଉ। ନଚେତ ଏହି ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ବ୍ୟବସାୟୀ।

## ଜଙ୍ଗଲି ଭାଲୁ ଆକ୍ରମଣରେ ଦୁଇ ଗୁରୁତର, ଜଣେ ଆହତ

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଘୋଷରାମାଳ ଗ୍ରାମ ନିକଟ ଜଙ୍ଗଲରେ ସୋମବାର ଦିନ ଜଙ୍ଗଲି ଭାଲୁ ଆକ୍ରମଣରେ ଦୁଇ ଜଣ ଗୁରୁତର ଆହତ ହୋଇଥିବା ବେଳେ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଆହତ ମାନେ ହେଲେ ଛାତ୍ର ସୌରଭ ପ୍ରଧାନ(୧୪), ସରଧା ରାଉଳ(୫୮) ସୂଚନା ଅନୁଯାୟୀ ଘୋଷରାମାଳ ଗ୍ରାମ ବାସିନ୍ଦା ସରଧା ରାଉଳ ନିଜ ଚାଷ ଜମିକୁ ଚାଷ କାର୍ଯ୍ୟ ପାଇଁ ଯାଇଥିବା ବେଳେ ହଠାତ୍ ଏକ ଜଙ୍ଗଲି ଭାଲୁ ଆକ୍ରମଣ କରିଥିଲା। ଏଥିରେ ଉପସ୍ଥିତ ବୁଦ୍ଧି ଖଟାଇ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ତା ପରେ ଉକ୍ତ ଛାତ୍ର ସୌରଭ ଘର ନିକଟ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ବେଳେ ଉକ୍ତ ଭାଲୁ ଆକ୍ରମଣ କରିଥିଲା। ନିକଟରେ ଛାତ୍ରର ମାମୁଁ ରହିଥିବାରୁ ଏଥିରୁ ବର୍ତ୍ତି ଯାଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ସେପଟେ ବନବିଭାଗ ତଦନ୍ତ ଆରମ୍ଭ କରି ଏକୁଟିଆ ଜଙ୍ଗଲକୁ ନ ଯିବାକୁ ଗ୍ରାମବାସୀ ମାନଙ୍କୁ ସତର୍କ କରାଇଛନ୍ତି।

## ରେଢ଼ାଖୋଲ ବ୍ଲକ ବିଜେଡିର ନୂତନ କର୍ମକର୍ତ୍ତା ଚୟନ

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବିଜୁ ଜନତା ଦଳ (ବିଜେଡି)ର ନୂତନ କମିଟି ଗଠନ କରାଯାଇ ନୂତନ କାର୍ଯ୍ୟକର୍ତ୍ତା ନାମଘୋଷଣା କରାଯାଇଛି। ଏଥିରେ ବିଜେଡିର ରେଢ଼ାଖୋଲ ବ୍ଲକ ସଭାପତି ଭାବେ ଉଦିତ୍ ତ୍ରିପାଠୀ , ଉପସଭାପତି ଉମେସ ଚନ୍ଦ୍ର ପ୍ରଧାନ, ଘନଶ୍ୟାମ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ସଂଙ୍କସଣ ମହାକୁଡ଼, ସାଧାରଣ ସମ୍ପାଦକ ଭାବେ ଗୋବର୍ଦ୍ଧନ ପ୍ରଧାନ, ସମ୍ପାଦକ ଭାବେ ତୁଷାରକାନ୍ତ ପ୍ରଧାନ, ଅଜିତ ମାଝୀ, ହରିହର ରଣା, ରାଜା କିଶୋର ପ୍ରଧାନ, କୋଷାଧ୍ୟକ୍ଷ ଭାବେ ଅଜିତ୍ କୁମାର ଦେଓ ପ୍ରମୁଖଙ୍କୁ ବ୍ଲକ୍ କମିଟିରେ ସ୍ଥାନ ଦିଆଯାଇଛି। ନୂତନ ଭାବେ ଗଠିତ ଏହି ବ୍ଲକ କମିଟିରେ ସ୍ଥାନ ପାଇଥିବା ସମସ୍ତ କାର୍ଯ୍ୟକର୍ତ୍ତା ବିଜେଡି ସଭାପତି ତଥା ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିରେ ବ୍ଲକ ଅଞ୍ଚଳରେ ଦଳର ବରିଷ୍ଠ କର୍ମକର୍ତ୍ତା ଏବଂ ଯୁବ କର୍ମୀ ସମେତ ସମସ୍ତ କର୍ମୀଙ୍କୁ ନେଇ କାର୍ଯ୍ୟ ସମ୍ପାଦନା କରିବା ସହିତ ଆଗାମୀ ଦିନରେ ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ଆହୁରି ମଜବୁତ କରାଯିବ ବୋଲି ନବ ନିଯୁକ୍ତ ସଭାପତି ଶ୍ରୀ ତ୍ରିପାଠୀ ପ୍ରତିକ୍ରିୟା ଦେଇଥିଲେ।

## ଅବପାତ ବର୍ଷା ନେଇ ପୂଜା ମହୋତ୍ସବକୁ ବାତିଲ କଲା ପ୍ରଶାସନ




ପାରାଦୀପ, (ମହାଭାରତ) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପ୍ରଭାବରେ ପାରାଦ୍ୱୀପ ରେ ବର୍ଷା ଯାରି ରହିବ। ଗତକାଲି ଅର୍ଥାତ ୨୩ ତାରିଖ ମଧ ରାତ୍ରୀ କିମ୍ବା ୨୪ ତାରିଖରେ ଏହା ଲ୍ୟାଣ୍ଡଫଲ ସମୟରେ ପାରାଦ୍ୱୀପ ରେ ବର୍ଷା ର ପରିମାଣ ବଢିବ । ପଶ୍ଚିମ-କେନ୍ଦ୍ରୀୟ ଏବଂ ତାହାର ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଏହା ଗୋପାଳପୁର ର ଦକ୍ଷିଣ-ପୂର୍ବରେ ପ୍ରାୟ ୨୦୦ କିମି ପୁରୀ ର ଦକ୍ଷିଣରେ ୨୧୦ କିମି ଏବଂ ବିଶାଖାପାଟଣା ପୂର୍ବରେ ୨୯୦ କିମି ଦୂରରେ ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଆଗାମୀ ୧୨ ଘଣ୍ଟା ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତ ରେ ପରିଣତ ହେବାର ବହୁ ସମ୍ଭାବନା ରହିଛି। ଏ ପର୍ଯ୍ୟନ୍ତ ସାଇକ୍ଲୋନିକ ଷ୍ଟର୍ମ ସୃଷ୍ଟି ହୋଇନଥିବା ଜଣା ପଡିଥିଲେ ମଧ୍ୟ ଅତ୍ୟଧିକ ବର୍ଷା ପବନ ସମ୍ଭାବନା ଦୃଷ୍ଟିରୁ ଏବଂ ବିଶ୍ୱକର୍ମା ପୂଜାରେ କିଛି ଗେଟ ଭାଙ୍ଗିଥିବାରୁ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଗୋଟିଏ ଦିନ ପୂର୍ବରୁ ପାରାଦୀପ ର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ କୁ ବାତିଲ କରିଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ପୂଜା ପଡିଆ ଠାରେ ଥିବା ସୂଚନା କେନ୍ଦ୍ରରେ ଏକ ଜରୁରୀକାଳୀନ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାଣେ,ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ଆଦର୍ଶ ଥାନା ଅଧିକାରିଣୀ ବବିତା ଦେହୁରୀ ଯୋଗଦେଇ ଉପସ୍ଥିତ ସମସ୍ତ ପୂଜା କମିଟିର କାର୍ଯ୍ୟକର୍ତ୍ତା ମାନଙ୍କ ସହ ଆଲୋଚନା କରିଥିଲେ । ଅବପାତ ଜନିତ ପ୍ରବଳ ବର୍ଷା ପବନକୁ ଦୃଷ୍ଟିରେ ରଖି ସମସ୍ତ ପୂଜା କମିଟି ମଙ୍ଗଳବାର ସକାଳେ ସେମାନଙ୍କର ମୂର୍ତ୍ତି ଗୁଡିକୁ ନିରାଡ଼ମ୍ବ ଭାବେ ବିସର୍ଜନ କରିବାକୁ ପ୍ରଶାସନ ଅଧିକାରୀ ଙ୍କ ନିଷ୍ପତିକୁ ସମସ୍ତ କମିଟି ସଦସ୍ୟ ସହମତି ପ୍ରକାଶ କରିଥିଲେ ।

## ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୨୬ ଅନ୍ତର୍ଗତ ସ୍ୱତନ୍ତ୍ର ସଘନ ଚୂଡାନ୍ତ ମତଦାତା ତାଲିକା ପ୍ରକାଶ

ଦେବଗଡ(ମ ହା ଭାରତ)ତା.୨୧/.୦୯/. ଆଜି ଦେବଗଡ଼ ଜିଲ୍ଲା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ)-୨୦୨୬ ଅନ୍ତର୍ଗତ ଚୂଡ଼ାନ୍ତ (ଋସଭବକ୍ଷ ) ମତଦାତା ତାଲିକା ପ୍ରକାଶ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କବିନ୍ଦ୍ର କୁମାର୍ ସାହୁଙ୍କ ସଭାପତିତ୍ୱରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ରଜଙ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସ୍ୱୀକୃତ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପରକ୍ଷିତ ସାହୁ , ଭାରତୀୟ ଜନତା ପାର୍ଟିର ପ୍ରତିନିଧି ତୁଷାର କାନ୍ତ ନନ୍ଦ ,ବିଜୁ ଜନତା ଦଳର ପ୍ରତିନିଧି ସଞ୍ଜୀବ ଶତପଥୀ ଓ ଭାରତୀୟ ଜାତୀୟ କଂଗ୍ରେସର ଜିଲ୍ଲା ସଭାପତି ସେମ୍ ହେମରମ୍ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ସାହୁଙ୍କ ଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକା (ଋସଭବକ୍ଷ ଋକ୍ଷରମ-ଖ୍ଯକ୍ଟକ୍ସବକ୍ଷ ଜକ୍ଟକ୍ଷକ୍ଷ) ପ୍ରକାଶ କରାଯାଇ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଚୂଡ଼ାନ୍ତ ଭୋଟର ତାଲିକାର ହାର୍ଡ କପି, ପେନ୍ ଡ୍ରାଇଭ୍ ହସ୍ତାନ୍ତର କରାଯାଇଛି। ୧୯-ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପୂର୍ବରୁ ଡ୍ରାଫ୍ଟ ଭୋଟର ତାଲିକାରେ ମୋଟ ୨,୩୩,୪୭୧ ଜଣ ଭୋଟର ଥିଲେ। ଏଥିମଧ୍ୟରୁ ୨,୩୩,୪୫୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକା ପାଇଁ ରଖାଯାଇଥିଲା। ଦାବି ଓ ଆପତ୍ତି ଅବଧି ମଧ୍ୟରେ ୩,୦୨୨ ଜଣ ନୂତନ ଭୋଟରଙ୍କୁ ଯୋଡ଼ାଯାଇଥିବାବେଳେ ୨ ଜଣ ଭୋଟରଙ୍କ ନାମ ବାଦ ଦିଆଯାଇଛି। ବାଦ ଦିଆଯାଇଥିବା ୨ ଜଣ ଭୋଟରଙ୍କ ମଧ୍ୟରୁ ୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ, ଅନ୍ୟ ୧ ଜଣଙ୍କ ନାମ ପୂର୍ବରୁ ହିଁ ଭୋଟର ତାଲିକାରେ ପଞ୍ଜୀକୃତ ରହିଛି।ଏହିପରି, ଚୂଡ଼ାନ୍ତ ଭୋଟର ତାଲିକାରେ ମୋଟ ୨,୩୬,୪୭୨ ଜଣ ଭୋଟର ଅଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରେ ଯେଉଁ ଯୋଗ୍ୟ ଭୋଟରଙ୍କ ନାମ ବାଦ ପଡ଼ିଛି କିମ୍ବା ଭୁଲବଶତଃ ନାମ ବାଦ ଦିଆଯାଇଛି, ସେମାନେ ନିରନ୍ତର ଭୋଟର ପଞ୍ଜୀକରଣ ପ୍ରକ୍ରିୟା ଅଧୀନରେ ଫର୍ମ-୬ ମାଧ୍ୟମରେ ନାମ ଅନ୍ତର୍ଭୁକ୍ତି ପାଇଁ ଆବେଦନ କରିପାରିବେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଂଜନ ସୂତାର, ଗଣ ମାଧ୍ୟମ ପ୍ରତିନିଧି, ବରିଷ୍ଠ ରାଜସ୍ୱ ସହାୟକ ସମିତ୍ରି ପ୍ରସାଦ ଦେହୁରୀ,ସେକ୍ସନ ଅଫିସର ବିଭୂତି ଭୂଷଣ ସାହୁ,କନିଷ୍ଠ ରାଜସ୍ୱ ସହାୟକ ଶୁଭକାନ୍ତ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଧାମନାଗର (ମହାଭାରତ) ଧାମନଗର ବ୍ଲକର ଅସୁରାଳି ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୬୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୫୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୨ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୨ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୨ଟି ଅଭିଯୋଗର ସ୍ଥାନୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୨ଜଣ ଅଭିଯୋଗକାରୀଙ୍କୁ ମୋଟ ୬,୦୦୦/- ଟଙ୍କା ମଞ୍ଜୁର କରାଯାଇଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମହୁଲମୁଣ୍ଡା ଗ୍ରାମରେ ଆଦ୍ୟକାଣ୍ଡ ଓ ଇନ୍ଦ୍ର ପୂଜା ଅନୁଷ୍ଠିତ

ରେଢ଼ାଖୋଲ(ମହାଭାରତ) ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ମହୁଲମୁଣ୍ଡା ଗ୍ରାମରେ ଧାର୍ମିକ ଭାବାବେଗ ଓ ଭକ୍ତିମୟ ପରିବେଶ ମଧ୍ୟରେ ଆଜି ଆଦ୍ୟକାଣ୍ଡ ଓ ଇନ୍ଦ୍ର ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ପୂଜା ଅବସରରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା।ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ରୋଗପୋକ ଦାଉରୁ ଫସଲ ରକ୍ଷା ଓ ଗ୍ରାମବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି କାମନା କରାଯାଇଥିଲା। ଏଭଳି ଧାର୍ମିକ ଆୟୋଜନ ଗ୍ରାମର ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ଉଜ୍ଜୀବିତ କରିବା ସହ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ଏକତାର ବାର୍ତ୍ତା ପ୍ରଦାନ କରିଛି।ପୂଜା ଅବସରରେ ଗ୍ରାମବାସୀଙ୍କ ସହଯୋଗ ଓ ଭକ୍ତିପୂର୍ଣ୍ଣ ଯୋଗଦାନ ଏହି ଧାର୍ମିକ ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥିଲା।ଗ୍ରାମର ଜଳନ୍ଧର ପ୍ରଧାନ ପୂଜା କର୍ତ୍ତା ଦାଇତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ସଞ୍ଜୟ ଦାଶ ପୂଜାର୍ଚ୍ଚନା କରିଥିଲେ। ଗ୍ରାମ୍ୟ ସଭାପତି ଯୁଧିଷ୍ଠିର ସାହୁ,ସମ୍ପାଦକ ମନୋରଞ୍ଜନ ସାହୁ,ପ୍ରହ୍ଲାଦ ଚରଣ ସାହୁ,ରାମଚନ୍ଦ୍ର ସାହୁ,ଉପେନ୍ଦ୍ର ପ୍ରଧାନ,ଚିନ୍ତାମଣି ସାହୁ,ଇନ୍ଦ୍ରମଣି ପ୍ରଧାନ ଓ ବାଗବର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଗ୍ରାମବାସୀ ସହଯୋଗ କରିଥିଲେ।

## ସେବା ସଂକଳ୍ପ ଅଭିଯାନ : ବ୍ଲକ ସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା



ନୂଆଗାଁ (ମହାଭାରତ) : ରାଜ୍ୟରେ ୧୭ ସେପ୍ଟେମ୍ବର ରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ "ସେବା ସଂକଳ୍ପ ଅଭିଯାନ" ପାଳନ ହେବା ଏନେଇ ନୂଆଗାଁ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବ୍ଲକ୍ ସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ସ୍ୱସ୍ଥ ଭାରତ ଓ ବିକଶିତ ଭାରତ ଉପରେ ପ୍ରତିଯୋଗିତା ହୋଇଥିଲା।କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ଡ଼. ଗିରିଜା ଶଙ୍କର ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଘୁନାଥ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ସେଠି, ବ୍ଲକ ଉପାଧ୍ୟକ୍ଷ ପର୍ଣ୍ଣରାମ ସ୍ୱାଇଁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୀମସେନ ଦାସ ପ୍ରମୁଖ ଯୋଗଦେଇଥିଲେ।ଏଥିରେ ନୂଆଗାଁ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,ବାଳିକା ଉଚ୍ଚ ବିଦ୍ୟାଳୟ,ପ୍ରାଥମିକ ବିଦ୍ୟାଳୟ, ଜନଶକ୍ତି ଉଚ୍ଚ ବିଦ୍ୟାଳୟ ଚାହାଳି,ଜିଗିନୀପଡ଼ା,ଆମ୍ବତରା ଆଦି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ।ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।ସିଆରସିସି ଶ୍ରୀଧର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଶ୍ରୀବଳଦେବଜୀଉ ଦେବୋତ୍ତର ଟ୍ରଷ୍ଟ ବୋର୍ଡ ବୈଠକ



**କେନ୍ଦ୍ରାପଡ଼ା:** ଶ୍ରୀବଳଦେବଜୀଉ ମନ୍ଦିର ଦେବୋତ୍ତର ଟ୍ରଷ୍ଟ ବୋର୍ଡ ବୈଠକ ମନ୍ଦିର ଯାତ୍ରୀ ନିବାସ ସଭା ଗୃହରେ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଶ୍ରୀଜୀଉଙ୍କ ବିଭିନ୍ନ ତହସିଲ ଓ ଅନ୍ୟାନ୍ୟ ଅଞ୍ଚଳରେ ଥିବା ବିଭିନ୍ନ କିଷମର ଜମିଜମା ଓ ରାଜସ୍ୱ ଆଦାୟର ସଂପୂର୍ଣ୍ଣ ବିବରଣୀକୁ  ଦେବୋତ୍ତର ସଂସ୍ଥା ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ବୈଠକରେ ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପୂର୍ବରୁ ଅତିରିକ୍ତ ଦେବୋତ୍ତର କମିଶନର ଓ ମନ୍ଦିର ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ବେଆଇନ ଭାବେ ବହୁ ମାର୍ଫତଦାର ଜମିକୁ ବେଆଇନ ଦଖଲରେ ଥିବା ବ୍ୟକ୍ତିଙ୍କୁ ଖତିଆନରୁ ଉଚ୍ଛେଦ କରିବା ପାଇଁ ସଂପୃକ୍ତ ତହସିଲଦାର ମାନଙ୍କୁ ଚିଠି ଦ୍ୱାରା ଜଣାଯାଇଥିଲେ ମଧ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ବୈଠକରେ ଉଦବେଗ ପ୍ରକାଶ କରାଯାଇଥିଲା। ଏସମ୍ପର୍କରେ ଆଲୋଚନା କରାଯାଇ ଜିଲ୍ଲାପାଳଙ୍କ ସହଯୋଗରେ ଉଚିତ ପଦକ୍ଷେପ ନେବା ନିମନ୍ତେ ଅନୁରୋଧ କରାଯିବାକୁ ସ୍ଥିର କରାଯାଇଥିଲା । କେତେକ  ଜମିରେ ବେଆଇନ ଦଖଲକାରୀଙ୍କ ବିରୋଧରେ ଜବରଦଖଲ ଉଚ୍ଛେଦ ନିମନ୍ତେ ରାଜ୍ୟ ଦେବୋତ୍ତର କମିଶନରଙ୍କ ଅଦାଲତରେ ଥିବା କେଶ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା। କେତେକ ବେଆଇନ ଭାବେ ଦଖଲରେ ଥିବା ଜମିର ଉଦ୍ଧାର ନିମନ୍ତେ ଦେବୋତ୍ତର ଆଇନ୍ ଅନୁଯାୟୀ ରାଜ୍ୟ ଦେବୋତ୍ତ୍ର କମିଶନରଙ୍କ ଅଦାଲତରେ କେଶ୍ ଦାଏର କରାଯିବାକୁ ସ୍ଥିର କରାଯାଇଛି । ପୂର୍ବରୁ ଗରଦପୁର ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ମୌଜାରେ ଥିବା ଜମିରେ ବେଆଇନ ଭାବେ ନିର୍ମାଣ କରିଥିବା କଲ୍ୟାଣ ମଣ୍ଡପକୁ ଦଖଲ ଉଚ୍ଛେଦ ନିମନ୍ତେ ଦେବୋତ୍ତର କମିଶନର କୋର୍ଟରେ ବିଚାରଧୀନ ଅଛି ଏବଂ ଏହି କଲ୍ୟାଣ ମଣ୍ଡପକୁ ଟ୍ରଷ୍ଟ ବୋର୍ଡ କିମ୍ବା ଦେବୋତ୍ତର କମିଶନରଙ୍କ ବିନା ଅନୁମତିରେ ବିଦ୍ୟୁତ ଲାଇନ୍ ସଂଯୋଗ ନଦେବାକୁ ମାର୍ଶାଘାଇ ବିଦ୍ୟୁତ ବିଭାଗକୁ ଓଡିଶା ହାଇକୋର୍ଟ ଏକ ମକଦ୍ଦମାରେ ଆଦେଶ ଦେଇଥିଲେ ମଧ ବିଦ୍ୟୁତ ବିଭାଗ ଲାଇନ ସଂଯୋଗ ଦେଇଥିବାରୁ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥିର କରାଯାଇଛି । ଶ୍ରୀଜୀଉଙ୍କ ସିକିମ୍ ସତ୍ତ୍ୱ ଜମିରେ ଘରବାରି ଥିବା ସିକିମ୍ ପ୍ରଜା ଖର୍ଦ୍ଦି କରିବାକୁ ଯଦି ଚାହିଁବେ ତାହାକୁ ଆଇନଗତ ଭାବେ ଉଚିତ୍ ମୂଲ୍ୟ ଦେଇ ନେବାପାଇଁ ଆଲୋଚନା କରାଯାଇଥିଲା । ଶ୍ରୀଜୀଉଙ୍କ ମନ୍ଦିରରେ ଥିବା ହୁଣ୍ଡି ବାକ୍ସକୁ ପ୍ରତି ମାସର ପ୍ରଥମ ସପ୍ତାହରେ ଖୋଲାଯାଇ ଗଣତି କରିବାକୁ ସ୍ଥିର କରାଯାଇଛି । ଶ୍ରୀଜୀଉଙ୍କ ଦୈନନ୍ଦିନ ଶୃଙ୍ଖଳିତ ବଡସିଂହାର ଦର୍ଶନ ନିମନ୍ତେ ଆବଶ୍ୟକ ପଦକ୍ଷେପ ପାଇଁ ସ୍ଥିର କରାଯାଇଛି । ସେହିପରି ମନ୍ଦିର ମଧ୍ୟରେ କ୍ୟାମେରା ଓ ମୋବାଇଲ ଫୋନରେ ଫଟୋ ଉଠାଇବା ଉପରେ ନିଷେଧ କରାଯାଇଛି। ଶ୍ରୀଜୀଉଙ୍କ ରଥ ଖୋଲାଯିବା ପରେ ରଥକାଠ ଗୁଡିକୁ ସୁରକ୍ଷିତ ଭାବେ ରଖିବା ନିମନ୍ତେ ଏକ ପକ୍କା କୋଠାଗୋଦାମ ଘର ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ମନ୍ଦିରର କେତେକ ନୀତି କାନ୍ତିର ସେବା ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା।

# ୧୧୪ ପିଲାଙ୍କ ଭରସା ମାତ୍ର ୨ ଶିକ୍ଷକ !



ରାଇଘର, (ମହାଭାରତ):ଗୋଟିଏ ପଟେ ପିଲାଙ୍କ ଆଖିରେ ଭଲ ପାଠ ପଢ଼ି ଭବିଷ୍ୟତ ଗଢ଼ିବାର ସ୍ୱପ୍ନ,ଅନ୍ୟପଟେ ଶିକ୍ଷକ ଅଭାବର ଚାପ। ମାତ୍ର ଦୁଇଜଣ ଶିକ୍ଷକଙ୍କ ଭରସାରେ ଚାଲିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପରଚିପାରା ପଞ୍ଚାୟତ ଅନ୍ତର୍ଗତ କିବେକୋଙ୍ଗା ଡିଏନକେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୪ ଜଣ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ପାଠ ପଢ଼ୁଛନ୍ତି। ହେଲେ ଏତେ ବଡ଼ ସଂଖ୍ୟକ ପିଲାଙ୍କ ପାଠପଢ଼ାର ସମ୍ପୂର୍ଣ୍ଣ ଦାୟିତ୍ୱ ରହିଛି ମାତ୍ର ଦୁଇଜଣ ଶିକ୍ଷକଙ୍କ କାନ୍ଧରେ। ଅର୍ଥାତ୍ ୮ଟି ଶ୍ରେଣୀ, ୧୧୪ ପିଲା ଓ ଶିକ୍ଷକ ମାତ୍ର ୨ ଜଣ।ଏକାଧିକ ଶ୍ରେଣୀର ପିଲାଙ୍କୁ ଏକାସାଙ୍ଗରେ ସମ୍ଭାଳିବା,ପାଠ ପଢ଼ାଇବା, ଖାତା ଦେଖିବା ସହ ପ୍ରତ୍ୟେକ ପିଲାର ଶିକ୍ଷାଗତ ଉନ୍ନତି ଉପରେ ନଜର ରଖିବା ଦୁଇ ଶିକ୍ଷକଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ତଥାପି ପିଲାଙ୍କ ଭବିଷ୍ୟତକୁ ଆଗରେ ରଖି ନିଜ ନିଜର ଦାୟିତ୍ୱ ତୁଲାଇ ଚାଲିଛନ୍ତି ଦୁଇ ଶିକ୍ଷକ।କିନ୍ତୁ ପ୍ରଶ୍ନ ଉଠୁଛି ଦୁଇଜଣ ଶିକ୍ଷକଙ୍କ ଭରସାରେ ୮ଟି ଶ୍ରେଣୀର ୧୧୪ ପିଲାଙ୍କୁ ଆବଶ୍ୟକ ଗୁଣାତ୍ମକ ଶିକ୍ଷା ଦେବା କେତେଦୂର ସମ୍ଭବ? ପିଲାଙ୍କ ପାଠପଢ଼ାରେ ଯେପରି ଶିକ୍ଷକ ଅଭାବ ବାଧା ନହୁଏ । କାରଣ ଶିକ୍ଷକ ଅଭାବର ପ୍ରଭାବ କେବଳ ଆଜିର ପାଠପଢ଼ା ଉପରେ ନୁହେଁ,ଏହା ପିଲାଙ୍କ ଆଗାମୀ ଭବିଷ୍ୟତ ସହ ଜଡ଼ିତ। ତେଣୁ 'ଦୁଇ ଶିକ୍ଷକରେ ଚାଲିଛି ସ୍କୁଲ'ବ୍ୟବସ୍ଥାରେ ଆଉ କେତେଦିନ? ଏବେ ଅପେକ୍ଷା ପ୍ରଶାସନର ତୁରନ୍ତ ପଦକ୍ଷେପକୁ।

## ବ୍ଲକ ସ୍ତରୀୟ ସେବା ସଂକଳ୍ପ ଅଭିଯାନ-୨୦୨୬ ସମାପିତ

ରାଇଘର: (ମହାଭାରତ) ରାଇଘର ବ୍ଲକରେ ବ୍ଲକ ସ୍ତରୀୟ 'ସେବା ସଂକଳ୍ପ ଅଭିଯାନ ୨୦୨୬' ସରକାରୀ ପୂର୍ବତ୍ତନ ବୋର୍ଡ଼ ଉଚ୍ଚ ପ୍ରାଥମିକ,ରାଇଘର ପ୍ରାଙ୍ଗଣରେ ଉତ୍ସାହ ଓ ଉଦ୍ଦୀପନାର ସହିତ ସଫଳତାରେ ସମାପନ ହୋଇଛି। ସେବା,ସମର୍ପଣ ଓ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଉତ୍ସାହପୂର୍ଣ୍ଣ ସହଭାଗିତା ଦେଖିବାକୁ ମିଳିଥିଲା। ସକାଳ ୧୦ ଘଟିକା ସମୟରେ ରାଇଘର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ନେପାଳ ଚନ୍ଦ୍ର ଦେ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସଭାପତି ଭାବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବୃନ୍ଦାବନ ଦୁର୍ଗା,ସମ୍ମାନିତ ଅତିଥି ସୁବ୍ରତ କୁମାର ମଣ୍ଡଳ,ପ୍ରଭାକର ପଟ୍ଟନାୟକ ଥିଲେ।ଉଦ୍‌ଘାଟନୀ ଅବସରରେ ସେ ସେବା ମନୋଭାବ,ଶିକ୍ଷାର ଗୁଣାତ୍ମକ ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସୃଜନଶୀଳ କାର୍ଯ୍ୟକଳାପ ଯେପରି ଚିତ୍ରାଙ୍କନ, ଚିତ୍ରକଳା,ବକ୍ତୃତା ଓ କ୍ଷୁଦ୍ର ନାଟକରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପ୍ରୀତିସ୍ମିତା ପାହାପାତ୍ର, ସମ୍ମାନିତ ଅତିଥି ସିବାନାଥ ବାନାର୍ଜୀ,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ସେଠି,ବସନ୍ତ ଢ଼ଙ୍ଗରି ଆବାହକ ବୃନ୍ଦାବନ ଦୁର୍ଗା,ସଭାପତି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ଦେ ଭାବରେ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ ସମୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା।ସମଗ୍ର କାର୍ଯ୍ୟକ୍ରମକୁ ସଂଗ୍ରାମ କିଶୋର ପରିଡ଼ା ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପ୍ରକାଶ ସାମଲ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ସେବା ହେଉଛି ମଣିଷର ପରମ ଧର୍ମ,ଏହାଦ୍ୱାରା ବ୍ୟକ୍ତିର ବ୍ୟକ୍ତିତ୍ୱ ବୃଦ୍ଧି ପାଇଥାଏ,ଆମେ ଯଦି ସଂକଳ୍ପ ନେଇ କାର୍ଯ୍ୟ କରିବା ତେବେ ନିଶ୍ଚିତ ଆମ ଭାରତ ବିଶ୍ୱ ଗୁରୁ ହେବ ବୋଲି ଏହାକୁ ସମସ୍ତେ ହୃଦୟଙ୍ଗମ କରିଥିଲେ। ପ୍ରକାଶ ଥାଉକି ଯେଉଁ ଛାତ୍ର ଛାତ୍ରୀମାନେ ପ୍ରଥମ ସ୍ଥାନରେ ପୁରସ୍କୃତ ହୋଇଛନ୍ତି ସେମାନେ ଜିଲ୍ଲା ସ୍ତରୀୟ ସେବା ସଂକଳ୍ପ ଅଭିଯାନ ୨୦୨୬ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। ବାଳିକା ଆଶ୍ରମ ବିଦ୍ୟାଳୟ,ଖୁଦୁକୁ ଦ୍ୱାରା ନିଶା ନିବାରଣ ଉପରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଏହା ମଧ୍ୟ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି।ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ରାଇଘର ବ୍ଲକର ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସରକାରୀ ପୂର୍ବତ୍ତନ ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସକ୍ରିୟ ସହଯୋଗ ରହିଥିଲା। ସମସ୍ତଙ୍କ ମିଳିତ ପ୍ରୟାସରେ 'ସେବା ସଂକଳ୍ପ ଅଭିଯାନ ୨୦୨୬' ଏକ ସଫଳ ଓ ସ୍ମରଣୀୟ କାର୍ଯ୍ୟକ୍ରମ ଭାବେ ପରିଣତ ହୋଇଥିଲା।

## ଦଶପଲ୍ଲାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଦଶପଲ୍ଲା,(ମହାଭାରତ):ନୟାଗଡ଼ ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକ୍ରମେ ଦଶପଲ୍ଲା ପଞ୍ଚାୟତ ସମିତି ପରିସରରେ ୨୦୨୬-୨୭ ବର୍ଷ ପାଇଁ 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଶିବିର ଆୟୋଜନ କରାଯାଇଛି । ଏହି ଶିବିରରେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ ଉଦଘାଟନ କରିବା ସହିତ ବିଡ଼ିଓ ଶରତ କୁମାର ମଲ୍ଲିକ ତଦାରଖ କରିଥିଲେ। ବ୍ଲକ ଅଧୀନସ୍ଥ ସମସ୍ତ ଗ୍ରାମପଞ୍ଚାୟତର ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ୟୁନିକ୍ ଡିସଏବିଲିଟି ପରିଚୟପତ୍ର ପ୍ରଦାନ ସହିତ ଅନ୍ୟାନ୍ୟ ସରକାରୀ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସମସ୍ତ ପଞ୍ଚାୟତର ଯୋଗ୍ୟ ଭିନ୍ନକ୍ଷମମାନେ ଏହି ଶିବିରରେ ଉପସ୍ଥିତ ରହି ସରକାରୀ ସୁବିଧାର ସୁଯୋଗ ନେବା ପାଇଁ ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ରାମକୃଷ୍ଣ ମିଶନ ତରଫରୁ ବିବେକାନନ୍ଦ ସ୍ୱାସ୍ଥ୍ୟକେନ୍ଦ୍ର ଉଦଘାଟିତ

**ରାଉରକେଲା,:** ସହରର ହମିରପୁର ସ୍ଥିତ ରାମକୃଷ୍ଣ ମିଶନ ତରଫରୁ ବିବେକାନନ୍ଦ ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍ଘାଟନ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଆର୍ଥିକ ଅନଗ୍ରସର ଓ ହମିରପୁର ଗ୍ରାମବାସୀଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାମକୃଷ୍ଣ ସଂଘ ଏହି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମିଶନ ଠାରୁ ୨ ଶହ ମିଟର ଦୂରରେ ଏଥିପାଇଁ ସ୍ଥାନଟିଏ କିଣାଯାଇ ବେଲୁର ମଠର ସଭ୍ୟ ତଥା ସହାୟକ ସାଧାରଣ ସମ୍ପାଦକ ସ୍ୱାମୀ ବୋଧସରନନ୍ଦଜୀ ଗତ ୨୦୧୬ ଜାନୁଆରୀ ମାସରେ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଗତ ୧୮ ତାରିଖ ଦିନ ଉକ୍ତ କେନ୍ଦ୍ରକୁ ତାଙ୍କରି ହାତରେ ଏହାର ଶୁଭ ଉଦ୍ଘାଟନ କରାଯାଇଛି। ପ୍ରାୟ ହଜାର ବର୍ଗଫୁଟ ସ୍ଥାନରେ ନିର୍ମିତ ଏହି ଦ୍ୱିତାଲା କେନ୍ଦ୍ରର ଉପର ମହଲାରେ ସାଧୁ ଓ କର୍ମଚାରୀଙ୍କ ପାଇଁ ନିବାସ କରାଯିବ ଏବଂ ତଳ ମହଲାରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିବ । ଏଥିରେ ଫିଜିଓଥେରାପି ପାଇଁ ସମସ୍ତ ବ୍ୟବସ୍ଥା ରହିବ। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଉଦଘାଟନ ପର୍ବରେ ସିଟି ଇଂରାଜୀ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟୋତି ରାୟଙ୍କ ସଂଯୋଜନାରେ ଏକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟ ଭାବେ ସ୍ୱାମୀ ବୋଧସରାନନ୍ଦ ଯୋଗଦେଇ ରାମକୃଷ୍ଣ ମିଶନର ବୈଶିଷ୍ଟ୍ୟ, ବିଶ୍ୱଶାନ୍ତି ପାଇଁ ଅବଦାନ, ରାମକୃଷ୍ଣ ଓ ବିବେକାନନ୍ଦଙ୍କ ସନାତନ ଅଦ୍ୱୈତ ବେଦାନ୍ତର ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର ପାଇଁ ଉଦ୍ୟମ, ଭୁବନେଶ୍ୱର ର ୧୧୫ ବର୍ଷର ପୁରାତନ ରାମକୃଷ୍ଣ ମଠ ଓ ମିଶନର ଅଧ୍ୟକ୍ଷ ସ୍ୱାମୀ ଆତ୍ମପ୍ରଭାନନ୍ଦ ମୁଖ୍ୟତଃ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ବିବେକାନନ୍ଦଙ୍କ ବାଣୀର ଅବତାରଣା ସହ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ରାଉରକେଲା ମିଶନ ର ସାଧୁ ମଣ୍ଡଳୀ ସ୍ୱାମୀ ଆତ୍ମପ୍ରଭାନନ୍ଦ, ସ୍ୱାମୀ ପୂଜାନନ୍ଦ,ସ୍ୱାମୀ ଗୋଲକାନନ୍ଦ, ସ୍ୱାମୀ ସୁଧାନନ୍ଦ ବୈଦିକ ଶ୍ଳୋକ ଆବୃତ୍ତି କରିଥିଲେ। ଅନୁଷ୍ଠାନର ମୁଖ୍ୟ ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସ୍ୱାଗତ ଭାଷଣ ସହ ଅନୁଷ୍ଠାନ ପ୍ରତି ବିଶେଷ ଅବଦାନ ରଖିଥିବା ଅର୍ଜୁନ ପୁରସ୍କାର ପ୍ରାପ୍ତ ରମେନ ଘୋଷ, ସ୍ୱାମୀ ବୋଧସରାନନ୍ଦ, ଭୁବନେଶ୍ୱର ମଠର ଅଧକ୍ଷ ସ୍ୱାମୀ ଆତ୍ମପ୍ରଭାନନ୍ଦ ଓ ଅନୁଷ୍ଠାନର ସଭାପତି ଭାରତ ଭୂଷଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସିଟି ଇଂରାଜୀ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଭାରତମାତା ଙ୍କୁ ନିବେଦିତ ଏକ ନୃତ୍ୟ,ତିତିଲି ବାଚିକ ଶିଳ୍ପ କେନ୍ଦ୍ରର ପରିଚାଳକ ପଲ୍ଲବ ଚାଟାର୍ଜୀ ଓ ସୁଚିସ୍ମିତା ବିଶ୍ୱାସଙ୍କ ନିର୍ଦ୍ଦେଶନାରେ ବିବେକାନନ୍ଦଙ୍କ ଏକ ଗୁଢ ଭାବପୂର୍ଣ୍ଣ କବିତା ଆମ୍ଭା ମାନୁଷୋ ଗୋଚରମ ଆଧାରରେ ଏକ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସଭାପତି ଶ୍ରୀ ମହାନ୍ତି ଆଧ୍ୟାତ୍ମିକତା ଓ ଧର୍ମ ମଧ୍ୟରେ ଥିବା ପାର୍ଥକ୍ୟ , ରାମକୃଷ୍ଣ ମିଶନର ବିଶ୍ୱର ସବୁଠାରୁ ଅଧିକ ପ୍ରାୟ ୩୫୦ ସଂଖ୍ୟକ ଶାଖା ଥିବା ଆଧାତ୍ମିକ ଅନୁଷ୍ଠାନ ସମ୍ପର୍କରେ କହିବା ସହ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଥିଲେ।

## ସିଆଣ୍ଡି ପଞ୍ଚାୟତରେ ବିଜୁ ଜନତା ଦଳର ସାଂଗଠନିକ ବୈଠକ



କୃଷ୍ଣପ୍ରସାଦ (ମହାଭାରତ):ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣ ପ୍ରସାଦ ବ୍ଲକର ବିଜୁ ଜନତା ଦଳ ତରଫରୁ ସିଆଣ୍ଡି ପଞ୍ଚାୟତରେ ଅବସ୍ଥିତ ମା ଚଣ୍ଡୀ ଦେବୀଙ୍କ ପିଠରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ଲକ୍ଷ୍ମୀ ଧର ଦାଶ ସଭାପତିତ୍ୱ କରି ଦଳର ଦୃବଳତା ପ୍ରକାଶ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏବଂ ନୂଆ ସଭାପତି ଭାବେ ପ୍ରାଣନାଥ ବିଶ୍ୱାଳ ସମ୍ପାଦକ ଭାବେ ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକି ଙ୍କୁ ଚୟନ କରି ଦାଇତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀ ଯୁକ୍ତ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ସମସ୍ତ କର୍ମି ମାନଙ୍କୁ ଉଦବୋଧନ ଦେଇଥିଲେ। ସାଧାରଣ ଲୋକଙ୍କ ସମସ୍ୟା ଓ ଦୁଃଖ ସମୟରେ ତାଙ୍କ ପାଖରେ ପହଞ୍ଚି ସମାଧାନ ପାଇଁ ଚେଷ୍ଟା କରିବାକୁ ଏବଂ ସଙ୍ଗଠନକୁ କିଭଳି ମଜଭୂତ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ବିଜେଡି ସଭାପତି ପଦ୍ମ ଚରଣ ଜେନା, ସମ୍ପାଦକ ମନୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ସିଆଣ୍ଡି ପଞ୍ଚାୟତ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ବୁଧିବର ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ, ରାମ ଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ, ସିଆଳ ସରପଞ୍ଚ ରବି ମାଝୀ, ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ସନ୍ତୋଷ ଜେନା, ବ୍ରହ୍ମଗିରି ପଞ୍ଚାୟତ ସରପଞ୍ଚ ଙ୍କ ପ୍ରତିନିଧି ନନ୍ଦ କିଶୋର ବିଶ୍ୱାଳ , ସମିତି ସଭ୍ୟ କାଳୁ ଚରଣ ଜେନା, ତିନି ମୌଜା ସମ୍ପାଦକ ପ୍ରଶାନ୍ତ କୁମାର ପଲେଇ ଯୋଗଦେଇ ବିଜେପି ସରକାର ମିଛ ପ୍ରତାରଣା କୁ ନେଇ ଏବଂ ଜହ୍ନିକୁଦା ରୁ ସାତପଡ଼ା କୁ ବ୍ରିଜ୍ ନିର୍ମାଣ କରିବାର ପ୍ରତିଶୃତି ଦେଇ ବାର ମ୍ବାର ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରି ଚାଲିଥିବା ଉପରେ ଆଲୋଚନା ରଖିଥିଲେ। ପରିଶେଷରେ ଜିଲ୍ଲା ପରିଷଦ ଲକ୍ଷ୍ମୀ ଧର ସାହୁ ମଞ୍ଚ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।  ପଞ୍ଚାୟତର ଶତାଧିକ କର୍ମୀ ଏବଂ ଯୁବକମାନେ ଯୋଗଦେଇ ସହଯୋଗ କରିଥିଲେ।

## ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦର ମହକୁମାରେ ଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ମେଳା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ଦାସ ଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା ।ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀ ମାନେ ମୋଟ ୧୭ଟି ଷ୍ଟଲ ନେଇ ପ୍ରଦର୍ଶନୀ କରିଥିଲେ ।ଏଠାରେ କୁନି କୁନି ବୈଜ୍ଞାନିକ ମାନଙ୍କ ଭିତରେ ଥିବା ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା ।ଯାହାକି ଶିଳ୍ପ, ପରିବେଶ ସୁରକ୍ଷା, ସୂଚନା ପ୍ରଯୁକ୍ତିବିଦ୍ୟା ଓ ମହାକାଶ ବିଜ୍ଞାନ ଭଳି ବିଭିନ୍ନ ବିଷୟବସ୍ତୁ ପ୍ରକଳ୍ପ ଉପରେ ପ୍ରଦର୍ଶନ କରିଥିଲେ ।କାର୍ଯ୍ୟକ୍ରମରେ ବିଚାରକ ଭାବେ ସିଆରସିସି ମମତାମଞ୍ଜରୀ ଦେବୀ, ଉଦୟପୁର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରହଲ୍ଲାଦ ସାହୁ ଏବଂ ନୂଆଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିବଶଙ୍କର ବେହେରା ଯୋଗଦେଇ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ଅତିଥି ଭାବେ ଅଧାପକ ଚିନ୍ମୟ କୁମାର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ବିଜ୍ଞାନ ଶିକ୍ଷାର ମହତ୍ତ୍ୱ ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ ।ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଅର୍ବାନବ୍ୟାଙ୍କ ଚାନ୍ଦୋଳ ଶାଖା ସ୍ଥାନାନ୍ତରିତ

**କେନ୍ଦ୍ରାପଡ଼ା,:** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ଚାନ୍ଦୋଳ ଶାଖା ବର୍ତ୍ତମାନର ପରିସର ଠାରୁ କେନ୍ଦ୍ରାପଡା ପାର୍ଶ୍ୱକୁ ପ୍ରାୟ ଦେଢଶହ ମିଟର ଦୂରରେ ଥିବା ଏକ ନୂତନ ଗୃହକୁ ସ୍ଥାନାନ୍ତରିତ ହୋଇଯାଇଛି। ତେଣୁ ସମସ୍ତ ଗ୍ରାହକ, ଋଣଧାରୀ, ଅଂଶୀଦାର ଓ ଛୁଭେଛୁମାନେ ସ୍ଥାନାନ୍ତରିତ ହୋଇଥିବା ଏହି ନୂତନ ସ୍ଥାନକୁ ସେମାନଙ୍କ ପୁରୁଣା ଶାଖାରେ ଥିବା କାର୍ଯ୍ୟ ନିମନ୍ତେ ଆସିବାକୁ ଅର୍ବାନବ୍ୟାଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏସମ୍ପର୍କରେ ଅର୍ବାନକୋପରେଟିଭ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ଏକ ପ୍ରେସବିଜ୍ଞପ୍ତିରେ ଜଣାଇଛନ୍ତି।

# କେନ୍ଦ୍ରାପଡ଼ାରେ ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ




**କେନ୍ଦ୍ରାପଡ଼ା,:** କେନ୍ଦ୍ରାପଡ଼ା ଭାରତୀୟ ଜନତା ପାର୍ଟି ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ବିଜେପି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚାସିନ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମିଶ୍ର, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, କେନ୍ଦ୍ରାପଡ଼ା ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ତେଜେଶ୍ୱର ପରିଡ଼ା, କୃଷ୍ଣଚନ୍ଦ୍ର ପଣ୍ଡା, ଲଳିତ ବେହେରା, ଅଲେଖ ଜେନା, ସୁନାକର ବେହେରା, କିଶୋର ପଣ୍ଡା, ଦୁର୍ଯ୍ୟୋଧନ ସାହୁ, ଅମିତାଭ ସୁଆର ପ୍ରମୁଖ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଏବଂ ଦଳୀୟ ପଦାଧିକାରୀମାନେ ଯୋଗଦେଇ ଦଳର ସାଂଗଠନିକ ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଗୁଡ଼ିକ ମଧ୍ୟରେ ଜିଲ୍ଲାରେ ସାଂଗଠନିକ ସୁଦୃଢ଼ୀକରଣ ନିମନ୍ତେ ତୃଣମୂଳ ସ୍ତରରେ ବୁଥ୍ କମିଟିକୁ ସକ୍ରିୟ କରିବା ସହିତ ପ୍ରତ୍ୟେକ ପଞ୍ଚାୟତରେ ଶକ୍ତି କେନ୍ଦ୍ର ଓ ବୁଥ ସ୍ତରରେ ଦଳର ସ୍ଥିତିକୁ ଆହୁରି ମଜବୁତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜନକଲ୍ୟାଣ ଯୋଜନାର ପ୍ରଚାର କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଓ ବିକାଶମୂଳକ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଉପରେ ମଧ ଗୁରୁତ୍ୱାରୋପ କରାଯାଇଛି। ସ୍ଥାନୀୟ ସମସ୍ୟା ସମାଧାନ ନିମନ୍ତେ ଜିଲ୍ଲାର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଦେଇ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ସକ୍ରିୟ ରହିବାକୁ ଆହ୍ୱାନ ଦିଆଯାଇଛି। ଶେଷରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଓ ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ ଯୋଗଦେଇ ଜିଲ୍ଲାରେ ଆଗାମୀ ଦିନରେ ଦଳ କିପରି ସୁଦୃଢ଼ ହେବା ସହ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଲୋକ ମାନଙ୍କ ପାଖରେ ପହଞ୍ଚି ପାରିବ ସେ ସମ୍ପର୍କରେ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ଦଳୀୟ ଶୃଙ୍ଖଳା ରକ୍ଷା କରି ଏକଜୁଟ ହୋଇ ସେବା ମନୋଭାବ ସହ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ସଭାରେ ସମସ୍ତ ମୋର୍ଚ୍ଚା ସଭାପତି, ମଣ୍ଡଳ ସଭାପତି, ଜିଲ୍ଲା ସଦସ୍ୟ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ପ୍ରମୁଖ ଉପସ୍ଥିତ ଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ଗ୍ରେଟର ନୋଏଡ଼ାରେ ଥାର୍ ଦୁର୍ଘଟଣା, ସୁପ୍ରିମ୍‌କୋର୍ଟ ଆଇନଜୀବୀଙ୍କ ମୃତ୍ୟୁ



ନୂଆଦିଲ୍ଲୀ: ଗ୍ରେଟର ନୋଏଡ଼ା ପଶ୍ଚିମର ଇଟେରା ଅଞ୍ଚଳରେ ଏକ ଦ୍ରୁତଗାମୀ ଥାର୍ ଧକ୍କାରେ ଜଣେ ୪୦ ବର୍ଷୀୟ ସୁପ୍ରିମ୍‌କୋର୍ଟ ଆଇନଜୀବୀଙ୍କ ମୃତ୍ୟୁ ହୋଇଛି। ସ୍କୁଟରରେ ପତ୍ନୀଙ୍କ ସହ ଯାଉଥିବାବେଳେ ସୋମବାର ସନ୍ଧ୍ୟାରେ ଥାର୍‌ଟି ତାଙ୍କ ସ୍କୁଟରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ନୀରଜ ନାମକ ଆଇନଜୀବୀଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ପତ୍ନୀ ଗୁରୁତର ଆହତ ହୋଇଛନ୍ତି। ଧକ୍କା ଏତେ ଜୋରଦାର ଥିଲା ଯେ ଦମ୍ପତି ସ୍କୁଟରରୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡକାଇଥିଲେ। ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ନିକଟସ୍ଥ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନୀରଜଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପତ୍ନୀଙ୍କ ଚିକିତ୍ସା ଜାରି ରହିଛି। ଦୁର୍ଘଟଣା ପରେ ଥାର୍ ଚାଳକ ଗାଡ଼ିଟିକୁ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ଗାଡ଼ିଟିକୁ ଜବତ କରି ଚାଳକଙ୍କୁ ଖୋଜୁଛି। ନୀରଜଙ୍କ ଭାଇ ଅମିତ କୁମାର ଥାର୍‌ଟି ଭୁଲ୍ ଦିଗରୁ ଆସି ଧକ୍କା ଦେଇଥିବା ଅଭିଯୋଗ କରିଛନ୍ତି। ପୁଲିସ ନୀରଜଙ୍କ ମୃତଦେହର ପଞ୍ଚନାମା କରି ପୋଷ୍ଟମର୍ଟମ୍ ପାଇଁ ପଠାଇଛି। ଘଟଣାର ତଦନ୍ତ ଜାରି ରହିଥିବାବେଳେ ଫେରାର ଚାଳକଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ କରୁଛି।

# ବନ୍ଦେ ମାତରମ୍‌ର ସବୁ ପଦ ନ ଗାଇଲେ ଅପରାଧ ହେବ ନାହିଁ: ସୁପ୍ରିମ୍‌କୋର୍ଟ




ନୂଆଦିଲ୍ଲୀ: ବନ୍ଦେ ମାତରମ୍‌ର ଗୋଟିଏ ବା ସମସ୍ତ ପଦ ଗାଇବାକୁ ମନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଅପରାଧିକ ମାମଲା ଚାଲିବା ଉଚିତ ନୁହେଁ ବୋଲି ସୁପ୍ରିମ୍‌କୋର୍ଟ ମଙ୍ଗଳବାର ଶୁଣାଣି ସମୟରେ ମତ ଦେଇଛନ୍ତି। ତେବେ ଏହା ଏବେ ବିଧିବଦ୍ଧ ରାୟ ନୁହେଁ। ବନ୍ଦେ ମାତରମ୍ ଗାଇବାକୁ ବାଧ କରିବା ସମ୍ପର୍କିତ ୨୦୨୬ର ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତା ନେଇ ଆଗତ ଆବେଦନ ଉପରେ କେନ୍ଦ୍ର ସରକାରଙ୍କଠାରୁ ଦୁଇ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି କୋର୍ଟ।

ବନ୍ଦେ ମାତରମ୍‌ର ସମ୍ପୂର୍ଣ୍ଣ ୬ଟି ପଦ ଗାଇବାକୁ କେତେକ ସରକାରୀ, ସାଂସ୍କୃତିକ ଓ ଔପଚାରିକ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହାକୁ ନେଇ କର୍ଣ୍ଣାଟକୀ ସଙ୍ଗୀତଶିଳ୍ପୀ ଟି.ଏମ୍. କୃଷ୍ଣ ସୁପ୍ରିମ୍‌କୋର୍ଟରେ ଆବେଦନ କରିଛନ୍ତି। ୨୦୨୬ରେ ସଂଶୋଧିତ ଆଇନର ଧାରା ୩କୁ ସେ ଚ୍ୟାଲେଞ୍ଜ କରିଛନ୍ତି। ଏହି ସଂଶୋଧନ ଅନୁସାରେ ବନ୍ଦେ ମାତରମ୍ ଗାଇବାକୁ ଜାଣିଶୁଣି ବାଧା ଦେବା କିମ୍ବା ଏହା ଗାଉଥିବା ସଭାରେ ବିଶୃଙ୍ଖଳା ସୃଷ୍ଟି କରିବା ଅପରାଧ ଏବଂ ଏଥିପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍, ଜରିମାନା କିମ୍ବା ଉଭୟର ବ୍ୟବସ୍ଥା ରହିଛି।

ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଶୁଣାଣି ସମୟରେ ୧୯୮୬ର 'ବିଜୋଏ ଇମାନୁଏଲ୍ ବନାମ କେରଳ' ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ରାୟର ଉଲ୍ଲେଖ କରିଥିଲେ। ସେହି ରାୟରେ ଧାର୍ମିକ ବିଶ୍ୱାସ କାରଣରୁ ଜାତୀୟ ସଙ୍ଗୀତ ନ ଗାଉଥିବା ଛାତ୍ରଛାତ୍ରୀଙ୍କ ଅଧିକାରକୁ ସୁରକ୍ଷା ଦିଆଯାଇଥିଲା। ବିଚାରପତି ବାଗ୍‌ଚୀ କହିଥିଲେ, ସେହି ରାୟରେ ଘୋଷିତ ଆଇନ ଏପର୍ଯ୍ୟନ୍ତ ବଦଳିନାହିଁ। ତେଣୁ ବିବେକାଧୀନ ଆପତ୍ତି ରଖୁଥିବା ବ୍ୟକ୍ତି ବନ୍ଦେ ମାତରମ୍‌ର ଗୋଟିଏ ବା ସମସ୍ତ ପଦ ନ ଗାଇଲେ ତାଙ୍କ ବିରୋଧରେ ଆପରାଧିକ ମାମଲା ହେବା ଉଚିତ ନୁହେଁ ବୋଲି ସେ ସଙ୍କେତ ଦେଇଥିଲେ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। କୃଷ୍ଣଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ମୁରଲୀଧର ମାମଲା ପରିଚାଳନା କରୁଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଯୁକ୍ତି ରଖିଥିଲେ। ଶୁଣାଣି ସମୟରେ ମୁରଲୀଧର ଓ ମେହେଟ୍ଟାଙ୍କ ମଧ୍ୟରେ 'ନକ୍ସଲ' ଶବ୍ଦ ବ୍ୟବହାରକୁ ନେଇ ତୀବ୍ର ବାକ୍‌ବିତଣ୍ଡା ମଧ୍ୟ ହୋଇଥିଲା। ତେବେ ଖଣ୍ଡପୀଠ କହିଥିଲେ ଯେ ମାମଲାର ସାମ୍ବିଧାନିକ ପ୍ରସଙ୍ଗ ଉପରେ ହିଁ ଧ୍ୟାନ ଦିଆଯିବ। ବନ୍ଦେ ମାତରମ୍‌ର ଛଅଟି ପଦ ଗାଇବା ବା ନଗାଇବାର ପ୍ରଶ୍ନ ଏବେ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବାରୁ ଏହା ଉପରେ କେନ୍ଦ୍ରର ଜବାବ ମିଳିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## କ୍ରୀଡ଼ା ପ୍ରତିଷ୍ଠାନରେ ନାବାଳିକା ଖେଳାଳୀଙ୍କ ସହ ଅସଦାଚରଣ

ପଟିଆଲାର ନେତାଜୀ ସୁଭାଷ ଜାତୀୟ କ୍ରୀଡା ପ୍ରତିଷ୍ଠାନରେ ନାବାଳିକା ଖେଳାଳିଙ୍କ ସହ ଦୁଷ୍କର୍ମ ମାମଲା ସାମନାକୁ ଆସିଛି। ଏହି ମାମଲାରେ କଜାକିସ୍ତାନର ସାଇକେଲିଙ୍ଗ କୋଚ୍ ମ୍ୟାକ୍ସାଟ ଆଏଜବାୟେଭଙ୍କ ନାଁ ସମ୍ନାକୁ ଆସିଥିବା ବେଳେ ଏନେଇ ପୁଲିସ ଏଫଆଇଆର୍ ଦର୍ଜ କରିଥିଲା। ପୁଲିସର କହିବା ଅନୁଯାଇ ଏହି ଘଟଣା ୧୩ ସେପ୍ଟେମ୍ବରକୁ ଘଟିଥିଲା, କିନ୍ତୁ ଏହାର ଅଭିଯୋଗ ୧୮ ସେପ୍ଟେମ୍ବରକୁ ମିଳିଥିଲା। ମାମଲାର ଜାଞ୍ଚପାଇଁ ପୁଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରିଛି। ପଟିଆଲା ଏସପି କହିଛନ୍ତି କି ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅନୁଯାଇ ଧାରା ୬୨(୨) ଏବଂ ୩୫୧ (୩) ଅନୁଯାଇ ମାମଲା ଦର୍ଜ କରାଯାଇଛି। ଏହା ସହିତ ପଙ୍କଉଙ୍କ ଆକ୍ଟ ସମ୍ବନ୍ଧିତ ଧାରା ମଧ୍ୟ ଲଗାଯାଇଛି। ପୁଲିସ ଏହି ମାମଲାରେ ଜଡିତ ସାକ୍ଷୀଙ୍କର ଜାଞ୍ଚ କରୁଛି, ଯାହା ଆଧାରରେ ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁଲିସକୁ ବର୍ତ୍ତମାନ ମିଳିଥିବା ସୂଚନା ଅନୁଯାଇ ଅଭିଯୁକ୍ତ ଜଣକ ଦିଲ୍ଲୀର କୌଣସି ସାଇକେଲିଙ୍ଗ କ୍ୟାମ୍ପରେ ଶାମିଲ ହୋଇଥାଇ ପାରନ୍ତି।

## ହର୍ମୁଜ୍ କଟକଣା ହଟାଇବାକୁ ଇରାନର ପ୍ରସ୍ତାବ; ଆମେରିକାର ଅବରୋଧ ହଟିଲେ ୭ ଦିନରେ ହର୍ମୁଜ୍ ଖୋଲିବ



ନୂଆଦିଲ୍ଲୀ : ଆମେରିକା ନିଜର ସାମରିକ ଚାପ କୋହଳ କରିବା ସହ ଇରାନୀୟ ବନ୍ଦରଗୁଡ଼ିକ ଉପରୁ ଅବରୋଧ ହଟାଇଲେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ଇରାନ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। 'ରଏଟର୍ସ'ର ଏକ ରିପୋର୍ଟ ଅନୁଯାୟୀ, ୱାସିଂଟନ ସାମରିକ ଚାପ ହ୍ରାସ କଲେ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ୭ ଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ କରାଯାଇପାରିବ ବୋଲି ଜଣେ ବରିଷ୍ଠ ଇରାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଖବର ସାମ୍ନାକୁ ଆସିବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଘଟିଛି। ରିପୋର୍ଟ ଅନୁଯାୟୀ, ଗତ ୧୬ ସେପ୍ଟେମ୍ବରରେ ମଧ୍ୟସ୍ଥଙ୍କ ଜରିଆରେ ତେହେରାନ ନିଜର ଏହି ପ୍ରସ୍ତାବ ଆମେରିକା ନିକଟକୁ ପଠାଇଥିଲା। ଆମେରିକା-ଇରାନ ବିବାଦର ସମାଧାନ ପାଇଁ ନ୍ୟୁୟର୍କରେ ମଧ୍ୟସ୍ଥମାନଙ୍କ ମାଧ୍ୟମରେ ଆଲୋଚନା କରାଯାଇପାରିବ ବୋଲି ସମ୍ପୃକ୍ତ ଅଧିକାରୀ ଜଣକ ପ୍ରକାଶ କରିଛନ୍ତି। ଏହାପୂର୍ବରୁ ଆମେରିକା ଆଞ୍ଚଳିକ ଦେଶଗୁଡ଼ିକର ସହଯୋଗରେ ସାମରିକ ଅଭିଯାନ ପୁଣି ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ଖବର ଉତ୍ତେଜନା ବଢ଼ାଇଥିଲେ। ଇରାନ ସେନାର ସେଣ୍ଟ୍ରାଲ କମାଣ୍ଡ ଏହି ସୂଚନା ପାଇବା ପରେ, ଯେକୌଣସି ସାମରିକ ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ରବିବାର ଚେତାବନୀ ଦେଇଥିଲା। ହର୍ମୁଜ୍ ପ୍ରଣାଳୀ ହେଉଛି ବିଶ୍ୱ ଶକ୍ତି ଯୋଗାଣର ଏକ ଅତ୍ୟନ୍ତ ସଂବେଦନଶୀଳ ଜଳପଥ। ପାରସ୍ୟ ଉପସାଗରକୁ ଭାରତୀୟ ମହାସାଗର ସହ ଯୋଡୁଥିବା ଏହି ସଂକୀର୍ଣ୍ଣ ଜଳପଥ ଦେଇ ଦୈନିକ ପ୍ରାୟ ୨ କୋଟି ବ୍ୟାରେଲ ତୈଳ ପରିବହନ ହୋଇଥାଏ, ଯାହା ବିଶ୍ୱର ମୋଟ ତୈଳ ବ୍ୟବହାରର ପ୍ରାୟ ପାଞ୍ଚ ଭାଗରୁ ଭାଗେ। ଏହାବ୍ୟତୀତ ବିଶ୍ୱର ମୋଟ ଏଲ୍‌ଏନ୍‌ଜି ବାଣିଜ୍ୟର ଏକ ପଞ୍ଚମାଂଶ ମଧ୍ୟ ଏହି ମାର୍ଗ ଦେଇ ସଂପାଦିତ ହୋଇଥାଏ। ଏହି ପ୍ରଣାଳୀ ପୁନର୍ବାର ଖୋଲିଲେ ତୈଳ ଦର ହ୍ରାସ ପାଇବ, ଯାହା ବିଶ୍ୱର ତୃତୀୟ ବୃହତ୍ତମ ଅଶୋଧିତ ତୈଳ ଆମଦାନୀକାରୀ ଦେଶ ଭାରତ ପାଇଁ ବୃହତ୍ ଆର୍ଥିକ ଆଶ୍ୱାସନା ଆଣିଦେବ।

## ଋଷ୍‌ରୁ ତେଲ କିଣିବାକୁ ଭାରତକୁ ମନା କରୁଥିବା ଆମେରିକା ବେଲାଋଷ୍‌ରୁ ସାର କିଣିବ



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ଦୋମୁହାଁ ନୀତି ପଦାରେ ପଡ଼ିଛି। ଋଷଠାରୁ ତେଲ ଓ ଗ୍ୟାସ କିଣିବାକୁ ଭାରତ ସମେତ ଅନ୍ୟାନ୍ୟ ଦେଶକୁ ମନା କରୁଥିବା ଟ୍ରମ୍ପ ପ୍ରଶାସନ ଏବେ ବେଲାଋଷଠାରୁ ପଟାସ୍ ସାର କିଣିବ। ଋଷର ପ୍ରମୁଖ ଓ ଘନିଷ୍ଠ ସହଯୋଗୀ ହେଉଛି ବେଲାଋଷ୍। ଏହି ଦେଶରୁ ପଟାସ୍ କିଣିବା ପାଇଁ ଟ୍ରମ୍ପ ସୋମବାର ବୁଝାମଣାପତ୍ର ସ୍ୱାକ୍ଷର ଲାଗି ଘୋଷଣା କରିଛନ୍ତି। ଆମେରିକାର ଏହି ନିଷ୍ପତ୍ତି ଦ୍ୱାରା ଭାରତ ପ୍ରଭାବିତ ହୋଇପାରେ। କାରଣ ବେଲାଋଷ୍‌ରୁ ଅଧିକ ସାର ଭାରତ କିଣିଥାଏ। କାନାଡ଼ାରୁ ଆମେରିକା ଏହାର ମୋଟ ଆବଶ୍ୟକତାର ୮୫ ପ୍ରତିଶତ ପଟାସ ସାର ଆମଦାନି କରିଥାଏ। କିନ୍ତୁ କାନାଡ଼ା ସହିତ ଆମେରିକା ରାଷ୍ଟ୍ରପତିଙ୍କ ବିବାଦ ଦେଖାଦେଇଛି। ଏଭଳି ସ୍ଥିତିରେ ଟ୍ରମ୍ପ ତାଙ୍କ ଚିରାଚରିତ ଢଙ୍ଗରେ ଘୋଷଣା କରିଛନ୍ତି ଯେ ବେଲାଋଷଠାରୁ ଆମେରିକା ବିପୁଳ ମାତ୍ରାର ପଟାସ ସାର କିଣିବା ରାଜିନାମା ଉପରେ କାର୍ଯ୍ୟ କରୁଛି। ଏପରିକି କାନାଡ଼ା ଏବେ ଯେତିକି ଦରରେ ପଟାସ୍ ଯୋଗାଇ ଦେଉଛି ତାଠାରୁ ଯଥେଷ୍ଟ କମ୍‌ରେ ଆମେରିକା କିଣିବ। ଆମେରିକାର କୃଷକମାନଙ୍କ ପାଇଁ ଏହା ଭଲ ଖବର ବୋଲି ସେ କହିଛନ୍ତି। ଟ୍ରମ୍ପଙ୍କ ଏ ପ୍ରକାର ନୀତିକୁ କୂଟନୀତିଜ୍ଞମାନେ ସମାଲୋଚନା କରିଛନ୍ତି। ଋଷ୍‌ରୁ ତେଲ ନ କିଣିବା ପାଇଁ ଭାରତ ଉପରେ ଚାପ ପକାଉଥିବା ଟ୍ରମ୍ପ ଏବେ ବେଲାଋଷ୍‌ଠାରୁ ପଟାସ ସାର କିଣିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଏହା ତାଙ୍କର ଦୋମୁହାଁ ନୀତି ଓ କପଟ ଆଚରଣକୁ ଦର୍ଶାଉଛି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଆମେରିକାର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇବ ବୋଲି କୁହାଯାଉଛି। ବେଲାଋଷ୍ ହେଉଛି ସ୍ଥଳଭାଗ ଦ୍ୱାରା ଆବଦ୍ଧ ଏକ ଦେଶ। ୟୁରୋପୀୟ ଦେଶଗୁଡ଼ିକର କଟକଣା ଯୋଗୁ ଏହାର ପାରମ୍ପରିକ ରପ୍ତାନି ପଥ ବନ୍ଦ ରହିଛି। ତେଣୁ ଆମେରିକାକୁ ଯଦି ଏହି ଦେଶ ଅଧିକ ମାତ୍ରାରେ ପଟାସ୍ ରପ୍ତାନି କରେ ତା'ହେଲେ ଏହାକୁ ଜଟିଳ ପରିବହନ ବ୍ୟବସ୍ଥା ଉପରେ ନିର୍ଭର କରିବାକୁ ପଡ଼ିବ। ଏପରିକି ଯେଉଁ ଋଷ୍‌ରୁ ତେଲ ଓ ଗ୍ୟାସ ନକିଣିବା ପାଇଁ ଆମେରିକା ବିଶ୍ୱର ଅନ୍ୟ ଦେଶ ଉପରେ ଚାପ ପକାଉଛି ଏବେ ସେହି ଦେଶର ବନ୍ଦର ଓ ଅନ୍ୟ ଭିତ୍ତିଭୂମି ଜରିଆରେ ପଟାସ ଆମଦାନି କରିପାରେ। ତେବେ ଭାରତ ପାଇଁ ଚିନ୍ତାର ବିଷୟ ହେଲା ଆମେରିକା ଜରି କାନାଡାରୁ ପଟାସ କିଣିବା ବନ୍ଦ କରି ବେଲାଋଷ୍‌ରୁ ଏହା କିଣିବେ ତାହେଲେ ବିଶ୍ୱ ବଜାରରେ ଏହାର ପ୍ରଭାବ ପଡ଼ିବ। ଏପରିକି ଭାରତକୁ ଅଧିକ ମୂଲ୍ୟରେ ପଟାସ୍ କିଣିବାକୁ ପଡ଼ିପାରେ। ଭାରତ ବର୍ଷକୁ ପ୍ରାୟ ୪ରୁ ୫ ନିୟୁତ ଟନ ପଟାସ ଆବଶ୍ୟକ କରିଥାଏ। ଏଥିସହିତ ଭାରତ ବିଶ୍ୱର ପ୍ରମୁଖ ପଟାସ ଆମଦାନିକାରୀ ରାଷ୍ଟ୍ର। ଯଦିଓ ଭାରତ କାନାଡ଼ା, ଋଷ୍, ଇସ୍ରାଏଲ, ଜୋର୍ଡାନ ଓ ଅନ୍ୟାନ୍ୟ ଦେଶରୁ ପଟାସ ଆମଦାନି କରିଥାଏ କିନ୍ତୁ ବେଲାଋଷ ହେଉଛି ଏକ ପ୍ରମୁଖ ଯୋଗାଣକାରୀ।

## ଦୁର୍ଘଟଣାରେ ଡାକ୍ତର ଦମ୍ପତି ଓ ୨ ପିଲାଙ୍କ ମୃତ୍ୟୁ

ଜୟପୁର: ରାଜସ୍ଥାନର ବାରନ୍ ଜିଲ୍ଲାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଡାକ୍ତର ଦମ୍ପତି ଓ ସେମାନଙ୍କ ୨ ପିଲାଙ୍କର ମୃତ୍ୟୁ ହୋଇଛି। କୱାଇ-ଅଟ୍ରୁ ରାଜପଥରେ ଡାକ୍ତର ଦମ୍ପତିଙ୍କ କାର୍ ସହ ଏକ ଦ୍ରୁତଗାମୀ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ କାର୍‌ରେ ଥିବା ସମସ୍ତ ୪ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକମାନେ ହେଉଛନ୍ତି ଭିଲୱାଡ଼ା ଜିଲ୍ଲାର ମଣ୍ଡଳରେ ପିଏମ୍‌ଓ (ପ୍ରମୁଖ ମେଡିକାଲ ଅଫିସର୍) ଥିବା ଡାକ୍ତର



ସୁରେଶ ଗଜରାଜ (୩୮), ତାଙ୍କ ପତ୍ନୀ ଡାକ୍ତର ଶାଲିନୀ ମୌର୍ଯ୍ୟ (୩୫), ସେମାନଙ୍କ ୧୨ ବର୍ଷୀୟ ପୁଅ ସ୍ୱପ୍ନିଲ ଓ ୭ ବର୍ଷୀୟା ଝିଅ ନୀଳିଶା। ଡାକ୍ତର ଦମ୍ପତିଙ୍କ ଘର ଝୁନ୍‌ଝୁନୁ ଜିଲ୍ଲାର ସୁରଜଗଡ଼ରେ ହୋଇଥିବାବେଳେ ସେମାନେ ଜୟପୁରରେ ରହୁଥିଲେ।

ସେମାନେ ଛାବ୍ରା ଯାଉଥିବାବେଳେ ପୂର୍ବାହ୍ଣ ପ୍ରାୟ ୧୧ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ସର୍କଲ ଇନ୍ସପେକ୍ଟର ରାଜପାଲ ସିଂହ କହିଛନ୍ତି। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ସେମାନେ କାର୍ ଭିତରୁ ଦମ୍ପତି ଓ ସେମାନଙ୍କ ପିଲାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ପରେ କୱାଇ ଥାନାରୁ ପୁଲିସ ଟିମ୍ ପହଞ୍ଚି କାର୍ ଭିତରୁ ମୃତଦେହଗୁଡ଼ିକୁ ବାହାର କରି ଅଟ୍ରୁ ଉପଜିଲ୍ଲା ହସ୍ପିଟାଲକୁ ନେଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

## ଖାଇକୁ ଖସିଲା କାର୍, ୪ ମୃତ

ହିମାଚଳ ପ୍ରଦେଶ : ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲା ଆନି ଉପଖଣ୍ଡରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଭୋର ପ୍ରାୟ ସାଢ଼େ ୩.୩୦ ମିନିଟ ସମୟରେ ହରିପୁର ନିକଟରେ ହଠାତ୍ ଭାରସାମ୍ୟ ହରାଇଲା ୨୦୦ ମିଟର ଖାଇକୁ ଖସିପଡିଥିଲା। ଘଟଣାରେ ୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗଭୀର ଖାଇ ଭିତରକୁ ଓହ୍ଲାଇ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ। ଖବର ମୁତାବକ, ସୋମବାର ରାତିରେ ଗାଡ଼ିଟି ଅନିୟନ୍ତ୍ରିତ ହୋଇ ୨୦୦ ମିଟର ଖାଇକୁ ଖସିପଡିଥିଲା।। ଘଟଣାରେ ୪ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଜଣେ ସମ୍ପର୍କୀୟଙ୍କ ବିବାହରେ ଯୋଗଦେଇ ଖୁସିରେ ଘରକୁ ଫେରୁଥିଲେ। କିନ୍ତୁ ଘରେ ପହଞ୍ଚିବା ପୂର୍ବରୁ ହିଁ ଅଘଟଣ ଘଟିଗଲା। କାରରେ ଥିବା ପାଞ୍ଚ ଜଣ ଯାକ ଗୋଟିଏ ଗାଁର ସମ୍ପର୍କୀୟ। ଏମାନେ ସମସ୍ତେ ଜାବୋଡା ଗାଁର ବାସିନ୍ଦା। ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ଗୁରୁତର ଥିବାରୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ପୋଲିସ ଏବଂ ଉଦ୍ଧାରକାରୀ ଦଳକୁ ଦୀର୍ଘ ସମୟ ଲାଗିଥିଲା। ତେବେ ଦୁର୍ଘଟଣାରେ ମୃତକଙ୍କ ପରିଚୟ ମିଳିନାହିଁ। ଏହି ଦୁର୍ଘଟଣା ପରେ ପୂରା ଅଞ୍ଚଳରେ ଶୋକର ଛାୟା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଜାତିସଂଘରେ ଧମକାଇଲେ ଟ୍ରମ୍ପ୍, ଚୁକ୍ତି ହେବ ନ ହେଲେ ଇରାନ୍ ସମ୍ପୂର୍ଣ୍ଣ ଧ୍ୱଂସ ହେବ

ୱାସିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ସୋମବାର ୮୧ତମ ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ୩୭ ମିନିଟ୍‌ର ଉଦ୍‌ବୋଧନରେ ଇରାନ୍‌କୁ କଡ଼ା ଚେତାବନୀ ଦେଇଛନ୍ତି। ଇରାନ୍ ବିରୋଧରେ ଆହୁରି ସାମରିକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିବା ସହ ୭ ମାସର ଆମେରିକା-ଇରାନ୍ ଯୁଦ୍ଧ ଇରାନ୍‌କୁ ପରମାଣୁ ଶକ୍ତି ହାସଲରୁ ଅଟକାଇଛି ଏବଂ ମଧ୍ୟପ୍ରାଚ୍ୟରେ ଏହାର ସ୍ଥିତି ଦୁର୍ବଳ କରିଛି ବୋଲି ଦାବି କରିଛନ୍ତି। ତେବେ ନଭେମ୍ବର ୩ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପରେ ଆମେରିକା ଓ ଇରାନ୍ ମଧ୍ୟରେ ଚୁକ୍ତି ହୋଇପାରେ ବୋଲି ଟ୍ରମ୍ପ୍ ଆଶା ପ୍ରକଟ କରିଛନ୍ତି। ସେ କହିଛନ୍ତି, ଇରାନ୍ ସହ ଏକ ଚୁକ୍ତି ହୋଇପାରେ, ନଚେତ୍ ଇସ୍‌ଲାମିକ୍ ରିପବ୍ଲିକ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯିବ। ଇରାନ୍ ଉପରେ ଅର୍ଥନୈତିକ ଚାପ ବଢ଼ାଇବାକୁ ସେ ଅନ୍ୟ ଦେଶଗୁଡ଼ିକୁ ଅନୁରୋଧ କରିବା ସହ ଇରାନ୍ ଆତଙ୍କବାଦୀ କାର୍ଯ୍ୟକଳାପର ପୃଷ୍ଠପୋଷକ ବୋଲି ଅଭିଯୋଗ କରିଛନ୍ତି। ବାଣିଜ୍ୟିକ ଜାହାଜ ଉପରେ ଇରାନ୍‌ର ଆକ୍ରମଣକୁ ନିନ୍ଦା କରିଥିବାରୁ ସେ ଜାତିସଂଘ ସୁରକ୍ଷା ପରିଷଦକୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ଦୀର୍ଘଦିନର ଯୁଦ୍ଧ ଯୋଗୁଁ ଆମେରିକାର ଅସ୍ତ୍ରଶସ୍ତ୍ର ଅଭାବ ଥିବା ଖବରକୁ ଟ୍ରମ୍ପ୍ ଖଣ୍ଡନ କରିଛନ୍ତି। ଆମେରିକା ରେକର୍ଡ ସ୍ତରରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରୁଛି ଏବଂ ନୂଆ ଅସ୍ତ୍ରଶସ୍ତ୍ର କେନ୍ଦ୍ର ନିର୍ମାଣ କରୁଛି ବୋଲି ସେ କହିଛନ୍ତି। ଆଇସିସି (ଅନ୍ତର୍ଜାତୀୟ ଅପରାଧ ଅଦାଲତ)କୁ ମଧ୍ୟ ସେ କଡ଼ା ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଇରାନ୍ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଓ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ଜାତିସଂଘ ବୈଠକ ପାଇଁ ନ୍ୟୁୟର୍କରେ ଥିଲେ ମଧ୍ୟ ଟ୍ରମ୍ପଙ୍କ ଉଦ୍‌ବୋଧନ ସମୟରେ ଉପସ୍ଥିତ ନ ଥିଲେ। ତାଙ୍କ ଉଦ୍‌ବୋଧନ ସମୟରେ ସାଧାରଣ ପରିଷଦ କକ୍ଷରେ ଥିବା ଇରାନୀୟ ପ୍ରତିନିଧିମାନେ କକ୍ଷତ୍ୟାଗ କରିଥିଲେ।

## ମହିଳା ଓକିଲଙ୍କ ବିରୋଧ ପ୍ରଦର୍ଶନକୁ ନେଇ କ୍ଷୁବ୍ଧ ସିଜେଆଇ

ନୂଆଦିଲ୍ଲୀ: ରାଜ୍ୟ ବାର୍ କାଉନ୍‌ସିଲ୍‌ରେ ମହିଳା ଓକିଲଙ୍କ ପାଇଁ ୩୦% ପ୍ରତିନିଧିତ୍ୱ ବା ସଂରକ୍ଷଣ ସମ୍ପର୍କିତ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ କେତେକ ମହିଳା ଓକିଲ ବିରୋଧ କରିବା ଘଟଣାକୁ ନେଇ ମଙ୍ଗଳବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କ୍ଷୁବ୍ଧ ହୋଇଛନ୍ତି। ଏହି ନିର୍ଦ୍ଦେଶକୁ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ କହି ମହିଳା ଓକିଲମାନେ ଆଜି ସୁପ୍ରିମ୍‌କୋର୍ଟ ବାହାରେ ବିରୋଧ ପ୍ରଦର୍ଶନ କରିଥିଲେ। ଏହା ସହ ସୋସିଆଲ ମିଡିଆରେ ମଧ୍ୟ ଅଭିଯାନ ଚଳାଇଥିଲେ। ଅଦାଲତର କାର୍ଯ୍ୟ ଆରମ୍ଭରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ କେତେକ ମହିଳା ଓକିଲ ଏହି ନିର୍ଦ୍ଦେଶକୁ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ କହୁଥିବା ଏବଂ ଏହା ବିରୋଧରେ ପ୍ରଦର୍ଶନ କରୁଥିବା ସେ ଶୁଣିଛନ୍ତି। ଯଦି ମହିଳା ଓକିଲମାନେ ନିଜେ ସଂରକ୍ଷଣ ଚାହୁଁନାହାନ୍ତି, ତେବେ ଏହାକୁ କାହିଁକି ଲାଗୁ କରାଯିବ ଏପରି ସ୍ଥିତିରେ ୩୦% ସଂରକ୍ଷଣ ସମ୍ପର୍କିତ ନିର୍ଦ୍ଦେଶ ପ୍ରତ୍ୟାହାର କରିନେବା ଉଚିତ ବୋଲି ସେ ମତ ଦେଇଥିଲେ। ଗତ ୪ ଅଗଷ୍ଟ ଓ ୯ ସେପ୍ଟେମ୍ବରରେ ସୁପ୍ରିମ୍‌କୋର୍ଟ ରାଜ୍ୟ ବାର୍ କାଉନ୍‌ସିଲ୍‌ଗୁଡ଼ିକରେ ମହିଳା ଓକିଲଙ୍କ ପାଇଁ ୩୦% ପ୍ରତିନିଧିତ୍ୱ ସମ୍ପର୍କିତ ନିର୍ଦ୍ଦେଶ ଦେଇଥିଲେ। କେତେକ ମହିଳା ଓକିଲ ଭାରତୀୟ ବାର୍ କାଉନ୍‌ସିଲ୍ (ବିସିଆଇ)ର ସ୍ୱାୟତ୍ତତା ନେଇ ଚିନ୍ତା ପ୍ରକାଶ କରିବା ସହ ସୁପ୍ରିମ୍‌କୋର୍ଟ ବିସିଆଇର କ୍ଷମତା ନିଜ ହାତକୁ ନେଉଥିବା ଅଭିଯୋଗ କରିଥିଲେ।

# ରାଜ୍ୟସଭା ନିର୍ବାଚନ: ଅକ୍ଟୋବର ୧୬ରେ ୟୁପି, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ୧୨ ଆସନରେ ହେବ ଭୋଟ



ନୂଆଦିଲ୍ଲୀ: ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ମୋଟ ୧୨ଟି ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ରେ ନିର୍ବାଚନ ହେବ। ଏଥିରେ ଉତ୍ତରପ୍ରଦେଶର ୧୦ଟି ଓ ଉତ୍ତରାଖଣ୍ଡର ଗୋଟିଏ ଆସନରେ ନିର୍ବାଚନ ହେବ। ପଶ୍ଚିମବଙ୍ଗର ଗୋଟିଏ ଆସନରେ ଉପନିର୍ବାଚନ ହେବ। ଭାରତୀୟ ନିର୍ବାଚନ କମିସନ ମଙ୍ଗଳବାର ଏହି କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ସେପ୍ଟେମ୍ବର ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଅକ୍ଟୋବର ୬ ନାମାଙ୍କନ ଦାଖଲର ଶେଷ ଦିନ ରହିଥିବାବେଳେ ୭ରେ ନାମାଙ୍କନପତ୍ର ଯାଞ୍ଚ ହେବ। ଅକ୍ଟୋବର ୯ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ଅକ୍ଟୋବର ୧୬ରେ ସକାଳ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହେବ ଏବଂ ସେହିଦିନ ଅପରାହ୍ଣ ୫ଟାରୁ ଭୋଟ୍ ଗଣତି ହେବ। ନଭେମ୍ବରରେ କାର୍ଯ୍ୟକାଳ ଶେଷ ହେଉଥିବାରୁ ଉତ୍ତରପ୍ରଦେଶର ୧୦ଟି ଆସନ ଖାଲି ହେବ। ଏହି ଆସନଗୁଡ଼ିକର ସଦସ୍ୟ ହେଲେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ, ଅରୁଣ ସିଂହ, ବ୍ରିଜଲାଲ, ବିଏଲ୍ ବର୍ମା, ରାମଗୋପାଲ ଯାଦବ, ନୀରଜା ଶେଖର, ଗୀତା ଓରଫ୍ ଚନ୍ଦ୍ରପ୍ରଭା, ରାମଜୀ, ସୀମା ଏବଂ ଡ. ଦିନେଶ ଶର୍ମା। ଉତ୍ତରାଖଣ୍ଡରୁ ନରେଶ ବଂଶଲଙ୍କ କାର୍ଯ୍ୟକାଳ ଶେଷ ହେବାର ଅଛି।

ସେଠାରେ ଆସନ୍ତାବର୍ଷ ପ୍ରାରମ୍ଭରେ ବିଧାନସଭା ନିର୍ବାଚନ ହେବାକୁ ରହିଛି। ପଶ୍ଚିମବଙ୍ଗରେ ଟିଏମ୍‌ସି ସାଂସଦ ରୁକ୍ମିଣୀ ମଲ୍ଲିକ୍‌ଙ୍କ ଇସ୍ତଫା ଯୋଗୁଁ ଖାଲି ହୋଇଥିବା ଆସନରେ ଉପନିର୍ବାଚନ ହେବ। ଏହା ସହ ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶର ବିଧାନ ପରିଷଦର ୨୮ଟି ଆସନ ପାଇଁ ମଧ୍ୟ ଦ୍ୱିବାର୍ଷିକ ନିର୍ବାଚନ ହେବ। ଉତ୍ତରପ୍ରଦେଶର ୧୧, ବିହାରର ୮, ମହାରାଷ୍ଟ୍ରର ୫ ଓ କର୍ଣ୍ଣାଟକର ୪ଟିଆସନ ଏଥିରେ ରହିଛି। ଅକ୍ଟୋବର ୨୩ରେ ଭୋଟ୍ ଗ୍ରହଣ ଓ ଅକ୍ଟୋବର ୨୭ରେ ଗଣତି ହେବ।

# ଜାପାନଠୁ ହାରୁ ହାରୁ ଜିତିଲା ଟିମ୍ ଇଣ୍ଡିଆ




ନୂଆଦିଲ୍ଲୀ, ୨୨/୦୯; ରୋମାଞ୍ଚକର କ୍ରିକେଟ୍ ମ୍ୟାଚ୍ । ଶେଷ ବଲ୍ ଯାଏ ଗଲା ମ୍ୟାଚ୍ । ଜାପାନ ମ୍ୟାଚ୍ ଜିତିପାରିଥାନ୍ତା । ଭାରତର ନିଶ୍ୱାସ ଅଟକି ଯାଇଥିଲା । କିନ୍ତୁ କଷ୍ଟେ ମଷ୍ଟେ ଭାଗ୍ୟ ଜୋର ଥିବାରୁ ବାଜି ମାରିଲା ଟିମ୍ ଇଣ୍ଡିଆ । ଏସୀୟ କ୍ରୀଡ଼ା ପୁରୁଷ କ୍ରିକେଟରେ ଆଜି ଭାରତ ବନାମ ଜାପାନ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ଓଦା ଆଉଟଫିଲ୍ଡ ପାଇଁ ୨୦ ଓଭର ପରିବର୍ତ୍ତ ୫ ଓଭର ଖେଳ ହୋଇଥିଲା । ଏହି ମ୍ୟାଚରେ ୨ ରନରେ ରୋମାଞ୍ଚକର ବିଜୟ ହାସଲ କରିଛି ଟିମ୍ ଆୟର ।

ଜାପାନ କ୍ରିକେଟ୍ ଦଳ ଭାରତକୁ ଚକିତ କରିଥିଲା । ବର୍ଷା ପ୍ରଭାବିତ ଏହି ମ୍ୟାଚରେ ଆୟୋଜକ ଦଳକୁ ଶେଷ ବଲ୍ ପର୍ଯ୍ୟନ୍ତ ଜିତିବାର ସୁଯୋଗ ଥିଲା । ଶେଷ ଓଭରରେ ଅକ୍ଷର ପଟେଲ ବୋଲିଂ କରିଥିଲେ, ଯେଉଁଥିରେ ତାଙ୍କୁ ୮ ରନ୍ ରକ୍ଷା କରିବାକୁ ପଡ଼ିଥିଲା । ଏହି ରୋମାଞ୍ଚକର ମ୍ୟାଚରେ ଭାରତ ୨ ରନରେ ବିଜୟୀ ହୋଇଛି । ଶ୍ରେୟସ ଆୟରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ମିଳିଥିଲା, ଯିଏକି ୧୨ ବଲରେ ୧୬ ରନ୍ କରିଥିଲେ । ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଥିଲା । ଏହି ମ୍ୟାଚ୍ ସମ୍ଭବ ହେବ ବୋଲି ଆଶା ନଥିଲା, ଯଦିଓ ମ୍ୟାଚ୍ ୫-୫ ଓଭର ହେବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରଥମେ ବ୍ୟାଟିଂ କରି ଟିମ୍ ଇଣ୍ଡିଆ ୩୨ ରନ୍ କରିଥିଲା । ଅଫଗାନିସ୍ତାନ ବିପକ୍ଷ ଟି-ଟ୍ୱେଣ୍ଟିରେ ଦମଦାର ବ୍ୟାଟିଂ କରିଥିବା ଅଭିଷେକ ଶର୍ମା ନିରାଶ କରିଥିଲେ । ସେ ଏକା ଖେଳ ସାରିବେ ବୋଲି ଆଶା କରାଯାଉଥିଲା କିନ୍ତୁ ସେମିତି କିଛି ହୋଇନଥିଲେ । ସେ ଗୋଲଡେନ୍ ଡକ୍ ର ଶିକାର ହୋଇଥିଲେ, ଯାହା ତାଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ କରିଛି । ସଞ୍ଜୁ ସାମସନ ୭ ବଲରେ ୯, କ୍ୟାପ୍‌ଟେନ୍ ଶ୍ରେୟାସ ଆୟର ୧୬ ରନ୍, ଇଶାନ କିସନ ୬ ବଲରେ ୩, ତିଲକ ବର୍ମା ୧ ରନ୍ କରିଥିଲେ । ଭାରତ ୪ ୱିକେଟ୍ ହରାଇ ୫ ଓଭରରେ ୩୨ ରନ୍ କରିଥିଲା । ଜାପାନ ପକ୍ଷରୁ ଚାର୍ଲି ହାରା ୨ଟି ୱିକେଟ୍ ଇବ୍ରାହିମ୍, ବେଞ୍ଜାମିନ୍ ଇଟୋ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

ଜାପାନ ଇନିଂସ- ୩୩ ରନ୍ ବିଜୟ ଲକ୍ଷ୍ୟ ନେଇ ଗ୍ରାଉଣ୍ଡକୁ ଓହ୍ଲାଇଥିଲା ଜାପାନ । ଟାର୍ଗେଟ୍ ନିକଟତର ହେଉଥିଲା ଜାପାନ । ଦଳ ପାଖରେ ବିଜୟ ସୁଯୋଗ ଥିଲା । କିନ୍ତୁ ଭାରତର ଭାଗ୍ୟ ଟାଣ ବଳରେ ବିଜୟ ମିଳିଲା । ହାରୁ ହାରୁ ଜିତିଲା ଟିମ୍ ଆୟର । ଜାପାନ ଅଧିନାୟକ କେଣ୍ଡେଲ କାଡୋୱାକି-ଫ୍ଲେମିଙ୍ଗ ୧୨ ବଲରେ ୧୨ ରନ୍ କରିଥିଲେ । ଜାପାନ ୩ ଓଭରରେ ୧୮ ରନ୍ କରିଥିଲା । ଜିତିବା ପାଇଁ ୧୨ ବଲରେ ୧୫ ରନ୍ ଆବଶ୍ୟକ ଥିଲା । ୱାଶିଂଟନ୍ ସୁନ୍ଦର ଚତୁର୍ଥ ଓଭର ବୋଲିଂ କରିଥିଲେ, ଯେଉଁଥିରେ ସେ ୭ ରନ୍ ଦେଇଥିଲେ ଏବଂ ଜାପାନ ଅଧିନାୟକଙ୍କ ଭାବରେ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନେଇଥିଲେ । ଶେଷ ଓଭରରେ ଜାପାନକୁ ଜିତିବା ପାଇଁ ୮ ରନ୍ ଦରକାର ଥିଲା । ଶେଷ ଓଭରରେ ଅକ୍ଷର ପଟେଲ ବୋଲିଂ କରିଥିଲେ, ଯେଉଁଥିରେ ତାଙ୍କୁ ୮ ରନ୍ ରକ୍ଷା କରିବାକୁ ପଡ଼ିଥିଲା । ପ୍ରଥମ ବଲ୍ ଓ ଦ୍ୱିତୀୟ ବଲ୍ ରେ ୧ ରନ୍ କରିବା ପରେ ତୃତୀୟ ବଲ୍ ୱାଇଡ୍ ହୋଇଯାଇଥିଲା । ଏବେ ୪ଟି ବଲରେ ୬ ରନ୍ ଦରକାର ଥିଲା । ପରବର୍ତ୍ତୀ ବଲରେ ଡଟ୍ ଏବଂ ତା'ପରେ ଜାପାନକୁ ୨ ରନ୍ ମିଳିଥିଲା । ଶେଷ ବଲରେ ଜିତିବା ପାଇଁ ୪ ରନ୍ ଆବଶ୍ୟକ ଥିଲା, କିନ୍ତୁ ଏଥିରେ ମଧ୍ୟ ଗୋଟିଏ ରନ୍ ମିଳିଥିଲା । ଏହିପରି ଭାବେ ଭାରତ ଏହି ରୋମାଞ୍ଚକର ମ୍ୟାଚ୍ କୁ ୨ ରନ୍ ରେ ଜିତିଥିଲା ।

# ଭୁବନେଶ୍ୱର ଟାଇଗର୍ସ ୭ ରନ୍‌ରେ ବିଜୟୀ




କଟକ: ବାରବାଟୀ ଷ୍ଟାଡିୟମରେ ଚାଲିଥିବା 'ଭାରତ ମସଲା ଓଡ଼ିଶା ଟ୍ୱେଣ୍ଟି-୨୦ ଲିଗ୍ ସିଏମ୍ ଟ୍ରଫି'ର ବର୍ଷା ପ୍ରଭାବିତ ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ଟାଇଗର୍ସ ୭ ରନ୍ (ଡିଏଲ୍ଏସ୍)ରେ କେନ୍ଦୁଝରର ମାଇନର୍ସଙ୍କୁ ପରାସ୍ତ କରିଛି । ବର୍ଷା ଯୋଗୁଁ ପଡିଆ ଓଦା ଥିବାରୁ ମ୍ୟାଚ୍ ୧୫ ଓଭରିଆ ହୋଇଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଟାଇଗର୍ସ ୭ ଓଭରରେ ୩ ୱିକେଟ ହରାଇ ୬୪ ରନ୍ କରିଥିବା ବେଳେ ପୁଣି ବର୍ଷା ହୋଇଥିଲା । ଫଳରେ ସମୟ ଦେଖି ଟାଇଗର୍ସର ପାଳି ଏହିଠାରେ ଶେଷ ହୋଇଥିଲା । ଟାଇଗର୍ସ ଅଧିନାୟକ ସ୍ୱସ୍ତିକ୍ ସାମଲ ୧୮ ବଲ୍‌ରୁ ୪୨ ରନ୍ କରିଥିଲେ । ଡିଏଲ୍ଏସ୍ ଅନୁଯାୟୀ କେନ୍ଦୁଝର ମାଇନର୍ସ ସମ୍ମୁଖରେ ୪ ଓଭରରେ ୪୮ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା । କିନ୍ତୁ ଦଳ ୪୦/୨ରେ ଅଟକି ଯାଇଥିଲା । କ୍ଷମା ସାଗର ବଲ ୬ ବଲ୍‌ରୁ ୩ ରନ୍ କରିଥିବା ବେଳେ ରାଜେଶ ଧୂପର ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୦ ରନ୍‌ର ଭାଗିଦାର ଗିଥିଲେ । ଶୁଭ୍ରାଂଶୁ ୧୧ ରନ୍ କରି ଆଉଟ ହୋଇଥିଲେ । ଶେଷ ଓଭରରେ ବିଜୟ ଲାଗି ମାଇନର୍ସଙ୍କୁ ୧୮ ରନ୍ ଆବଶ୍ୟକ ଥିବା ବାଦଲ ବିଶ୍ୱାଳ ଚମତ୍କାର ବୋଲିଂ କରି ଟାଇଗର୍ସଙ୍କୁ ବିଜୟ ଦେଇଥିଲେ । ବାଦଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଏବଂ ସ୍ୱସ୍ତିକଙ୍କୁ ମୋମେଣ୍ଟ ଅପ୍ ଦି ମ୍ୟାଚ୍ ପୁରସ୍କାର ମିଳିଥିଲା । ଅତିଥି ଭାବେ ଭାରତ ମସଲା ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା, ରାଉରକେଲା ସୁପରଷ୍ଟାର ପ୍ରତିନିଧି ଲବ ମଲ୍ଲିକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

ବାରବାଟୀ ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହୋଇଥିବା 'ଭାରତ ମସଲା ଓଡ଼ିଶା ଟ୍ୱେଣ୍ଟି-୨୦ ଲିଗ୍ ସିଏମ୍ ଟ୍ରଫି'ର ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ୱାରିୟର୍ସ ରୋମାଞ୍ଚକ ଭାବେ କଟକ ପାନ୍ଥର୍ସଙ୍କୁ ୯ ରନ୍‌ରେ ପରାସ୍ତ କରିଛି । ରବିବାର କଟକ ପାନ୍ଥର୍ସ ଦଳ ଟସ୍ ଜିତି ସମ୍ବଲପୁର ୱାରିୟର୍ସଙ୍କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ସମ୍ବଲପୁର ୱାରିୟର୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୯୩ ରନ୍ କରିଥିଲା । ଦଳ ପାଇଁ ଶାନ୍ତନୁ ମିଶ୍ର ଓ ଅଧିନାୟକ ଗୌରବ ଚେଧୁରୀ ଦୃଢ଼ ମୂଳଦୁଆ ପକାଇଥିଲେ । ଶାନ୍ତନୁ ମିଶ୍ର ୨ ଛକା, ୬ ଚେକା ସହାୟତାରେ ୪୦ ବଲ୍‌ରୁ ୬୦ରନ୍ ଏବଂ ଗେରବ ୬ ଛକା ଓ ୯ ଚେକା ସହାୟତାରେ ୪୬ ବଲ୍‌ରୁ ୯୨ ରନ୍ ଅର୍ଜନ କରିଥିଲେ । ପାନ୍ଥର୍ସ ପକ୍ଷରୁ ଅଭିଷେକ ସିଂହ ୩, ବିପ୍ଳବ ସାମନ୍ତରାୟ ୨, ରାଜ ଯାଦବ ଗୋଟିଏ ୱିକେଟ୍ କରାୟତ୍ତ କରିଥିଲେ ।

୧୯୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା କଟକ ପାନ୍ଥର୍ସ ଭଲ ଆରମ୍ଭ କରିଥିଲେ ମଧ୍ୟ ମଧ୍ୟକ୍ରମ ବ୍ୟାଟରଙ୍କ ବିଫଳତା ପାଇଁ ୯ ୱିକେଟ୍ ହରାଇ ୧୮୪ ରନ୍‌ରେ ଅଟକି ଯାଇଥିଲା । ଓପନର ଶୁଭାଶିଷ ମଲ୍ଲିକ ଗୋଟିଏ ଛକା, ୫ ଚେକା ସହ ୧୪ବଲ୍‌ରୁ ୨୭ରନ୍ କରିଥିବା ବେଳେ ମହମ୍ମଦ ଡାନିସଙ୍କ ବଲ୍‌ରେ ବିକ୍ରମ ସାମଲଙ୍କ ହାତରେ ଧରାପଡିଥିଲେ । ତିନି ଜଣ ଆଗ ଧାଡିର ବ୍ୟାଟର୍ ସାର୍ଥକ ପ୍ରକାଶ (୬ ରନ୍), ଅଧିନାୟକ ବିପ୍ଳବ ସାମନ୍ତରାୟ (୬ ରନ୍) ଓ ଶୁଭମ ଶତ୍ରୁଜିତ (୨ ରନ୍) ନିରାଶ କରିଥିଲେ । ଏମ୍ ଗେତମ ଗୋପାଳ ଓ କାର୍ତ୍ତିକ ବିଶ୍ୱାଳ ଯୋଡି ଦଳର ମଙ୍ଗ ସମ୍ଭାଳି ଥିଲେ । ଉଭୟ ୮୯ ରନ୍‌ର ଭାଗୀଦାର କରି କଟକକୁ ଆଶା ଦେଇଥିଲେ । ସେହିଭଳି କାର୍ତ୍ତିକ ବିଶ୍ୱାଳ (୫୬ ରନ୍, ୨୮ ବଲ, ୩ ଛକା, ୬ ଚେକା) ଭଲ ଖେଳି ଓମ୍. ଟି. ମୁଣ୍ଡେଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । ୩ ଛକା, ୨ ଚେକା ସହ ୩୪ ବଲ୍‌ରୁ ୪୭ ରନ୍ କରି ଗୌତମ ଗୋପାଳ ଆଉଟ୍ ହୋଇଥିଲେ । ସେ ପ୍ରଦୀପ ପ୍ରଧାନଙ୍କ ବଲ୍‌ରେ ବିକ୍ରମ ସାମଲଙ୍କ ଦ୍ୱାରା ଧରାପଡି ଥିଲେ । ସମ୍ବଲପୁର ୱାରିୟର୍ସ ପକ୍ଷରୁ ମହମ୍ମଦ ଡାନିସ, ପ୍ରଦୀପ ପ୍ରଧାନ ଓ ସେମ୍ୟ ଲେଙ୍କା ୨ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ସୟଦ ତୁଫାଇଲ୍ ଅହମ୍ମଦ ଓ ଓମ୍.ଟି. ମୁଣ୍ଡେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

# ମାଡ୍ରାସ ଟାଇକୁ ଭୁଲିନାହାଁନ୍ତି ମନିନ୍ଦର

ନୂଆଦିଲ୍ଲୀ: ଚଳିତ ସପ୍ତାହରେ ଏକ ସ୍ମରଣୀୟ ଟେଷ୍ଟ କ୍ରିକେଟ୍ ମୁହୂର୍ତ୍ତର ସ୍ମୃତି ଚାରଣ କରାଯାଇଛି । ଟେଷ୍ଟ କ୍ରିକେଟ୍‌ରେ ବିରଳ ତଥା ଦ୍ୱିତୀୟ 'ଟାଇ' ମ୍ୟାଚ୍ ମଙ୍ଗଳବାର ଏହାର ୪୦ ବର୍ଷ ପୂର୍ତ୍ତି ପାଳନ କରିଛି । ଏହି କଥା ମନେ ପଡିଗଲେ ଏହାର ସ୍ମରଣୀୟ ପାର୍ଶ୍ୱରେ ରହିଥିବା ଭାରତୀୟ ସ୍ପିନର୍ ମନିନ୍ଦର ସିଂହଙ୍କୁ ଅଧିକାଂଶ ମନେ ପକାଇଛନ୍ତି । ଏହି କଥାକୁ ସେ ନିଜେ ବି ସ୍ୱୀକାର କରିଛନ୍ତି । 'ଟେଷ୍ଟ କ୍ରିକେଟ୍ ୧୫୦ ବର୍ଷରେ ପହଞ୍ଚିଥିଲେ ମଧ୍ୟ ମାତ୍ର ୨ଟି 'ଟାଇ' ରହିଛି । ଦ୍ୱିତୀୟ 'ଟାଇ' ପାଇଁ କ୍ରିକେଟ୍ ଇତିହାସର ଅଂଶ ବିଶେଷ ହୋଇଥିବାରୁ ମୁଁ ମଲା ପରେ ବି ମନେ ପଡିବି' ବୋଲି ମୁରୁକି ହସି କହିଛନ୍ତି ମନିନ୍ଦର ସିଂହ ।



ମନିନ୍ଦରଙ୍କ ଏହି କଥା ପଦକ କିନ୍ତୁ ଭାରତୀୟ କ୍ରିକେଟ୍ ପ୍ରେମୀଙ୍କୁ ପୁଣି ୪୦ ବର୍ଷ ତଳକୁ ଫେରାଇ ନେଇଛି । ଚେନ୍ନାଇ (ସେ ସମୟରେ ମାଡ୍ରାସ)ରେ ଖେଳାଯାଇଥିବା ଅଷ୍ଟ୍ରେଲିଆ-ଭାରତ ପ୍ରଥମ ଟେଷ୍ଟ ଘଟଣାବହୁଳ ତଥା ଉତ୍କଣ୍ଠାପୂର୍ଣ୍ଣ ପରିସ୍ଥିତିରେ 'ଟାଇ'ରେ ଶେଷ ହୋଇଥିଲା । ଭାରତର ଶେଷ ୱିକେଟ୍ ଭାବେ ଆଉଟ୍ ହୋଇଥିବା ମନିନ୍ଦର ସିଂହଙ୍କୁ ସେ ସମୟରେ ଖଳନାୟକ ଚିତ୍ରଣ କରାଯାଇଥିଲା । ଏହି ତିକ୍ତ ଅନୁଭବକୁ ୪୦ ବର୍ଷ ପରେ ବି ଭୁଲିନାହାନ୍ତି ଏହି ବାମହାତୀ ପଞ୍ଜାବୀ ସ୍ପିନର୍ । ୧୯୮୬ ମସିହାର ସେପ୍ଟେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ମାଡ୍ରାସରେ ଏହି ଟେଷ୍ଟ ଖେଳାଯଇଥିଲା । ପଞ୍ଚମ ଦିନ ସକାଳେ ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ପାଳିକୁ ପୁନଃ ନ ଖେଳି ଘୋଷଣା କରି ଦେଇଥିଲା । ଭାରତ ସମ୍ମୁଖରେ ୩୪୮ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା । ସୁନିଲ ଗାଭାସ୍କର (୯୦), ମହିନ୍ଦର ଅମରନାଥ (୫୧), ମହମ୍ମଦ ଆଝାରୁଦ୍ଦିନ (୪୨), କେ ଶ୍ରୀକାନ୍ତ (୩୯), ଚନ୍ଦ୍ରକାନ୍ତ ପଣ୍ଡିତ (୩୯)ଙ୍କ ପାଳି କାରଣରୁ ଭାରତ ଭଲ ସ୍ଥିତିରେ ବି ରହିଥିଲା । ଏକଦା ୨ ୱିକେଟ୍ ହରାଇ ୨୦୪ ରନ୍ ସଂଗ୍ରହ କରି ନେଇଥିଲା । ମାଣ୍ଡାଟୋରି ୨୦ ଓଭର ଆରମ୍ଭ ପୂର୍ବରୁ ଭାରତ ବିଜୟ ସ୍ଥିତିରେ ରହିଥିଲା । ହାତରେ ୭ ୱିକେଟ୍ ଥିବାବେଳେ ୧୧୮ ରନ୍ ଆବଶ୍ୟକ କରୁଥିଲା । ଚେପକ୍ ଅପରାହ୍ଣରେ କିନ୍ତୁ ନିୟମିତ ୱିକେଟ୍ ହରାଇ ଭାରତ ସୁଯୋଗ ହାତଛଡା କରିବା ସ୍ଥିତିକୁ ଚାଲିଯାଇଥିଲା ।

ଶେଷକୁ ଅନ୍ତିମ ଯୋଡି ରବି ଶାସ୍ତ୍ରୀ (୪୮ ଅପରାଜିତ) ଏବଂ ମନିନ୍ଦର ସିଂହଙ୍କ ଉପରେ ଭରସା ଥିଲା । ଶେଷ ୩ ବଲ୍‌ରୁ ୧ ରନ୍ ଆବଶ୍ୟକ ଥିବାବେଳେ ମନିନ୍ଦର ସିଂହ କ୍ରିଜ୍‌ରେ ଥିଲେ । ଗୋଟିଏ ବଲ୍ ଡଟ୍ ଖେଳିବା ପରେ ସେ ପରବର୍ତ୍ତୀ ବଲ୍‌ରେ ଆଉଟ୍ ହୋଇଯାଇଥିଲେ । ଅମ୍ପାୟାର ଭି ବିକ୍ରମ ରାଜୁ ତାଙ୍କୁ ବିବାଦୀୟ ଭାବେ ଏଲ୍‌ବିଡବ୍ଲ୍ୟୁ ଘୋଷଣା କରିଥିଲେ । ନାଟକୀୟ ଭାବେ ଟେଷ୍ଟ କ୍ରିକେଟ୍ ଦ୍ୱିତୀୟ ଟାଇ ମ୍ୟାଚ୍ ପାଇଥିଲା । ଯାହାକି ପରବର୍ତ୍ତୀ ୪୦ ବର୍ଷ ଭିତରେ ୧୫୮୩ ଟେଷ୍ଟ ଖେଳାଯାଇଥିଲେ ମଧ୍ୟ ଏଭଳି ଫଳାଫଳ ଦେଖିବାକୁ ମିଳିନାହିଁ । ପ୍ରଥମ ଟାଇ ମ୍ୟାଚ୍‌ର ୨୬ ବର୍ଷ ପରେ ଏହା ଘଟିଥିଲା । ୧୯୬୦ ମସିହାରେ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ପ୍ରଥମ 'ଟାଇ' ଫଳାଫଳ ଦେଇଥିଲା । ମାଡ୍ରାସ ଟେଷ୍ଟରେ ୪ ବଲ୍ ଖେଳି ଖାତା ଖୋଲିପାରିନଥିବା ମନିନ୍ଦର ନିଜ ଖେଳ ଜୀବନରେ ଅନେକ ଥର ଶୂନରେ ଆଉଟ୍ ହୋଇଛନ୍ତି । କିନ୍ତୁ ମାଡ୍ରାସ ଟାଇ ଟେଷ୍ଟ ତାଙ୍କ କୁଖ୍ୟାତିକୁ ଚିର ସ୍ମରଣୀୟ କରି ରଖିଛି ।

## ଟିମ୍ ଇଣ୍ଡିଆର ବିଶ୍ୱ ରେକର୍ଡ

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍ ଇତିହାସରେ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ସୃଷ୍ଟି କରିଛି ଏକ ନୂଆ ଇତିହାସ । ଜାପାନ ବିପକ୍ଷ ରୋମାଞ୍ଚକର ମୁକାବିଲାରେ ମାତ୍ର ୨ ରନରେ ବିଜୟୀ ହୋଇ ଟିମ୍ ଇଣ୍ଡିଆ ନିଜ ନାମରେ ଏକ ବିଶ୍ୱ ରେକର୍ଡ଼କରିଛି । ପୁରୁଷ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୨୦୦ଟି ମ୍ୟାଚ୍ ଜିତିବାର ଗୌରବ ହାସଲ କରିବାରେ ଭାରତ ବିଶ୍ୱର ପ୍ରଥମ ଦେଶ ପାଲଟିଛି । ଏହି ତାଲିକାରେ ସୁପର ଓଭରରେ ମିଳିଥିବା ସଫଳତା ମଧ୍ୟ ସାମିଲ ରହିଛି । ଭାରତୀୟ କ୍ରିକେଟ୍ ଦଳର ଏହି ସଫଳତା ସହ ଏକ ରୋଚକ ତଥ୍ୟ ଯୋଡ଼ି ହୋଇରହିଛି । ଟିମ୍ ଇଣ୍ଡିଆ ନିଜର ପ୍ରଥମ, ୫୦ତମ, ୧୦୦ତମ, ୧୫୦ତମ ଏବଂ ଏବେ ୨୦୦ତମ ମାଇଲଷ୍ଟୋନ୍ ମ୍ୟାଚରେ ବିଜୟ ହାସଲ କରିଛି । ଭାରତ ୨୦୦୬ ଡିସେମ୍ବର ୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନିଜର ପ୍ରଥମ ଟି-୨୦ ମ୍ୟାଚ୍ ୬ ୱିକେଟରେ ଜିତିଥିଲା । ଏହାପରେ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ୫୦ତମ ବିଜୟ (୭ ୱିକେଟ୍), ୨୦୨୨ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୦୦ତମ ବିଜୟ (୮ ରନ୍) ଏବଂ ୨୦୨୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୫୦ତମ ବିଜୟ (୨୪ ରନ୍) ହାସଲ କରିଥିଲା । ଏବେ ୨୦୨୬ରେ ଜାପାନକୁ ହରାଇ ନିଜର ୨୦୦ତମ ବିଜୟ ସହ ଇତିହାସ ରଚିଛି ।

# ଅବସର ନେଲେ ଇନଗ୍ରାମ

ନୂଆଦିଲ୍ଲୀ, ୨୨।୯: ଦକ୍ଷିଣ ଆଫ୍ରିକା ପାଇଁ ପ୍ରାୟ ଏକ ଦଶନ୍ଧି ପୂର୍ବ ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ବ୍ୟାଟର କୋଲିନ ଇଙ୍ଗ୍ରାମ ୪୧ ବର୍ଷ ବୟସରେ ବୃତ୍ତିଗତ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ପ୍ରାୟ ଦୁଇ ଦଶନ୍ଧି ଧରି ମଇଦାନରେ ସକ୍ରିୟ ରହିଥିବା ଇଙ୍ଗ୍ରାମ କେବଳ ଆନ୍ତର୍ଜାତୀୟ କ୍ରିକେଟ ନୁହେଁ, ବରଂ ବିଶ୍ୱର ବିଭିନ୍ନ ପ୍ରମୁଖ ଟି୨୦ ଲିଗ୍‌ରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ଏହି ଖେଳରୁ ସମ୍ପୂର୍ଣ୍ଣ ଦୂରେଇ ଯିବେ ନାହିଁ; ବରଂ କୋଚିଂ ମାଧ୍ୟମରେ ଖେଳ ସହିତ ଜଡ଼ିତ ରହିବାକୁ ଯୋଜନା କରିଛନ୍ତି ।



ଇଙ୍ଗ୍ରାମ ସୋସିଆଲ ମିଡିଆରେ ନିଜର ଅବସର ଘୋଷଣା କରିଥିଲେ । ୱାରୱିକସାୟାର ବିପକ୍ଷରେ ଗ୍ଲାମୋର୍ଗାନ ପାଇଁ କାଉଣ୍ଟି ଚାମ୍ପିୟନସିପ ଡିଭିଜନ-୧ ମ୍ୟାଚ ଖେଳିବାର ପ୍ରାୟ ଦୁଇ ସପ୍ତାହ ପରେ ସେ ଏହି ନିଷ୍ପତ୍ତି ନେଇଥିଲେ । ସେହି ମ୍ୟାଚ୍‌ରେ ସେ ଯଥାକ୍ରମେ ୧୯ ଏବଂ ୫ ରନ ସଂଗ୍ରହ କରିଥିଲେ । ତଥାପି, ସମଗ୍ର ସିଜିନ୍‌ରେ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା । ସେ ୧୨ଟି ମ୍ୟାଚ୍‌ରେ ୩୧.୪୦ ହାରାହାରି ସହ ୬୨୮ ରନ ସଂଗ୍ରହ କରିଥିଲେ । ଇଙ୍ଗ୍ରାମ ଲେଖିଛନ୍ତି ଯେ, କିପରି ଏକ କୃଷକ ପରିବାରର ଲାଜକୁଳା ପିଲା ଭାବରେ ସେ ଦିନେ ନିଜର ପ୍ରିୟ ଖେଳ ଖେଳିବାର ସ୍ୱପ୍ନ ଦେଖିଥିଲେ । ସେ ୨୦ ବର୍ଷରୁ ଅଧିକ ସମୟ ଧରି ସେହି ସ୍ୱପ୍ନକୁ ବାସ୍ତବ ରୂପ ଦେବାକୁ ଏକ ସୌଭାଗ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ବ୍ୟାଟିଂ ପ୍ରତି ନିଜର ଆଗ୍ରହ ବିଷୟରେ କହିବାକୁ ଯାଇ ସେ ଏହାକୁ ଏକ କଳା ସହିତ ତୁଳନା କରିଛନ୍ତି, ଯେଉଁଥିରେ ବ୍ୟାଟ ତାଙ୍କ ପାଇଁ ଏକ 'ପେଣ୍ଟବ୍ରଶ' ଭଳି କାମ କରିଛି । ସେ ୨୦୧୩ ନଭେମ୍ବର ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର 'ହ୍ୱାଇଟ-ବଲ' (ସୀମିତ ଓଭର) ଦଳର ଅଂଶ ଥିଲେ । ଏହି ସମୟ ମଧ୍ୟରେ, ସେ ୩୧ଟି ଦିନିକିଆ ମ୍ୟାଚ୍‌ରେ ୩୨.୪୨ ହାରାହାରି ମୋଟ ଉପରେ, ଇଙ୍ଗ୍ରାମ ୩୭୮ଟି ଟି-୨୦ ମ୍ୟାଚ ଖେଳି ୧୩୮.୫୦ ଷ୍ଟ୍ରାଇକ ରେଟ ସହ ୯,୦୧୭ ରନ ସଂଗ୍ରହ କରିଥିଲେ । ଏହି ସମୟ ମଧ୍ୟରେ, ସେ ଜଣେ ସଫଳ ଟି-୨୦ ଫ୍ରିଲାନ୍ସର୍ ଭାବରେ ବିଭିନ୍ନ ଦେଶର ଲିଗ୍ ଗୁଡ଼ିକରେ ଖେଳିଥିଲେ ।

# ପିଚ୍ ରୋଲର୍ ତଳେ ପୂର୍ବତନ ଇଂଲଣ୍ଡ ଫୁଟବଲର୍

ଇଂଲଣ୍ଡ, ୨୨।୯: ଫୁଟବଲ୍ ପଡ଼ିଆରେ ଅଭ୍ୟାସ ସମୟରେ ଘଟିଛି ଏକ ଅଜବ ଓ ଭୟଙ୍କର ଘଟଣା । ଥାଇ ଲିଗ୍-୧ରେ ଖେଳୁଥିବା ପୂର୍ବତନ ଇଂଲଣ୍ଡ ଅନ୍ତର୍ଜାତୀୟ ଫୁଟବଲର୍ ଆଣ୍ଡରୋସ୍ ଟାଉନସେଣ୍ଡ ପିଚ୍ ରୋଲର୍ ତଳେ ଚାପି ହୋଇଯାଇଥିଲେ । ତେବେ ଭାଗ୍ୟବଶତଃ ସେ ଗୁରୁତର ଆହତ ହୋଇନାହାନ୍ତି । ଘଟଣା ପରେ ମଧ୍ୟ ସେ ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ପଡ଼ିଆକୁ ଓହ୍ଲାଇଥିଲେ ।



୩୫ ବର୍ଷୀୟ ଟାଉନସେଣ୍ଡ ବର୍ତ୍ତମାନ ଥାଇ ଲିଗ୍-୧ କ୍ଲବ୍ ପିଟି ପ୍ରଚୁଆପ୍ ପକ୍ଷରୁ ଖେଳୁଛନ୍ତି । ଶନିବାର ରାତିରେ ପାଟାନି ବିପକ୍ଷ ମ୍ୟାଚ୍ ପୂର୍ବରୁ ଦଳର ଖେଳାଳିମାନେ ଅଭ୍ୟାସ କରୁଥିବା ବେଳେ ଏହି ଘଟଣା ଘଟିଥିଲା । ପରେ ଘଟଣାର ଭିଡିଓ ସୋସିଆଲ୍ ମିଡିଆରେ ଛାଇଯାଇଥିଲା ।

ଭିଡିଓରେ ଦେଖାଯାଉଛି, ଟାଉନସେଣ୍ଡ ଏକ ବଲ୍‌କୁ ନେଇ ଏରିଆଲ୍ ବ୍ୟାକହିଲ୍ କରିବାକୁ ଚେଷ୍ଟା କରୁଥିଲେ । ବଲ୍ ପାଇଁ ଚେଷ୍ଟା କରିବା ପରେ ସେ ତଳକୁ ଅବତରଣ କରିବା ସମୟରେ ପିଚ୍ ରୋଲର୍‌ର ରାସ୍ତାରେ ପଡ଼ିଯାଇଥିଲେ । ଠିକ୍ ସେହି ସମୟରେ ରୋଲରଟି ଆଗକୁ ବଢ଼ି ତାଙ୍କ ଗୋଡ଼ ଉପରେ ଚାଲିଯାଇଥିଲା । ଘଟଣା ସମୟରେ ତାଙ୍କ ସାଥୀ ଖେଳାଳିମାନଙ୍କ ଚିତ୍କାର ଶୁଣିବାକୁ ମିଳିଥିଲା । କେତେକ ଖେଳାଳି ଘଟଣା ଦେଖି ମୁଣ୍ଡରେ ହାତ ଦେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ।

ତେବେ ଟାଉନସେଣ୍ଡଙ୍କ ଆଘାତ ଗୁରୁତର ହୋଇନଥିଲା । ସେ ନିଜେ ମଧ୍ୟ ଘଟଣାକୁ ହାସ୍ୟତାର ସହିତ ନେଇଥିଲେ । ସୋସିଆଲ୍ ମିଡିଆରେ ଭିଡିଓଟିକୁ ପୁନଃ ପୋଷ୍ଟ କରି ସେ "ଗବଲର ସସ୍ପ କ୍ଷକ୍ଟକ୍ଷଲ କ୍ଷସଲର ବଭ ବମମସୟରଭସ୍ପ" ବୋଲି ଲେଖିବା ସହ ହସୁଥିବା ଇମୋଜି ଦେଇଥିଲେ । ନିଜ ଷ୍ଟୋରିରେ ମଧ୍ୟ ଘଟଣାକୁ ନେଇ ସେ ମଜା କରିଥିଲେ । ଘଟଣାର କିଛି ସମୟ ପରେ ଟାଉନସେଣ୍ଡ ପୁଣି ଖେଳିବାକୁ ସକ୍ଷମ ହୋଇଥିଲେ । ପିଟି ପ୍ରଚୁଆପ୍ ପାଟାନିକୁ ୩-୦ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ଟାଉନସେଣ୍ଡ ଷ୍ଟପେଜ୍ ଟାଇମ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ଆସିଥିଲେ । ଏହା ତାଙ୍କ ଶାରୀରିକ ସ୍ଥିତି ସମ୍ପର୍କରେ ଆଶ୍ୱସ୍ତି ଦେଇଥିଲା ।

ଟାଉନସେଣ୍ଡ ଇଂଲଣ୍ଡ ପକ୍ଷରୁ ୧୩ଟି ମ୍ୟାଚ୍ ଖେଳିଛନ୍ତି । କ୍ଲବ୍ ଫୁଟବଲ୍‌ରେ ସେ ଟଟେନହାମ୍ ହଟସ୍ପର୍ ଓ କ୍ରିଷ୍ଟାଲ୍ ପାଲେସ୍ ଭଳି ପ୍ରମୁଖ କ୍ଲବ୍‌ରେ ମଧ୍ୟ ଖେଳିଛନ୍ତି । ଗତ ଅଗଷ୍ଟରେ ସେ କାଞ୍ଚନାବୁରି ପାୱାର୍‌ରୁ ପିଟି ପ୍ରଚୁଆପ୍‌ରେ ଯୋଗ ଦେଇଥିଲେ । କାଞ୍ଚନାବୁରି ପାୱାର୍ ସେହି ସିଜନ୍‌ରେ ରେଲିଗେଟ୍ ହୋଇଥିଲା । ପିଚ୍ ରୋଲର୍ ତଳେ ଚାପି ହେବା ପରେ ମଧ୍ୟ ଟାଉନସେଣ୍ଡଙ୍କ ଏଭଳି ହାସ୍ୟରସାତ୍ମକ ପ୍ରତିକ୍ରିୟା ଓ କିଛି ସମୟ ପରେ ପଡ଼ିଆକୁ ଫେରିବା ଘଟଣାଟିକୁ ଅଧିକ ଚର୍ଚ୍ଚିତ କରିଛି ।

# ୧୨ ବର୍ଷ ପରେ ପଦକ ଜିତିଲା ପାକିସ୍ତାନ



ନୂଆଦିଲ୍ଲୀ, ୨୨/୦୯; ୨୦ତମ ଏସୀୟ କ୍ରୀଡ଼ାରେ ଖେଳାଯାଇଥିବା ମହିଳା କ୍ରିକେଟର ବ୍ରୋଞ୍ଜ ପଦକ ମ୍ୟାଚରେ ପାକିସ୍ତାନ ବାଂଲାଦେଶକୁ ପରାସ୍ତ କରିଛି । ୧୨ ବର୍ଷ ପରେ ଏସିଆନ୍ ଗେମ୍ସରେ ପାକିସ୍ତାନ ବାଂଲାଦେଶକୁ ୩୧ ରନରେ ପରାସ୍ତ କରି ବ୍ରୋଞ୍ଜ ପଦକ ଜିତିଛି । ଏହି ବିଜୟରେ ପାକିସ୍ତାନର ଅଧିନାୟିକା ଫାତିମା ସାନା ପ୍ରମୁଖ ଯୋଗଦାନ ଦେଇଛନ୍ତି । ୨୦୧୪ରେ ପାକିସ୍ତାନ ମହିଳା କ୍ରିକେଟରେ ପଦକ ଜିତିଥିଲା । ୧୨ ବର୍ଷ ପରେ ଦଳ ପଦକ ହାତେଇଛି । ୧୨ ବର୍ଷ ତଳେ ବାଂଲାଦେଶକୁ ହରାଇ ପଦକ ଜିତିଥିଲା ଏବେ ବି ବାଂଲାଦେଶକୁ ହରାଇ ବିଜୟୀ ହୋଇ ହିସାବ ବରାବର କରିଛି ଟିମ୍ ଫାତିମା । ବାଂଲାଦେଶକୁ ପରାସ୍ତ କଲା ପାକିସ୍ତାନ – ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ବାଂଲାଦେଶ ସାମ୍ନାରେ ୨୦ ଓଭରରେ ୧୪୬ ରନ୍ ର ଲକ୍ଷ୍ୟ ରଖିଥିଲା । ତେବେ ବାଂଲାଦେଶ ମହିଳା ଦଳ ୨୦ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୧୧୪ ରନ୍ କରିପାରିଥିଲା । ବାଂଲାଦେଶ ପକ୍ଷରୁ ଶର୍ମିନ ଅଖତର ସର୍ବାଧିକ ୪୬ ରନ୍ କରିଥିଲେ । ସେହିପରି ଅଧିନାୟକ ନିଗାର ସୁଲତାନା ୨୫ ରନ୍ କରିଥିଲେ । ତେବେ ଏହି ଦୁଇଜଣଙ୍କୁ ଛାଡ଼ି ଅଧିକାଂଶ ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚି ପାରିନଥିଲେ । ଓପନର ଦିଲାରା ଅକ୍ତର ୧୨ ରନ୍ କରିଥିଲେ ମଧ୍ୟ ସେଗୁଡ଼ିକ ଯଥେଷ୍ଟ ନଥିଲା । ବ୍ରୋଞ୍ଜ ପଦକ ମ୍ୟାଚରେ ପାକିସ୍ତାନର ବୋଲିଂ ବିଷୟରେ କହିବାକୁ ଗଲେ ଉମ-ଏ-ହନି ୪ ଓଭରରେ ୧୦ ରନ୍ ଦେଇ ୩ ୱିକେଟ୍ ନେଇଥିଲେ । ଏମାନଙ୍କ ବ୍ୟତୀତ ନଶ୍ରା ସାନ୍ଧୁ, ତୁବା ହାସନ, ତସମିଆ ରୁବାବ ଓ ଅଧିନାୟିକା ଫାତିମା ସାନା ୧-୧ ୱିକେଟ୍ ନେଇଥିଲେ ।

ଫାତିମା ସାନାଙ୍କ ଅଧିନାୟକତ୍ୱରେ ବିଜୟ- ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୫ ରନ୍ କରିଥିଲା । ସେଥିରୁ ୪୫ ରନ୍ କେବଳ ପାକିସ୍ତାନ ଅଧିନାୟିକା ଫାତିମା ସାନା ହାସଲ କରିଥିଲେ । ସେ ପାକିସ୍ତାନ ଦଳର ସବୁଠାରୁ ସଫଳ ବ୍ୟାଟର ଥିଲେ । ସେ ୩୦ ଟି ବଲରେ ୩ ଟି ଛକା ଏବଂ ଅନେକ ଚୌକା ସାହାଯ୍ୟରେ ଏହି ରନ୍ କରିଥିଲେ । ଫାତିମା ସାନାଙ୍କ ବ୍ୟତୀତ ଗୁଲ୍ ଫିରୋଜା ୩୧ ରନ୍ କରିଥିବା ବେଳେ ଆଲିଆ ରିଆଜ୍ ୨୫ ରନ୍ କରିଥିଲେ । ଏହି ବ୍ୟାଟରଙ୍କ ଆଧାରରେ ପାକିସ୍ତାନ ୧୪୦ରୁ ଅଧିକ ସ୍କୋରର କରିପାରିଥିଲା ।

୧୨ ବର୍ଷ ପରେ ପଦକ- ପାକିସ୍ତାନ ମହିଳା ଦଳ ବାଂଲାଦେଶକୁ ପରାସ୍ତ କରି ୧୨ ବର୍ଷ ପରେ ଏସୀୟ କ୍ରୀଡ଼ା କ୍ରିକେଟରେ ପଦକ ଜିତିଛି । ୨୦୧୪ ଏସୀୟ କ୍ରୀଡ଼ାରେ ମହିଳା କ୍ରିକେଟ୍ ଦଳ ସ୍ୱର୍ଣ୍ଣ ପଦକ ଆକାରରେ ପାକିସ୍ତାନ ଶେଷ ପଦକ ଜିତିଥିଲା । ସେହି ଏସୀୟ କ୍ରୀଡ଼ାରେ ଭାରତୀୟ ମହିଳା ଦଳ ଅଂଶଗ୍ରହଣ କରିନଥିଲେ । ୨୦୧୮ରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ କ୍ରିକେଟ୍ ଖେଳାଯାଇ ନଥିଲା । ୨୦୨୩ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ମ୍ୟାଚରେ ବାଂଲାଦେଶ ପାକିସ୍ତାନକୁ ପରାସ୍ତ କରିଥିଲା । ଏଥର ପାକିସ୍ତାନ ମହିଳା ଦଳ ବାଂଲାଦେଶ ସହ ହିସାବ ବରାବର କରିଛି । ସେପଟେ ଗୋଲ୍ଡ ପଦକ ପାଇଁ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଆରମ୍ଭ ହୋଇଛି । ଟସ୍ ଜିତି ଶ୍ରୀଲଙ୍କା ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଛି । ଭାରତୀୟ ମହିଳା ଦଳ ପ୍ରଥମ ବୋଲିଂ କରିବ ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,